

ପୁଣି ଫେରିବ ରଣବୀର-ଆଦିତ୍ୟ ଯୋଡ଼ି

▸ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in


# ସକାଳ THE SAKALA



PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-69 ◆TUESDAY ◆2 SEPTEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୬୯ ◆ମଙ୍ଗଳବାର ◆୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ନୂଆ ରେକର୍ଡ ସ୍ତରରେ ସୁନା ଓ ରୁପା ଦର

**୧୦ ଗ୍ରାମ୍ ପିଛା ୧.୦୫ ଲକ୍ଷ ଟପିଲା**

**ରୁପା କିଲୋ ୧.୨୮ ଲକ୍ଷ ଉପରେ**



■ **ଭୁବନେଶ୍ୱର, ୧।୯ (ଏଜେନ୍ସି):** ସୁନା ଏବେ ଅମୂଲ ମୂଲ। ଦିନକୁ ନୂଆ ନୂଆ ରେକର୍ଡ ସ୍ତରରେ ପହଞ୍ଚୁଛି ଏହି ହଳଦିଆ ଧାତୁ। ହେଲେ ଏଥିରେ ରୁପା ବି ପଛରେ ପଡ଼ିନି। ଏବେ ସୁନା ସହ ରୁପା ଦର ମଧ୍ୟ ସବୁ ପୁରୁଣା ରେକର୍ଡ ଭାଙ୍ଗିଛି। ସୋମବାର ଘରୋଇ ବଜାରରେ ସୁନା ଦର ୧.୦୫ ଲକ୍ଷ ଟଙ୍କା ଅତିକ୍ରମ କରି ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି। ଏମ୍ସିଏକ୍ସରେ ସୁନା ମୂଲ୍ୟ ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି ପ୍ରଥମ ଥର ପାଇଁ ପ୍ରତି ୧୦ ଗ୍ରାମ ୧,୦୫,୭୨୯ ଟଙ୍କାର ନୂତନ ସର୍ବୋଚ୍ଚ ସ୍ତର ଛୁଇଁଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୫,୮୭୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୭ଲ,୦୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୨୮,୯୦୦ ଟଙ୍କା ସ୍ତର ଟପି ନୂଆ ଇତିହାସ ରଚିଛି। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ୍ ରିଜର୍ଭ ଦ୍ୱାରା ନୀତିଗତ ସୁଧ ହାରରେ ହ୍ରାସ ▸ପୃଷ୍ଠା-୭

## ଲିଭ ଇନ୍ ପାର୍ଟନରଙ୍କୁ ଜିଅନ୍ତା ଜାଳି ହତ୍ୟା

**ଅଭିଯୁକ୍ତ ଗିରଫ**



■ **ବେଙ୍ଗାଲୁରୁ, ୧।୯ (ଏଜେନ୍ସି):** କର୍ଣ୍ଣାଟକର ବେଙ୍ଗାଲୁରୁରେ ଶନିବାର ଏକ ଭୟଭିତ କଳାଭଳି ଅପରାଧ ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ନିଜ ଲିଭ୍-ଇନ୍ ପାର୍ଟନରଙ୍କୁ ଜିଅନ୍ତା ଜାଳିଦେଇଛନ୍ତି। ଅଭିଯୁକ୍ତ କାର୍‌ରେ ବସିଥିବା ପାର୍ଟନରଙ୍କର ପିଛା କରିଥିଲେ। ସିଗ୍‌ନାଲରେ କାରକୁ ଅଟକାଇ ବ୍ୟକ୍ତି ଜଣକ ଏହି କାଣ୍ଡ ଘଟାଇଥିଲେ। କାରରେ ମୋଟ ୩ ଜଣ ଲୋକ ବସିଥିଲେ। ମହିଳା ଜଣକ କାରରୁ ଓହ୍ଲାଇ ଦୌଡ଼ିଥିଲେ ମଧ୍ୟ ଅଭିଯୁକ୍ତ ତାଙ୍କୁ ପିଛା କରିଥିଲେ ଓ ତାଙ୍କ ଉପରେ ପେଟ୍ରୋଲ ଢ଼ାଳି ଲାଇଟର ଯୋଗେ ନିଆଁ ଲଗାଇଥିଲେ। ମହିଳାଙ୍କ ଶରୀରର ୬୦ ପ୍ରତିଶତ ଜଳିଯାଇଥିଲା। ହସ୍ପିଟାଲରେ ଚିକିତ୍ସା ଅବସରରେ ସେ ମୃତ୍ୟୁବରଣ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଅଭିଯୁକ୍ତ ହେଉଛନ୍ତି ୫୦ ବର୍ଷୀୟ କ୍ୟାବ ଡ୍ରାଇଭର ଭିଠାଲ। ସେ ଜଣେ ଅଭ୍ୟାସଗତ ମଦ୍ୟପ। ମୃତକ ମହିଳାଙ୍କ ନାମ ▸ପୃଷ୍ଠା-୭

## ଆଫଗାନିସ୍ତାନରେ ପ୍ରଚଣ୍ଡ ଭୂକମ୍ପ

# ୧୦୦୦ରୁ ଊର୍ଦ୍ଧ୍ୱ ମୃତ, ୩୦୦୦ ଆହତ

**ରାତି ଅଧରେ ଥରିଲାଉଠିଲା ସାରା ଦେଶ**

**ମାଟିରେ ମିଶିଗଲେ କୋଠା ସହିତ ଲୋକ**



■ **କାବୁଲ, ୧।୯ (ଏଜେନ୍ସି):** ଆଫଗାନିସ୍ତାନରେ ରବିବାର ମଧ୍ୟରାତିରେ ଭୟଙ୍କର ଭୂକମ୍ପ ହୋଇଛି। ୬.୩ ତୀବ୍ରତାର ଏହି ଭୂକମ୍ପ ବିପର୍ଯ୍ୟୟ ସୃଷ୍ଟି କରିଛି। ଅନେକ ଘର ଦ୍ୱାର ଭାଙ୍ଗି ଆବର୍ଜନାର ପାହାଡ଼ ସୃଷ୍ଟି କରିଛି। ରାତିରେ ଶୋଇଥିବାବେଳେ ଏହି ଭୂକମ୍ପ ଆସିଥିବାରୁ ଅନେକ ଜୀବନହାନି ହୋଇଛି। କେହି କିଛି ବୁଝିବା ଆଗରୁ ବଡ଼ ବଡ଼ କୋଠାବାଡ଼ି ମାଟିରେ ମିଶିଯାଇଛି। ବାହାରକୁ ବାହାରିବାକୁ କାହାକୁ ସମୟ ମିଳି ନ ଥିଲା। ଏହି ଅବଶେଷ ତଳେ ଚାପି ହୋଇ ୧୦୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ୩୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅନେକ ଲୋକ ଫସି ରହିଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଏବେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଏହି ବଡ଼ ଭୂକମ୍ପ ପରେ ରାତା ସାରା ଗୋଟିଏ ପରେ ଗୋଟିଏ ଚାରୋଟି ଭୂକମ୍ପ ଆସିଥିଲା। ଏହା ଲୋକଙ୍କ ସମସ୍ୟାକୁ ବହୁଗୁଣିତ କରିଥିଲା।

ଆମେରିକା ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ ନଙ୍ଗରହାର ପ୍ରଦେଶର ଜଲାଲାବାଦରେ ହୋଇଥିବା ଏହି ଭୂକମ୍ପର ତୀବ୍ରତା ୬.୩ ଥିଲା। ସହରରୁ ୨୭ କିମି ଦୂରରେ ଏହାର କେନ୍ଦ୍ରସ୍ଥଳ ଥିଲା। ଭୂପୃଷ୍ଠରୁ ୮ କିମି ଗଭୀରତାରେ ଏହା ସୃଷ୍ଟି ▸ପୃଷ୍ଠା-୭

## ୨୪ ଘଣ୍ଟାରେ ଲଘୁଚାପ

■ **ଭୁବନେଶ୍ୱର,୧।୯ (ସମିସ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ବର୍ଷାର ପ୍ରଭାବ ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଲଘୁଚାପ ପ୍ରଭାବରେ ଆଗାମୀ ୫ ଦିନ ଯାଏଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ନେଇ ଆକଳନ କରାଯାଇଥିବା ବେଳେ ୨ ଓ ୩ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ୨ ଦିନ ପାଇଁ ସାରା ରାଜ୍ୟକୁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି।

ଅନ୍ୟପଟେ ବର୍ତ୍ତମାନ ଘୂର୍ଣ୍ଣିବଳୟ ସହ ମୌସୁମୀ ଟ୍ରଫ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାର କିଛି କିଛି ▸ପୃଷ୍ଠା-୭

# ଶିକ୍ଷକ ଯୋଗ୍ୟତା ପରୀକ୍ଷା ବାଧ୍ୟତାମୂଳକ


**ପାସ୍ ନ କଲେ ଚାକିରି ଯିବ, ୨୦୧୧ ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କ ପାଇଁ ଲାଗୁ**



**ଓଡ଼ିଶାରେ ୭୫ ହଜାର ଶିକ୍ଷକ ଦେବେ ଓଟିଇଟି**

■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୧।୯ (ସମିସ):** ଶିକ୍ଷକଙ୍କ ପାଇଁ ଯୋଗ୍ୟତା ପରୀକ୍ଷା (ଟିଇଟି) ବାଧ୍ୟତାମୂଳକ କରାଯାଇଛି। ଯେଉଁମାନେ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି, ସେମାନଙ୍କୁ ଦୁଇବର୍ଷ ମଧ୍ୟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ; ଅନ୍ୟଥା ସେମାନଙ୍କୁ ଆଉ ପଦୋନ୍ନତି ମିଳିବ ନାହିଁ। ଏପରିକି ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇ ପାରିବ। ଏନେଇ ସର୍ବୋଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିବା ଏକାଧିକ ମାମଲାର ଶୁଣାଣି କରି ଜଷ୍ଟିସ ଦୀପଙ୍କର ଦତ୍ତା ଓ ଅଗଷ୍ଟିନ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ରାୟ ଦେଇଛନ୍ତି।

ଦୁଇ ଜଣିଆ ଖଣ୍ଡପୀଠ ଆହୁରି କହିଛନ୍ତି ଯେ ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଚାକିରି କାଳ ଆଉ ୫ ବର୍ଷ କିମ୍ବା ତା' ଠାରୁ କମ୍ ରହିଛି, ସେମାନଙ୍କ ପାଇଁ ଟିଇଟି ପରୀକ୍ଷା ବାଧ୍ୟତାମୂଳକ ନୁହେଁ। ହେଲେ ୫ବର୍ଷରୁ ଅଧିକ କାର୍ଯ୍ୟକାଳ ଥିବା ଶିକ୍ଷକ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ। ଟିଇଟି ବିନା ସେମାନଙ୍କ ପଦୋନ୍ନତି ବିଚାରକୁ ନିଆଯିବ ନାହିଁ। ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ସେମାନଙ୍କୁ ଦୁଇ ବର୍ଷ ପ୍ରଦାନ କରାଯିବ। ତନ୍ମଧ୍ୟରେ ସେମାନେ ପାସ୍ କରିବା ବାଧ୍ୟତାମୂଳକ। ଫେଲ୍ ହେଉଥିବା ଶିକ୍ଷକ/ଶିକ୍ଷୟିତ୍ରୀ ଚାକିରି ଛାଡ଼ି ପାରିବେ। ଅନ୍ୟଥା ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ବ୍ୟତୀତ ଅନ୍ୟ ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଏହି ନିୟମ ଲାଗୁ ହେବ। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ▸ପୃଷ୍ଠା-୭



## ୪ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧।୯ (ସମିସ):** ସୋମବାରଠାରୁ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ସେମିକନ ଇଣ୍ଡିଆ ୨୦୨୫ ସମ୍ମିଳନୀ ଓ ୫୬ତମ ଜିଏସଟି ପରିଷଦ ସମ୍ମିଳନୀରେ ମଧ୍ୟ ଯୋଗ ଦେବେ। ତେବେ ମୁଖ୍ୟମନ୍ତ୍ରୀ ଏହି ୪ ଦିନିଆ ଗସ୍ତ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ସାଂଗଠନିକ ବ୍ୟାପାର ସମ୍ପର୍କରେ ମଧ୍ୟ ଆଲୋଚନା ହେବ ବୋଲି ସୂଚନା ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଭେଟିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

**ମନ୍ତ୍ରିମଣ୍ଡଳ ପୁନର୍ଗଠନ ନେଇ ହୋଇପାରେ ନିଷ୍ପତ୍ତି**

**ସଂଗଠନ ସମ୍ପର୍କରେ ମଧ୍ୟ ହେବ ଆଲୋଚନା**



ରାଜ୍ୟରେ ବିଜେପି ସରକାରକୁ ୧୪ ମାସ ପୂରି ୧୫ ମାସ ଚାଲୁଥିଲେ ହେଁ ଏଯାବତ୍ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହୋଇପାରିଲା ନାହିଁ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକାଧିକ ଥର ଦିଲ୍ଲୀଗସ୍ତରେ ଯାଇ ଏନଇ ଉଦ୍ୟମ କରିଥିଲେ ହେଁ ତାହା ଫଳପ୍ରଦ ହୋଇପାରି ନାହିଁ। ଶେଷ ମୁହୂର୍ତ୍ତରେ ମୋହନ-ମନମୋହନଙ୍କ ଉଦ୍ୟମ ଫସର ଫାଟିଥିବା ବେଳେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ▸ପୃଷ୍ଠା-୭

## ୨ କଲରାପତରିଆ ବାଘ ଛାଲ ଜବତ, ୪ ଗିରଫ



■ **ରାୟଗଡ଼ା, ୧।୯ (ସମିସ):** ରାୟଗଡ଼ା ବନ ବିଭାଗ ସହାୟତାରେ ମୁମ୍ବାଇସ୍ଥିତ ଡାଇରେକ୍ଟର ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ ବିଭାଗ ଆଜି ରାୟଗଡ଼ା ଜିଲ୍ଲା କୋଲନରା ଅଞ୍ଚଳରୁ ୨ଟି କଲରାପତରିଆ ବାଘଛାଲ ଜବତ ସହ ୪ଜଣଙ୍କୁ ଗିରଫ କରିଛି। ଗିରଫ ୨ଜଣ ରାୟଗଡ଼ ଜିଲ୍ଲାର ହୋଇଥିବା ବେଳେ ଅନ୍ୟ ୨ ଜଣ ମହାରାଷ୍ଟ୍ର ରାଜ୍ୟର ବୋଲି ଜଣାପଡ଼ିଛି। ରାୟଗଡ଼ା ରେଞ୍ଜର୍ କାମେଶ୍ୱର ▸ପୃଷ୍ଠା-୭

## ରାଜ୍ୟ ସ୍ୱାସ୍ଥ୍ୟ ସେବାର ବିକଳ ଛବି

# ଅକ୍ସିଜେନ ଅଭାବରୁ ମହିଳା ମୃତ



**ବିନା ଅକ୍ସିଜେନ୍‌ରେ ସେବାକୁ ନେଇ ଉତ୍ତେଜନା**

**ଆମ୍ବୁଲାନ୍ସ କାଚ ଭାଙ୍ଗିଦେଲେ ଉତ୍ତ୍ୟକ୍ତ ଲୋକେ**

■ **ଜଗତସିଂହପୁର, ୧।୯ (ସମିସ):** ଏକ ସମୟରେ ସାରା ଦେଶକୁ ଅକ୍ସିଜେନ୍ ଯୋଗାଉଥିଲା ଓଡ଼ିଶା। କୋଭିଡ୍ କାଳରେ ସାରା ଦେଶର ରୋଗୀ ଅକ୍ସିଜେନ୍ ଅଭାବରେ ଛଟପଟ ହେଉଥିବା ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ରାଜ୍ୟକୁ ଅକ୍ସିଜେନ୍ ପଠାଇ ଲକ୍ଷଲକ୍ଷ ରୋଗୀଙ୍କ ଜୀବନ ରକ୍ଷା କରିବାକୁ ସମର୍ଥ ହୋଇଥିଲେ। ମାତ୍ର ବିଡ଼ମ୍ବନା ହେଉଛି, ଏବେ ଓଡ଼ିଶାରେ ରୋଗୀ ଅକ୍ସିଜେନ୍ ଅଭାବରୁ ମୃତ୍ୟୁର ଶିକାର ହେଉଛନ୍ତି। ବିନା ଅକ୍ସିଜେନ୍‌ରେ ଜଣେ ରୋଗୀଙ୍କୁ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିବା ସମୟରେ ସେ ମୃତ୍ୟୁବରଣ କରିଛନ୍ତି; ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। କ୍ରୋଧାନ୍ୱିତ ହୋଇ ଲୋକମାନେ ଆମ୍ବୁଲାନ୍ସକୁ ଭଙ୍ଗାରୁଜା କରିଥିବା ମଧ୍ୟ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅଁଳା ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମର ବରିଷ୍ଠ ଆଇନଜୀବୀ ପୀତାମ୍ବର ପଣ୍ଡାଙ୍କ ପତ୍ନୀ କମଳା ପଣ୍ଡା ଗତକାଲି ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। '୧୦୮' ଆମ୍ବୁଲାନ୍ସ କିମ୍ବା ଚିକିତ୍ସାଳୟରେ ସେବା ▸ପୃଷ୍ଠା-୭





# ନେତା ଯେଉଁଠି ପଶୁଛନ୍ତି, ସେଇଠି ନିଆଁ ଲଗାଉଛନ୍ତି

## ରାଜନୀତିରେ ସତ କହିବା ମନା

## ଅନ୍ୟକୁ ବୋକା ବନାଉଥିବା ଲୋକ ଭଲ ନେତା ହୁଅନ୍ତି

ନୂଆଦିଲ୍ଲୀ, ୧।୯ (ଏଜେନ୍ସି):ଧର୍ମ କାମରୁ ନେତାମନ୍ତ୍ରୀଙ୍କୁ ଦୂରେଇ ରଖିବା ପାଇଁ ଲୋକଙ୍କୁ ନିବେଦନ କରିଛନ୍ତି କେନ୍ଦ୍ର ସଡ଼କ ପରିବହନମନ୍ତ୍ରୀ ନିତିନ ଗଡ଼କରୀ। ଧର୍ମ ଆଳରେ ରାଜନୀତି ସମାଜ ପାଇଁ କ୍ଷତିକାରକ ବୋଲି ସେ କହିଛନ୍ତି। ରବିବାର ନାଗପୁରର ମହାନୁଭବ ପନ୍ଥ ସମ୍ମିଳନୀରେ ସାମିଲ ହୋଇ ଗଡ଼କରୀ ଏହି ଟିପ୍ପଣୀ ଦେଇଥିଲେ।

କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ରାଜନୀତିଜ୍ଞ ଯେଉଁଠି ପ୍ରବେଶ କରନ୍ତି, ସେଠାରେ ନିଆଁ ଲଗାଇ ଦିଅନ୍ତି। କ୍ଷମତା ହାତରେ ଧର୍ମକୁ ଦେଲେ କ୍ଷତି ହିଁ ହେବ। ଧର୍ମ କାର୍ଯ୍ୟ, ସମାଜ କାର୍ଯ୍ୟ ଏବଂ ରାଜନୈତିକ କାର୍ଯ୍ୟ ଅଲଗା ହୋଇଥାଏ। ଧର୍ମ ବ୍ୟକ୍ତିଗତ ଶ୍ରଦ୍ଧାର ବିଷୟ। କିଛି ରାଜନୀତିଜ୍ଞ ଏହାକୁ ବ୍ୟବହାର କରିଥାନ୍ତି। ଏଥିଯୋଗୁଁ ବିକାଶ ଏବଂ ନିଯୁକ୍ତି ପ୍ରସଙ୍ଗ ଗୌଣ ପାଲଟି ଯାଏ। ପ୍ରତ୍ୟେକ କ୍ଷେତ୍ରରେ ମୂଲ୍ୟବୋଧର ଗୁରୁତ୍ୱ ରହିଛି। ସତ୍ୟ, ଅହିଂସାର ଭାବ ବଜାୟ ରହିବା ଜରୁରୀ। କିନ୍ତୁ ସେ ଯେଉଁ ରାଜନୀତି କ୍ଷେତ୍ରରେ ଅଛନ୍ତି ସେଠାରେ ସତ କହିବା ମନା। ରାଜନୀତିରେ ଏପରି ଲୋକ ଅଛନ୍ତି ଯେଉଁମାନେ ଆଗ୍ରହ, ନୂତନ ଉତ୍ସାହ ଏବଂ ଆନନ୍ଦର ସହିତ କାମ କରିଥାନ୍ତି। ତେବେ ଯେଉଁମାନେ ଅନ୍ୟମାନଙ୍କୁ ବୋକା ବନାଇବାରେ ସିଦ୍ଧହସ୍ତ ହୁଅନ୍ତି ସେମାନେ ସେତେ ଭଲ ନେତା ପାଲଟି ଯାଆନ୍ତି।

ଜୀବନ ବିଷୟରେ ଉଲ୍ଲେଖ କରି କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ସତ୍ୟ ପାଳନ କରିବା ଉଚିତ। କାହାକୁ ଦୁଃଖ ଦେବା ଅନୁଚିତ। ସମାଜରେ ସଚ୍ଚୋଟତା, ବିଶ୍ୱସନୀୟତା ଏବଂ ସମର୍ପଣ ଭଳି ମୂଲ୍ୟବୋଧ ଅତ୍ୟନ୍ତ ଜରୁରୀ। ତେବେ ବିନା ପରିଶ୍ରମ (ସର୍ଟକଟ)ରେ କିଛି ପାଇବା ପାଇଁ ଆଶା କରିବା ଅନୁଚିତ। କାରଣ ଏପରି ପନ୍ଥା ଆପଣାଇଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିଲେ ବି ସ୍ୱପ୍ନ ଅଧାରେ ରହିଯାଏ।

## ପୁଟିନଙ୍କ କାର୍ ଏକ ଚଳନ୍ତା ଦୁର୍ଗ

ତିଆନ୍‌ଜିନ୍, ୧।୯ (ଏଜେନ୍ସି): ଏସ୍‌ସିଓ ସମ୍ମିଳନୀରେ ନରେନ୍ଦ୍ର ମୋଦୀ ସୋମବାର ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ସାଥି ହୋଇ ତାଙ୍କ କାରରେ ଦ୍ୱିପାକ୍ଷିକ ବୈଠକ ସ୍ଥଳକୁ ଯାଇଥିଲେ। ଏଥିପାଇଁ ମୋଦୀଙ୍କୁ ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ପୁଟିନ ଅପେକ୍ଷା କରିଥିଲେ। ପୁଟିନଙ୍କ ଏହି କାରକୁ 'ଅରୁସ ସେନାଟ୍ ଲିମୋଜିନ୍' କୁହାଯାଇଥାଏ। ଏୟୁ ଓ ରୁଷ୍ ଦୁଇଟି ଶବ୍ଦକୁ ନେଇ ଏହି କାରର ନାମ ଅରୁସ ରଖାଯାଇଛି। ଏୟୁର ଅର୍ଥ ଓରମ ଅର୍ଥାତ ଲାଟିନ୍ ଭାଷାରେ ଏହାର ଅର୍ଥ ସୁନା। ସେହିପରି ରୁଷ୍‌ର ଅର୍ଥ ରୁଷିଆ। ୨୦୧୮ରେ ପୁଟିନଙ୍କ ଚତୁର୍ଥ ଶପଥ ଗ୍ରହଣ ଉତ୍ସବରେ ଏହି କାର୍‌କୁ ପ୍ରଥମଥର ପାଇଁ ବ୍ୟବହାର କରାଯାଇଥିଲା। ଏହି କାରକୁ ରୁଷିଆର ଅରୁସ ମୋଟର୍ସ ତିଆରି କରିଥିଲା। ଆମେରିକା ରାଷ୍ଟ୍ରପତିଙ୍କ କାର୍ ବିଷ୍ଟଠାରୁ ଏହାର ସୁରକ୍ଷା ବୈଶିଷ୍ଟ୍ୟ ଅଧିକ ମଜବୁତ। ସେଥିପାଇଁ ଏହାକୁ 'ଚଳନ୍ତା ଦୁର୍ଗ' କୁହାଯାଏ। ଅରୁସ ସେନାଟ୍ ଲିମୋଜିନ୍' ମାତ୍ର ୬ ସେକେଣ୍ଡ ମଧ୍ୟରେ ଘଣ୍ଟାପ୍ରତି ଶୂନରୁ ୧୦୦ କିମି ବେଗରେ ଗତି କରିପାରିବ। ଏହାର ସର୍ବାଧିକ ଘଣ୍ଟାପ୍ରତି ବେଗ ୨୪୯ କିମି। ଏହି କାର୍ ଗୁଳି ଓ ଗ୍ରେନେଡ ଆକ୍ରମଣକୁ ପ୍ରତିହତ କରିବାର କ୍ଷମତା ରଖୁଛି। ଏଥିରେ ରନ୍- ଫ୍ଲାଟ ଟାୟାର ଲଗା ଯାଇଛି। ୬ ସେମିର ରେନ୍‌ଫୋର୍ସ କାଚ ଲଗାଯାଇଛି। ଏଥିରେ ଜରୁରୀକାଳୀନ ପ୍ରସ୍ଥାନର ବ୍ୟବସ୍ଥା ରହିଛି। ଏହା ଲମ୍ବ ୭ ମିଟର। ଅତିରିକ୍ତ ଅମ୍ଳଜାନ ସହ ଏହି କାର ରାସାୟନିକ ଆକ୍ରମଣକୁ ମଧ୍ୟ ପ୍ରତିହତ କରିପାରିବ।

## ଶାହବାଜ ସରିଫ୍‌ଙ୍କୁ ଅଣଦେଖା

ତିଆନଜିନ୍, ୧।୯ (ଏଜେନ୍ସି): ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେଇଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ ଅଣଦେଖାର ଶିକାର ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏକ ଭିଡିଓରୁ ଏହା ସ୍ପଷ୍ଟ ହୋଇଛି। ଗୋଟେପଟେ ସମ୍ମିଳନୀରେ ବାକି ସବୁ ନେତା ସଂଯମ ଆଚରଣ କରିବା ସହ ଅତ୍ୟନ୍ତ ସହଜ ଭାବେ ଦେଖାଯାଉଥିବା ବେଳେ ଶାହବାଜଙ୍କ ହାବଭାବ ଭିନ୍ନ ମନେ ହେଉଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଫଟୋ ସେସନ ପରେ ଏକାଠି ଯାଉଥିଲେ। ଏତିକିବେଳେ ପଛରୁ ଶାହବାଜ ଅଚାନକ ମାଡି ଆସି ପୁଟିନଙ୍କ ସହ ହାତ ମିଳାଇବାକୁ ପ୍ରୟାସ କରୁଥିବାର ଭିଡିଓରେ ଦେଖାଯାଇଛି। ଶାହବାଜଙ୍କ ଏଭଳି ଆଚରଣକୁ ପାକିସ୍ତାନରେ ଲୋକେ ନାପସନ୍ଦ କରିଛନ୍ତି। ଏହି ସମ୍ମିଳନୀରେ ତାଙ୍କ ହାବଭାବ ପରିହାସର ପାତ୍ର ହୋଇଛି ବୋଲି କୁହାଯାଇଛି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଜିନ୍‌ପିଙ୍ଗ ଓ ପୁଟିନ ପରସ୍ପର ସହ ଅତ୍ୟନ୍ତ ଆତ୍ମୀୟତାର ସହ ଆଲୋଚନା କରୁଥିବାର ଦେଖାଯାଇଥିଲା। ଏହି ସମୟରେ ଶାହବାଜ ପଛରେ ଛିଡ଼ା ହୋଇଥିଲେ। ଏହା ପୂର୍ବରୁ ମୋଦୀ ଏବଂ ପୁଟିନ ଏକାଠି ହାତ ଯାଉଥିବାବେଳେ ଶାହବାଜ ଉଭୟଙ୍କୁ ଚାତକ ପରି ଚାହିଁ ରହିଥିଲେ। ସେ ସମ୍ମିଳନୀରେ ଭାରତକୁ ସମାଲୋଚନା କରିଥିଲେ ମଧ୍ୟ ସଦସ୍ୟ ରାଷ୍ଟ୍ର ଏହାକୁ ହାଲ୍‌କାରେ ନେଇଥିଲେ।

## ସରକାରୀ ବାସଭବନ ଛାଡ଼ିଲେ ପୂର୍ବତନ ଉପ-ରାଷ୍ଟ୍ରପତି ଧନଖଡ଼

ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ପୂର୍ବତନ ରାଷ୍ଟ୍ରପତି ଜଗଦୀପ ଧନଖଡ ତାଙ୍କ ସରକାରୀ ବାସଭବନ ଛାଡ଼ିଛନ୍ତି। ସେ ଦକ୍ଷିଣ ଦିଲ୍ଲୀ ଛତାରପୁରସ୍ଥିତ ଆଇଏନ୍‌ଏଲଡି ନେତା ଅଭୟ ଚୌତାଲାଙ୍କ ଫାର୍ମ ହାଉସକୁ ଯାଇଛନ୍ତି। ଧନଖଡ ପାଖାପାଖି ମାସେ ହେବ ଉପ- ରାଷ୍ଟ୍ରପତ ପଦରୁ ଇସ୍ତଫା ଦେଇଥିଲେ। ଏହା ପରଠାରୁ ତାଙ୍କୁ ସାର୍ବଜନୀନ ସ୍ଥାନରେ ଦେଖିବାକୁ ମିଳି ନ ଥିଲା। ତେଣୁ ତାଙ୍କୁ ଗୃହବନ୍ଦୀ କରି ରଖାଯାଇଥିବା ନେଇ ବିରୋଧୀ ଅଭିଯୋଗ କରିଥିଲେ। ସେ ସଂସଦ ଭବନ ନିକଟରେ ଥିବା ଉପ- ରାଷ୍ଟ୍ରପତିଙ୍କ ବାସଭବନରେ ଏ ପର୍ଯ୍ୟନ୍ତ ରହୁଥିଲେ। ତାଙ୍କୁ ୩୪ ଏପିଜେ ଅବଦୁଲ କଲାମ ଆଜାଦ ମାର୍ଗରେ ଏକ ବଙ୍ଗଳା ଦିଆଯାଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହେବାକୁ ୩ ମାସ ସମୟ ଲାଗିବ। ପୂର୍ବତନ ଉପ- ରାଷ୍ଟ୍ରପତି ହିସାବରେ ୭୪ ବର୍ଷୀୟ ଧନଖଡ ଏକ ନୂଆ ବଙ୍ଗଳ ଦେବାକୁ ବିଭାଗୀୟ ମନ୍ତ୍ରଣାଳୟକୁ ଆବେଦନ କରିସାରିଛନ୍ତି। ଉଲ୍ଲେଖଥାଉ କି, ଧନଖଡ ଜୁଲାଇ ୨୧ରେ ଉପ- ରାଷ୍ଟ୍ରପତି ପଦରୁ ଅଚାନକ ଇସ୍ତଫା ଦେଇ ସମସ୍ତଙ୍କୁ ଚକିତ କରିଥିଲେ।

## ସୁରତ କପଡ଼ା ମିଲ୍‌ରେ ନିଆଁ; ୨ ମୃତ, ୨୦ ଆହତ

ସୁରତ, ୧।୯ (ଏଜେନ୍ସି): ଗୁଜରାଟର ସୁରଜ ଜିଲ୍ଲାର ଜୋଲବା ଗାଁରେ ଥିବା ସନ୍ତୋଷ ଟେକ୍ସଟାଇଲ୍ ମିଲ୍‌ରେ ସୋମବାର ସନ୍ଧ୍ୟାରେ ଏକ ବଡ଼ ଦୁର୍ଘଟଣା ଘଟିଛି। ମିଲ୍‌ରେ ନିଆଁ ଲାଗିବା କାରଣରୁ ୨ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ଜଣ ଆହତ ହୋଇଛନ୍ତି। ରାସାୟନିକ ପଦାର୍ଥ ଥିବା ଏକ ଡ୍ରମ୍ ଫାଟିବା ଫଳରେ ମିଲ୍‌ରେ ନିଆଁ ଚାରିଆଡକୁ ବ୍ୟାପୀ ଯାଇଥିଲା। ଆହତଙ୍କୁ ବାରଡୋଲୀର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାରଡୋଲୀର ଫାୟାର ବିଗ୍ରେଡ୍‌ର ୮ରୁ ୧୦ଟି ଗାଡ଼ି ନିଆଁ ଲିଭାଇବାକୁ ପ୍ରୟାସ ଜାରି ରଖିଛନ୍ତି। କେତେଜଣ ଶ୍ରମିକ ମିଲ ଭିତରେ ଫସି ରହିଛନ୍ତି। ନିଆଁ ଲାଗିବା ପରେ ମିଲ୍ ଭିତରରେ ଶ୍ରମିକମାନେ ଜୀବନ ବଞ୍ଚାଇବାକୁ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ। କେତେଜଣ ଶ୍ରମିକ ଏବେ ମଧ୍ୟ ନିଖୋଜ ରହିଛନ୍ତି।

# ଏସ୍‌ସିଓ ସମ୍ମିଳନୀରେ ଆମେରିକୀୟ ଶୁଳ୍କକୁ ନିନ୍ଦା



ବେଜିଂ, ୧।୯ (ଏଜେନ୍ସି): ଚୀନ୍‌ର ଜିଆନଜିନ୍‌ରେ ଅନୁଷ୍ଠିତ ସାଙ୍ଘାଇ ସହଯୋଗ (ଏସ୍‌ସିଓ) ଶିଖର ସମ୍ମିଳନୀରେ ଭାରତକୁ ବଡ଼ ସଫଳତା ମିଳିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ଉପସ୍ଥିତିରେ ସଦସ୍ୟ ରାଷ୍ଟ୍ରମାନେ ପହଲଗାମ ଆକ୍ରମଣକୁ ନିନ୍ଦା କରିଛନ୍ତି। ମୃତକଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି। ଏସ୍‌ସିଓର ଘୋଷଣାପତ୍ରରେ କୁହାଯାଇଛି ଯେ ଏହି ଆକ୍ରମଣର ଅପରାଧୀ, ପ୍ରୋତ୍ସାହନକାରୀ ଏବଂ ସେମାନଙ୍କୁ ସମର୍ଥନ କରିଥିବା ଲୋକଙ୍କୁ ଦଣ୍ଡ ଦେବା ଜରୁରୀ। ଅନ୍ୟପକ୍ଷରେ ଏହି ସମ୍ମିଳନୀ ଉପରେ ସାରା ବିଶ୍ୱର ନଜର ଥିଲା। ଏଠାରେ ରଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଳିତ ଭାବେ ଆଲୋଚନା କରିଥିଲେ। ଏହି ମଞ୍ଚ ବିଶ୍ୱରେ ଏକ ନୂଆ ବ୍ୟବସ୍ଥା ଗଠନ କରିବ ବୋଲି କୁହାଯାଉଛି। ଶୁଳ୍କ ଯୋଗୁ ଅନେକ ରାଷ୍ଟ୍ର ଆମେରିକାଠାରୁ ଦୂରେଇ ଯାଉଥିବାବେଳେ ଏସ୍‌ସିଓ ମାଧ୍ୟମରେ ବ୍ରିକ୍ସ ରାଷ୍ଟ୍ର ଏକାଠି ହୋଇ ବାଣିଜ୍ୟ କାରବାର ପାଇଁ ନୂଆପନ୍ଥା ଆପଣାଇବାକୁ ଚର୍ଚ୍ଚା କରିଛନ୍ତି। ଚୀନ୍ ରାଷ୍ଟ୍ରପତି ଆମେରିକାକୁ ଆହ୍ୱାନ ଦେଇ ଏକପାଖିଆ ଆଭିମୁଖ୍ୟକୁ ନିନ୍ଦା କରିଛନ୍ତି। ‹ଗ୍ଲୋବାଲ ସାଉଥ›କୁ ପ୍ରାଧାନ୍ୟ ଦେଉଥିବା ବିଶ୍ୱରେ ନୂଆ ସୁରକ୍ଷା ଏବଂ ଆର୍ଥିକ ବ୍ୟବସ୍ଥା ନେଇ ପ୍ରାୟ ୨୦ ରାଷ୍ଟ୍ରମୁଖ୍ୟଙ୍କ ସାମ୍ନାରେ ନିଜ ଆଭିମୁଖ୍ୟ ରଖିଛନ୍ତି। ଏକଚାଟିଆ ନୀତି ଏବଂ କ୍ଷମତା ରାଜନୀତି ବିରୋଧରେ ସ୍ପଷ୍ଟ ନୀତି ଆପଣାଇ ବହୁମୁଖୀ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦେବା ଲାଗି କହିଛନ୍ତି।

ଏହି ସମ୍ମିଳନୀରେ ମୋଦୀ, ପୁଟିନ ଏବଂ ଜିନପିଙ୍ଗଙ୍କ ବନ୍ଧୁତାକୁ ନେଇ ଚର୍ଚ୍ଚା ହେଉଛି। ଆମରିକା ଶୁଳ୍କର ମୁକାବିଲା ପାଇଁ ତିନି ନେତା ଆଲୋଚନା କରିଥିବା କୁହାଯାଉଛି। ଏହାକୁ ତ୍ରିପାକ୍ଷିକ ରଣନୀତି ଭାବେ ଦେଖାଯାଉଛି। ଚୀନ୍ ଗସ୍ତ ଶେଷ କରି ଭାରତ ଫେରିବା ପୂର୍ବରୁ ମୋଦୀ ଏସ୍‌ସିଓ ବୈଠକକୁ ସମ୍ବୋଧନ କରି କହିଥିଲେ ଯେ ଆତଙ୍କବାଦ ବିଶ୍ୱ ପାଇଁ ବିପଦ। ପହଲଗାମ ଆକ୍ରମଣ ଆତଙ୍କବାଦର ସବୁଠାରୁ ଭୟାନକ ରୂପକୁ ଦର୍ଶାଉଛି। ଆତଙ୍କବାଦକୁ ମୁକ୍ତ ସମର୍ଥନ ଦେଉଥିବା କାହିଁକି ସହ୍ୟ କରାଯିବ ବୋଲି ପଚାରି ଥିଲେ। କେବଳ ଯୋଗାଯୋଗ ନୁହେଁ, ବିଶ୍ୱାସ ଏବଂ ବିକାଶ ଦ୍ୱାର ସମ୍ବନ୍ଧ ମଜବୁତ ହୋଇଥାଏ। ସେ ଏସ୍‌ସିଓକୁ ସୁରକ୍ଷା, ଯୋଗାଯୋଗ ଏବଂ ସୁଯୋଗ ଦର୍ଶାଇ ଥିଲେ। ସେହିପରି ସମ୍ମିଳନୀରେ ନାଟୋର ସମ୍ପ୍ରସାରଣ ନ ହେଲେ ୟୁକ୍ରେନ ଯୁଦ୍ଧ ଶେଷ ହୋଇଯିବ ବୋଲି ପୁଟିନ ଉଲ୍ଲେଖ କରିଥିଲେ। ସମ୍ମିଳନୀ ପରେ ଦ୍ୱିପାକ୍ଷିକ ବୈଠକକୁ ଯିବା ପାଇଁ ପୁଟିନ ମୋଦୀଙ୍କୁ ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ। ଉଭୟ ନେତା କାର୍ ଭିତରେ ୪୫ ମିନିଟ ପର୍ଯ୍ୟନ୍ତ ଗୁପ୍ତ ଆଲୋଚନା କରିଥିଲେ। ଦ୍ୱିପାକ୍ଷିକ ବୈଠକରେ ପୁଟିନ ଏବଂ ମୋଦୀ ସମ୍ବନ୍ଧକୁ ଅଧିକ ମଜବୁତ କରାଯିବ ବୋଲି କହିଥିଲେ। ମୋଦୀ କହିଥିଲେ ଯେ କଠିନ ସମୟରେ ଦୁଇ ଦେଶ କାନ୍ଧରେ କାନ୍ଧ ମିଶାଇ ଛିଡ଼ା ହୋଇଛନ୍ତି। ଏହି ସମ୍ବନ୍ଧ କେବଳ ଦୁଇ ଦେଶ ପାଇଁ ନୁହେଁ, ବରଂ ବିଶ୍ୱର ଶାନ୍ତି, ସମୃଦ୍ଧି ଓ ସ୍ଥିରତା ପାଇଁ ଜରୁରୀ।

# ଚୀନ୍, ରୁଷ୍ ସହ ଭାରତର ବନ୍ଧୁତା ଆମେରିକା ପାଇଁ ଅସହ୍ୟ

- ତେଲ ପରେ ଜାତି ରାଜନୀତିରେ ମୁଣ୍ଡ ପୁରାଇଲେ ଟ୍ରମ୍ପଙ୍କ ପରାମର୍ଶଦାତା
- ରୁଷ ତେଲ୍‌ରୁ ଭାରତୀୟ ବ୍ରାହ୍ମଣଙ୍କୁ ଲାଭ; ବହୁମୂଲ୍ୟ ଦେଉଛି ଦେଶ
- ଚୀନ, ରୁଷ୍‌ର ନିକଟତର ହେଲେ ବିଶ୍ୱରେ ଅଶାନ୍ତି ବ୍ୟାପିବ

ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ବିଶ୍ୱରେ ଭାରତର ପ୍ରଭାବ ବୃଦ୍ଧି ପାଇ ଚାଲିଛି। ଦୁନିଆରେ ଦୁଇ ଦୁଇଟି ଯୁଦ୍ଧ ଚାଲିଥିବାବେଳେ ଭାରତୀୟ ଅର୍ଥନୀତିର ପ୍ରଦର୍ଶନ ଭଲ ରହିଛି। କିନ୍ତୁ ଶୁଳ୍କ ଲଗାଇ ବିଶ୍ୱ ବଜାରକୁ ଅସ୍ଥିର କରିଥିବା ଆମେରିକା ପାଇଁ ଏହା ଅସହ୍ୟ ପାଲଟି ଯାଇଛି। ୟୁକ୍ରେନ ଯୁଦ୍ଧ ପାଇଁ ଭାରତକୁ ଦୋଷ ଦେଇ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇ ଥିବା ଆମେରିକା ପାଇଁ ଏସ୍‌ସିଓ ଶିଖର ସମ୍ମିଳନୀ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଚୀନ୍‌ର ଟିଆନଜିନ୍‌ରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମିଲ ହୋଇ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ତିନି ଦେଶ ପାରସ୍ପରିକ ବାଣିଜ୍ୟିକ ଏବଂ ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ବୃଦ୍ଧି କରିବା ପାଇଁ ରାଜି ହୋଇଛନ୍ତି। ବିଶ୍ୱରେ ଶାନ୍ତି, ସମୃଦ୍ଧି ଏବଂ ସ୍ଥିରତା ଲାଗି ଭାରତ, ଚୀନ୍ ଏବଂ ରୁଷ୍ ସମ୍ବନ୍ଧ ଗୁରୁତ୍ୱପୂର୍ଣ୍ଣ ବୋଲି ତିନି ନେତା ପ୍ରକାଶ କରିଛନ୍ତି। ଖାଲି ସେତିକି ନୁହେଁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କର ମୁକାବିଲା କରିବାକୁ ଏହି ସମ୍ମିଳନୀରେ ଆଲୋଚନା ହୋଇଥିବା କୁହାଯାଉଛି। କିନ୍ତୁ ଏହି ସମ୍ମିଳନୀ ଉପରେ ତୀକ୍ଷଣ ଦୃଷ୍ଟି ରଖିଥିବା ଆମେରିକା ପାଇଁ ଏହି ଦୁଇ ଦେଶ ସହ ଭାରତର ସମ୍ବନ୍ଧକୁ ସହଜରେ ହଜମ କରିପାରୁନି। ଶୁଳ୍କ ଚାପ ପକାଇବାରେ ବିଫଳ ହୋଇଥିବା ୱାସିଂଟନ ଏବେ ଭାରତର ଜାତି ରାଜନୀତି ପ୍ରସଙ୍ଗ ଉଠାଇ ବିବାଦ ସୃଷ୍ଟି କରିବାକୁ ପ୍ରୟାସ କରିଛି। ମୋଦୀ ଏବଂ ପୁଟିନ ଆଲୋଚନା ପୂର୍ବରୁ ଦୁଇ ଦେଶର ସମ୍ବନ୍ଧ ବିଷୟରେ ଉଲ୍ଲେଖ କରି ବିବାଦକୁ ହ୍ରାସ କରିବା ପାଇଁ ଆମେରିକା ସଙ୍କେତ ଦେଇଛି।

ଅନ୍ୟପଟେ ଟ୍ରମ୍ପଙ୍କ ବାଣିଜ୍ୟିକ ପରାମର୍ଶଦାତା ପିଟର ନଭାରୋ ରୁଷ୍ ତେଲ କିଣିବାକୁ ନେଇ ପୁଣି ଭାରତକୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ରୁଷ୍ ତେଲ କିଣି ଭାରତୀୟ ବ୍ରାହ୍ମଣ ଲାଭ କମାଉଛନ୍ତି। କିନ୍ତୁ ସମଗ୍ର ଭାରତ ଏହାର ମୂଲ୍ୟ ଦେଉଛି। ରୁଷରୁ ତୈଳ କିଣି ଭାରତ ୟୁକ୍ରେନ ଯୁଦ୍ଧକୁ ଅର୍ଥ ଦେଉଛି। ଏଥିପାଇଁ ନୂଆଦିଲ୍ଲୀ ଉପରେ ସର୍ବାଧିକ ଶୁଳ୍କ ଲଗାଯାଇଛି। ଏହା ଦ୍ୱାରା ରୁଷ୍ ଏବଂ ଆମେରିକାର କ୍ଷତି ହେଉନାହିଁ, ବରଂ ସାଧାରଣ ଭାରତୀୟ ବହୁମୂଲ୍ୟ ଦେଉଛନ୍ତି। ଏହା ସମସ୍ତଙ୍କୁ ବୁଝିବାକୁ ହେବ। ନଭାରୋ ଭାରତକୁ ରୁଷ୍‌ର ୱାସିଂ ମେସିନ କହିଛନ୍ତି। ଭାରତ କେବଳ ବାଣିଜ୍ୟ ଅସନ୍ତୁଳନ ବୃଦ୍ଧି କରୁନାହିଁ, ବରଂ ଏଭଳି ମେଣ୍ଟ ସୃଷ୍ଟି କରିଛି ଯାହା ଆମେରିକାର ସ୍ୱାର୍ଥ ବିରୋଧୀ ବୋଲି ସେ ଅଭିଯୋଗ କରିଛନ୍ତି।

ନଭାରୋ କହିଛନ୍ତି ଯେ ଭାରତ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ର। ଏହି ଦେଶ ଚୀନ୍ ଏବଂ ରୁଷର ନିକଟତର ହେଲେ ବିଶ୍ୱରେ ଅଶାନ୍ତି ବ୍ୟାପିବ। କମ୍ୟୁନିଷ୍ଟ ଦେଶ ରୁଷ ସହ ମୋଦୀ କାହିଁକି ହାତ ମିଶାଉଛନ୍ତି ତାହା ବୁଝାପଡୁନାହିଁ। ନଭାରୋଙ୍କ ଏହି ଟିପ୍ପଣୀକୁ କଂଗ୍ରେସ ନେତା ପବନ ଖେଡ଼ା ବିରୋଧ କରି କହିଛନ୍ତି ଯେ ଆମେରିକା ଏଭଳି ଆଧାରହୀନ ଟିପ୍ପଣୀ ଦେବା ଅନୁଚିତ। ସେହିପରି ଟିଏମସି ସାଂସଦ ସାଗରିକା ଘୋଷ କହିଛନ୍ତି ଯେ ବିଶ୍ୱରେ ଇଂରାଜୀ କହୁଥିବା ଧନୀକ ଶ୍ରେଣୀର ଲୋକଙ୍କୁ ବ୍ରାହ୍ମଣ କୁହଯାଏ। ଏଭଳି ସ୍ଥିତିରେ ନଭାରୋଙ୍କ ବୟାନ ବିଭ୍ରାନ୍ତିକର। ଏହା ତାଙ୍କ ଅଜ୍ଞାନତାକୁ ଦର୍ଶାଉଛି। ଏହା ପୂର୍ବରୁ ନଭାରୋ ୟୁକ୍ରେନ ସଂଘର୍ଷକୁ ମୋଦୀଙ୍କ ଯୁଦ୍ଧ କହିଥିଲେ।

## ବିହାର ଭୋଟର ତାଲିକାରେ ନାମ ସାମିଲର ତାରିଖ ବଢ଼ିବନି

ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ସୁପ୍ରିମକୋର୍ଟରେ ସୋମବାର ବିହାରର ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର) ମାମଲାର ଶୁଣାଣି ହୋଇଛି। ଏସ୍‌ଆଇଆରର ସମୟସୀମା ବଢ଼ାଇବା ନେଇ ହୋଇଥିବା ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ତେବେ ଆଜି ପରେ ଦାଖଲ କରାଯାଇଥିବା ଦାବି ଏବଂ ଆପତ୍ତିକୁ ବିଚାର କରାଯିବ ବୋଲି କୋର୍ଟଙ୍କୁ ନିର୍ବାଚନ କମିଶନ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଚିଠା ଭୋଟର ତାଲିକାରେ ନାମ ସାମିଲ କିମ୍ବା ସଂଶୋଧନ ପାଇଁ ଆଜି ଶେଷ ତାରିଖ ଥିଲା। ଆବେଦନକାରୀ ଏହି ସୀମାକୁ ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଇବାକୁ ଦାବି କରିଥିଲେ। ତେବେ ସେପ୍ଟେମ୍ବର ୩୦ ପରେ ବି ଆବେଦନ ସ୍ୱୀକାର କରାଯିବ ବୋଲି ଇସିଙ୍କ ପକ୍ଷରୁ କୁହାଯାଇଥିଲା। ଏ ପର୍ଯ୍ୟନ୍ତ ୭.୨୪ କୋଟି ଭୋଟରଙ୍କ ମଧ୍ୟରୁ ୯୯.୫ ପ୍ରତିଶତ କାଗଜପତ୍ର ଜମା କରିଥିବା ଏବଂ ୧.୩୪ ଲକ୍ଷ ନାମ କଟାଇବାକୁ ନିବେଦନ କରିଥିବା ସୂଚନା ଦିଆଯାଇଥିଲା। ତେଣୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ଆବେଦନକୁ ଖାରଜ କରିଦେଇଥିଲେ।

## ଉତ୍ତର ଭାରତରେ ପ୍ରବଳ ବର୍ଷା

# ସିମ୍‌ଲାରେ ଭୂସ୍ଖଳନ ଯୋଗୁଁ ୪ ମୃତ



### ଉତ୍ତରାଖଣ୍ଡ ୪ ଧାମ ଯାତ୍ରା ୫ ପର୍ଯ୍ୟନ୍ତ ସ୍ଥଗିତ

### ହରିୟାଣାର ୬ ଜିଲ୍ଲାରେ ବନ୍ୟା ସ୍ଥିତି

ଡେରାଡୁନ, ୧।୯ (ଏଜେନ୍ସି): ଉତ୍ତର ଭାରତରେ ମୌସୁମୀ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ ଓ ଜମ୍ମୁ-କଶ୍ମୀରରେ ପ୍ରବଳ ବର୍ଷା ଯୋଗୁଁ ସ୍ଥିତି ଆହୁରି ଖରାପ ହୋଇଛି। ହିମାଚଳରେ ରବିବାରଠାରୁ ବର୍ଷା ଜାରି ରହିଛି। ସିମଲାର କୋଟଖାଇ, ଜୁବ୍ବାଲ ଓ ଜୁଙ୍ଗାରେ ରବିବାର ବିଳମ୍ବିତ ରାତିରେ ଭୂସ୍ଖଳନ ହୋଇଛି ଓ ଏଥିରେ ୪ ଜଣ ଲୋକ ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ହିମାଚଳକୁ ବିଧାନସଭାରେ ରାଜ୍ୟକୁ ପ୍ରାକୃତିକ ବିପର୍ଯ୍ୟୟ କବଳିତ ରାଜ୍ୟ ଭାବେ ଘୋଷଣା କରିଛନ୍ତି। ଚଣ୍ଡିଗଡ଼- ମନାଲୀ ଫୋରଲେନ୍ ସମେତ ୫ଟି ରାଜପଥ ଓ ପାଖାପାଖି ୮୦୦ଟି ସଡ଼କକୁ ବନ୍ଦ କରାଯାଇଛି। କୁଲ୍ଲୁ ସମେତ ୧୦ଟି ଜିଲ୍ଲାରେ ସୋମାବାର ସ୍କୁଲ ଓ କଲେଜ ବନ୍ଦ କରିଦିଆଯାଇଛି।

ଉତ୍ତରାଖଣ୍ଡର କେଦାରନାଥ ଜାତୀୟ ରାଜପଥରେ ସୋମବାର ଭୂସ୍ଖଳନ ଯୋଗୁଁ ଦୁଇଜଣ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ଫଳରେ ରାଜ୍ୟରେ ରେଡ ଆଲର୍ଟ ଜାରି କରାଯାଇଛି ଓ ୪ ଧାମ ଯାତ୍ର ସହ ହେମକୁଣ୍ଡ ସାହିବ ଯାତ୍ରା ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସେହିପରି ଜମ୍ମୁ-କଶ୍ମୀରର ରାଜୋରି ଜିଲ୍ଲାରେ ଭୂସ୍ଖଳନ କାରଣରୁ ୧୨ଟି ଘର ଭାଙ୍ଗିଯାଇଛି। ହରିୟାଣାର ୬ଟି ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ସିରସାରେ ୫୦ ଏକର ଚାଷ ଜମି ଜଳମଗ୍ନ ହୋଇଛି। ସୋମବାର ସକାଳେ ହାଥିନିକୁଣ୍ଡ ବ୍ୟାରେଜ୍‌ରେ ୨୯, ୩୧୩ କ୍ୟୁସେକ ଜଳ ଛଡା ଯାଇଛି। ଫଳରେ ଯମୁନାର ଜଳସ୍ତର ବିପଦ ସଂକେତ ଉର୍ଦ୍ଧ୍ୱରେ ବହୁଛି। ଦିଲ୍ଲୀ ସରକାର ବନ୍ୟା ନେଇ ସତର୍କତା ଜାରି କରିଛନ୍ତି। ଅନ୍ୟପଟେ ପଞ୍ଜାବର ୯ ଜିଲ୍ଲା ଯଥା ଫଜିଲକା, ଫିରୋଜପୁର, କପୁରଥାଲା, ପଠାନକୋଟ, ତାରା ତାରାନ ଓ ବର୍ଣ୍ଣାଲଶରେ ବନ୍ୟା ସ୍ଥିତି ଜାରି ରହିଛି। ଏପର୍ଯ୍ୟନ୍ତ ୧୩୧୨ ଗାଁ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି। ଜଳନ୍ଧର ଓ ଲୁଧିଆନାର ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ରାଜସ୍ଥାନର ବିକାନେରରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି। ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ଜୁନ୍ ୨୦ରୁ ମୌସୁମୀ ଆସିବା ପରେ ହିମାଚଳରେ ଏପର୍ଯ୍ୟନ୍ତ ୩୨୦ ଲୋକ ବର୍ଷା ଜନିତ ବିଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି ଓ ୩ ହଜାର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଅନ୍ୟପଟେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଜମ୍ମୁର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ସେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାଗୱନ୍ତ ମାନ୍‌ଙ୍କ ସହ କଥା ହୋଇ ଯଥାସମ୍ଭବ ସାହାଯ୍ୟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଜାବରେ ସ୍କୁଲ ଓ କଲେଜକୁ ୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।

## କୋର୍ଟରେ ପଡ଼ି ରହିଛି ସିବିଆଇର ୭, ୦୭୨ ଦୁର୍ନୀତି ମାମଲା

ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ (ସିବିଆଇ) ବାର୍ଷିକ ବିବରଣୀ ପ୍ରକାଶ ପାଇଛି। ଏଥିରେ ସିବିଆଇର ୭୦୭୨ ଦୁର୍ନୀତି ମାମଲା ଦେଶର ବିଭିନ୍ନ କୋର୍ଟରେ ପଡ଼ି ରହିଥିବା କୁହାଯାଇଛି। ତେବେ ଚିନ୍ତାର ବିଷୟ ହେଉଛି ଯେ, ଏଥିରୁ ୨, ୬୬୦ ମାମଲା ୧୦ ବର୍ଷ ପୁରୁଣା। ପୁଣି ଏଥିରୁ ୩୭୯ ମାମଲା ୨୦ ବର୍ଷରୁ ଅଧିକ ସମୟ ହେଲା ଅଟକି ରହିଛି। ସେହିପରି ୧୦ରୁ ୨୦ ବର୍ଷ ତଳର ୨, ୨୮୧ ମାମଲା ପଡ଼ି ରହିଛି। ୨୦୨୪ ଡିସେମ୍ବର ୩୧ ପର୍ଯ୍ୟନ୍ତ ୩ ବର୍ଷରୁ କମ୍ ସମୟ ହେଲା ୧, ୫୦୬ ମାମଲା, ୩ରୁ ୫ ବର୍ଷର ୭୯୧ ମାମଲା ଓ ୫ରୁ ୧୦ ବର୍ଷର ୨, ୧୧୫ ମାମଲା କୋର୍ଟରେ ପଡ଼ିଛି। ସିବିଆଇ ଓ ଅଭିଯୁକ୍ତଙ୍କ ୧୩, ୧୦୦ ସଂଶୋଧନ ଆବେଦନ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ପଡ଼ି ରହିଥିବା ସୂଚନା ଦିଆଯାଇଛି। ଏଗୁଡିକ ମଧ୍ୟରୁ ୬୦୬ ଆବେଦନ ୨୦ ବର୍ଷରୁ ଅଧିକ ସମୟର ଏବଂ ୧, ୨୨୭ ଆବେଦନ ୧୫ରୁ ୨୦ ବର୍ଷ ହେଲା ବିଚାରାଧୀନ ରହିଛି ବୋଲି ସୂଚନା ଦିଆଯାଇଛି।

## ସରିଲା ରାହୁଲଙ୍କ ଭୋଟର ଅଧିକାର ଯାତ୍ରା

# ୬ ମାସରେ ଭୁଶୁଡ଼ିବ କେନ୍ଦ୍ର ସରକାର: ଖଡ଼୍‌ଗେ

### ହାଇଡ୍ରୋଜେନ ବୋମା ବିସ୍ଫୋରଣ: ରାହୁଲ

ପାଟନା, ୧।୯ (ଏଜେନ୍ସି): ବିହାରରେ ୧୬ ଦିନ ହେଲା ଚାଲିଥିବା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ 'ଭୋଟର ଅଧିକାର ଯାତ୍ରା' ସୋମବାର ପାଟନାରେ ଶେଷ ହୋଇଛି। ଗାନ୍ଧୀ ମୈଦାନରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସକାଳ ୧୧ଟାରେ ରାହୁଲ ପଦଯାତ୍ରା ଆରମ୍ଭ କରିଥିଲେ। ସାଢ଼େ ତିନି ଘଣ୍ଟା ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ହାଇକୋର୍ଟ ନିକଟରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଏହି ଯାତ୍ରା ଶେଷ ହୋଇଥିଲା। ଏହା ପୂର୍ବରୁ ରାହୁଲ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବ ଏହି ଯାତ୍ରାକୁ ଡାକବଙ୍ଗଳା ଛକରେ ଅଟକାଇ ଦେଇଥିଲେ। ଏଠାରେ ଜନସଭାକୁ ସମ୍ବୋଧନ କରି ରାହୁଲ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବିଜେପିକୁ ନିଶାଣ କରିଥିଲେ। ସେ ୬ ମାସ ମଧ୍ୟରେ କେନ୍ଦ୍ର ସରକାର ଭୁଶୁଡ଼ି ଯିବ ବୋଲି ଦାବି କରିଥିଲେ। ବିଜେପି ଭୋଟ ଚୋରି କରି ବିହାର ଜିତିବାକୁ ପ୍ରୟାସ କରୁଛି ବୋଲି ଅଭିଯୋଗ ଲଗାଇ ଥିଲେ। ତେଣୁ ଲୋକଙ୍କୁ ସତର୍କ ରହିବାର ଆବଶ୍ୟକତା ରହିଛି। ସତର୍କ ନ ରହିଲେ ଲୋକଙ୍କୁ ବୁଡ଼ାଇ ଦେବେ। ଏହା ସହିତ ସରକାରଙ୍କ ପକ୍ଷରୁ ପୁଲିସ ବ୍ୟବସ୍ଥା ହୋଇ ନ ଥିବା ଖଡଗେ କହିଥିଲେ। ସେ ଏହାକୁ ନେଇ ପୁଲିସକୁ ଚେତାବନୀ ଦେଇଥିଲେ। ଖୁବଶୀଘ୍ର ଆମ ସରକାର ଆସିବାକୁ ଯାଉଛି। ସେତେବେଳେ ପୁଲିସକୁ କାମ କରିବାକୁ ପଡିବ ବୋଲି ଖଡଗେ କହିଥିଲେ। ରାହୁଲ କହିଥିଲେ ଯେ ଲୋକଙ୍କ ଭୋଟ ଚୋରି କରି ଏନ୍‌ଡିଏ ଜିତିଛି। ମହାରାଷ୍ଟ୍ରରେ ବି ଏମାନେ ଭୋଟ ଚୋରି କରିଥିଲେ। କେବଳ ଦେଶରେ ନୁହେଁ, ଚୀନ୍ ଲୋକ ମଧ୍ୟ କହୁଛନ୍ତି 'ଭୋଟ ଚୋର, ଗଦି ଛାଡ଼'। ଏହି ଯାତ୍ରାକୁ ବିଜେପି ଲୋକ କଳା ପତାକା ଦେଖାଉଛନ୍ତି। ସେମାନେ ଜାଣି ରଖିବା ଉଚିତ ଯେ ପରମାଣୁ ବୋମାଠାରୁ ହାଇଡ୍ରୋଜେନ ବୋମା ବଡ଼। ଏହି ବୋମା ଆସୁଛି। ବିସ୍ଫୋରଣ ହେଲେ ଚୋରିର ସତ୍ୟ ବିଷୟରେ ସାରା ଦେଶ ଜାଣିବ। ଆମେ ସମ୍ବିଧାନକୁ ହତ୍ୟା କରିବାକୁ ଦେବୁ ନାହିଁ। ବିହାରରେ ଏହି ଯାତ୍ରାକୁ ଲୋକେ ଅଶେଷ ସମର୍ଥନ ଦେଇଛନ୍ତି।



ରାହୁଲଙ୍କ ଅଭିଭାଷଣ ସରିବା ପରେ ଦୁଇ ଯୁବକ କଳା ପତାକା ଦେଖାଇ ଥିଲେ। ଏହା ପରେ ହଙ୍ଗାମା ଆରମ୍ଭ ହୋଇଥିଲା। ପୁଲିସ ସେଠାରୁ ଦୁଇ ଯୁବକଙ୍କୁ ଯେନତେନ ଉପାୟରେ ବାହାର କରି ଥାନାକୁ ନେଇଥିଲା। ସେହିପରି ତେଜସ୍ୱୀ କହିଥିଲେ ଯେ ଲାଲୁ ଜୀ ବିଜେପିକୁ ଡରି ନ ଥିଲେ। ତାଙ୍କ ପୁଅ ମଧ୍ୟ ଏତଲାକୁ ଡରିବ ନାହିଁ। ବିହାରରେ ଡବଲ ଇଞ୍ଜିନ ସରକାର ଚାଲିଥିବା କୁହାଯାଉଛି। ଏହାର ଗୋଟିଏ ଇଞ୍ଜିନ ଅପରାଧ ଏବଂ ଅନ୍ୟଟି ଦୁର୍ନୀତି। ଏମାନେ ବିହାରୀଙ୍କୁ ଠକିବାକୁ ଚାହୁଁଛନ୍ତି।

■ ଦଳର ବରିଷ୍ଠ ନେତାଙ୍କ ସହ ନବୀନଙ୍କ ଆଲୋଚନା

# ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ବିରୋଧ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୧।୯ (ସମିସ): ନବୀନ ନିବାସରେ ଦଳର ବରିଷ୍ଠ ନେତାଙ୍କ ସହ ରାଜ୍ୟର ସାମ୍ପ୍ରତିକ ସ୍ଥିତି, ରାଜ୍ୟ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟ ଓ ସାଧାରଣ ଲୋକଙ୍କ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ସମ୍ପ୍ରତି ରାଜ୍ୟର ଲୋକମାନେ ଯେପରି ବିଭିନ୍ନ ପ୍ରସଙ୍ଗରେ ଦହଗଞ୍ଜ ହେଉଛନ୍ତି, ସାଧାରଣ ସେବାରୁ ବଞ୍ଚିତ ହୋଇଛନ୍ତି, ସ୍ୱାସ୍ଥ୍ୟ ସେବାରେ ଅକଥନୀୟ ସମସ୍ୟା ଭୋଗୁଛନ୍ତି, ଅତ୍ୟାବଶ୍ୟକୀୟ ସାମଗ୍ରୀ କ୍ଷେତ୍ରରେ ସରକାରଙ୍କ ଅବହେଳାର ଶିକାର ହେଉଛନ୍ତି ସେ ସମ୍ପର୍କରେ ନବୀନ ଦଳୀୟ ନେତାଙ୍କ ସହ ଆଲୋଚନା କରିଛନ୍ତି । ରାଜ୍ୟର ସାଧାରଣ ଲୋକଙ୍କ ସ୍ୱର ଭାବରେ କାର୍ଯ୍ୟ କରିବାକୁ ନବୀନ ଏହି ଅବସରରେ ଦଳୀୟ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ବିଜେଡି ରାଜ୍ୟବାସୀଙ୍କ ସ୍ୱାର୍ଥ ପରିପୂରଣ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇବାକୁ ମଧ୍ୟ ନବୀନ ପରାମର୍ଶ ଦେଇଛନ୍ତି ।

ସୋମବାର ଅପରାହ୍ନରେ ଦଳର ବରିଷ୍ଠ ନେତା ଡ. ଅରୁଣ ସାହୁ, ଚିରଞ୍ଜୀବ ବିଶ୍ୱାଳ, ଭୃଗୁ ବକ୍ସିପାତ୍ର, ଲେନିନ ମହାନ୍ତି, ପ୍ରଫୁଲ୍ଲ ସିଂ, ରଘୁନାଥ ସାହୁଙ୍କ ସହ ମହମ୍ମଦ ସକିଲ, ଲୋରା ମହାପାତ୍ର ପ୍ରମୁଖ ନବୀନ ନିବାସରେ ବିଜେଡି ସୁପ୍ରିମୋଙ୍କୁ ଭେଟିଛନ୍ତି। ଏହି ଅବସରରେ ନବୀନଙ୍କ ସହ ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତା ଓ ଜନବିରୋଧୀ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ଡ଼. ସାହୁ କହିଛନ୍ତି ଯେ ଦଳର ନେତା ନବୀନ ପଟ୍ଟନାୟକଙ୍କ ସହ ରାଜ୍ୟର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି । ଲୋକଙ୍କ ସରକାର କହୁଥିବା ବିଜେପି ରାଜ୍ୟରେ କ୍ଷମତାକୁ ଆସିବା ପରଠାରୁ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଚାଷୀ ସାର ପାଉ ନ ଥିବା ବେଳେ ସରକାର ବ୍ୟାପକ କଳାବଜାରୀକୁ ପ୍ରୋତ୍ସାହନ ଦେଉଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ମହିଳା ସୁରକ୍ଷାକୁ ନେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ହେଉଥିବା ବେଳେ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି । ଓଡ଼ିଆ ଅସ୍ମିତାର ନାରାଦେଇ ସରକାରକୁ ଆସିଥିବା ବିଜେପି, ପ୍ରତ୍ୟେକ ଦିନ ଓଡ଼ିଆ ଅସ୍ମିତାକୁ କୁଠାରଘାତ କରୁଛି। ଆଗାମୀ ଦିନରେ ରାଜ୍ୟବାସୀଙ୍କ ସ୍ୱର ହିସାବରେ ବିଜୁ ଜନତା ଦଳ ବିଜେପି ସରକାରଙ୍କ ପ୍ରତ୍ୟେକ ଜନବିରୋଧୀ କାର୍ଯ୍ୟକୁ ତୀବ୍ର ବିରୋଧ କରିବ ବୋଲି ଡ. ସାହୁ କହିଛନ୍ତି। ସେହିପରି ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ୨୦୨୭ ପଞ୍ଚାୟତ ନିର୍ବାଚନ ଓ ୨୦୨୯ ସାଧାରଣ ନିର୍ବାଚନରେ ଦଳ ନିଶ୍ଚିତ ବିଜୟ ହାସଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ଏନ୍ଏସି ଘୋଷଣାରେ ସରକାରଙ୍କ ପାତରଅନ୍ତର

# ରାଜରାସ୍ତାକୁ ଓହ୍ଲାଇବାକୁ ବିଜେଡିର ଧମକ

ଭୁବନେଶ୍ୱର,୧।୯ (ସମିସ): ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ୧୬ ନୂଆ ଏନ୍ଏସି ଓ ୭ଟି ମ୍ୟୁନିସିପାଲିଟି ଘୋଷଣା କରାଯାଇଛି। ବିକାଶ ଭାବନା କମ୍, ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ନୂଆ ଏନ୍ଏସି ଘୋଷଣା କରାଯାଇଛି ବୋଲି ବିରୋଧୀ ଦଳଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ମତପ୍ରକାଶ କରୁଛନ୍ତି। ଏହିକ୍ରମରେ ବିଜେଡି ଧଧ ପ୍ରତିକ୍ରିୟା ପ୍ରକାଶ କରିଛି। ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ୫୭ଟି ଏନ୍ଏସି ମଧ୍ୟରୁ ୩୯ଟି ଅଞ୍ଚଳକୁ କାର୍ଯ୍ୟକାରୀ ନକରିବା ଦୁର୍ଭାଗ୍ୟଜନକ। ବିଜେଡି ସରକାରଙ୍କ ଦ୍ୱାରା ଏନ୍ଏସି ଭାବେ ଘୋଷିତ ହୋଇଥିବା ଅଞ୍ଚଳଗୁଡିକୁ ପାତରଅନ୍ତର କରି ସରକାର ଏପରି ନିଷ୍ପତ୍ତି ନେଇଛନ୍ତି ବୋଲି ଦଳ ଅଭିଯୋଗ କରିଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପାତରଅନ୍ତର ନୀତି ପାଇଁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ୨୦୨୪ ମସିହା ଫେବୃଆରୀ ଓ ମାର୍ଚ୍ଚ ମାସରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୫୭ଟି ଅଞ୍ଚଳକୁ ଏନ୍ଏସି ଘୋଷଣା କରାଯାଇଥିଲା।



■ ପୂର୍ବରୁ ଘୋଷିତ ୧୮ ଟି ଅଞ୍ଚଳକୁ ସରକାର ପୁନଃ ଘୋଷଣା କରିଛନ୍ତି
■ ବାଦ୍ ପଡ଼ିଥିବା ଅଞ୍ଚଳଗୁଡ଼ିକରେ ଦେଖାଦେଲାଣି ପ୍ରବଳ ଜନଅସନ୍ତୋଷ

ପୌର ଅଧିନିୟମ ୧୯୫୦ ଅନୁଯାୟୀ ପ୍ରଥମେ ଘୋଷଣାନାମା ହୋଇଥାଏ ଓ ପରେ ଏହା ଜିଲ୍ଲାପାଳଙ୍କ ଠାରୁ ରିପୋର୍ଟ ଅଣାଯାଇ ଗେଜେଟ ନୋଟିଫିକେସନ କରାଯାଏ। ବିଜେଡି ସରକାରଙ୍କ ଦ୍ୱାରା ଘୋଷଣା ହେବା ସହିତ ଜିଲ୍ଲାପାଳମାନଙ୍କ ପାଖକୁ ଆବଶ୍ୟକ ରିପୋର୍ଟ ପାଇଁ ପଠାଯାଇଥିଲା। କିନ୍ତୁ ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ନେବା ପରେ ପୂର୍ବରୁ ଘୋଷିତ ହୋଇଥିବା ଅଞ୍ଚଳଗୁଡିକ ମଧ୍ୟରୁ କିଛି ଅଞ୍ଚଳକୁ ପୁନଃ ଘୋଷଣା କରିଛନ୍ତି ଓ କିଛି ନୂତନ ଅଞ୍ଚଳକୁ ଏଥିରେ ସାମିଲ କରିଛନ୍ତି। ରାଜ୍ୟରେ ବିଜେପି ସରକାରଙ୍କର ୧୫ ମାସ ବିତି ଯାଇଥିଲେ ମଧ୍ୟ ଗୋଟିଏ ବି ଅଞ୍ଚଳ ପାଇଁ ଗେଜେଟ ନୋଟିଫିକେସନ ହୋଇପାରି ନାହିଁ।

ବରିଷ୍ଠ ନେତା ପ୍ରତାପ ଜେନା କହିଥିଲେ ଯେ ସରକାର ଏକ ନିରନ୍ତର ପ୍ରକ୍ରିୟା। ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇସାରିଥିବା ଅଞ୍ଚଳଗୁଡ଼ିକୁ ରାଜ୍ୟ ସରକାର ପୁଣିଥରେ ଘୋଷଣା କରିବା ଓ ଏଥିରେ ପାତରଅନ୍ତର କରି ଅଧିକାଂଶ ଘୋଷିତ ଅଞ୍ଚଳକୁ ସାମିଲ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦଳ ପକ୍ଷରୁ କୁହାଯାଇଛି। ସେହିପରି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷିତ ହୋଇଥିବା ୫୭ଟି ଏନ୍ଏସି ମଧ୍ୟରୁ ମାତ୍ର ୧୮ଟିକୁ ବିଜେପି ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବେଳେ ୩୯ଟି ଅଞ୍ଚଳକୁ ସାମିଲ କରାଯାଇ ନାହିଁ, ଯାହା ସରକାରଙ୍କ ପାତରଅନ୍ତର ନୀତିକୁ ପଦାରେ ପକାଉଛି। ଏହାଛଡା କଣ୍ଟାବାଞ୍ଜି ଏନ୍ଏସିକୁ ମ୍ୟୁନିସିପାଲିଟି କରାଯିବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାକୁ ମଧ୍ୟ ବିଚାରକୁ ନିଆଯାଇ ନାହିଁ। ବିଜେଡି ସରକାରଙ୍କ ଘୋଷିତ ତାଲିକା ଅନୁଯାୟୀ ବାଦ୍ ପଡ଼ିଯାଇଥିବା ୩୯ଟି ଅଞ୍ଚଳକୁ ଏନ୍ଏସି ମାନ୍ୟତା ଓ କଣ୍ଟାବାଞ୍ଜିକୁ ମ୍ୟୁନିସିପାଲିଟି ଘୋଷଣା ତୁରନ୍ତ କରାଯାଉ ବୋଲି ସେ ଦାବି କରିଥିଲେ।

ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ କହିଥିଲେ ଯେ ଗ୍ରାମାଞ୍ଚଳର ବାସିନ୍ଦାମାନଙ୍କୁ ସହରାଞ୍ଚଳରେ ମିଳୁଥିବା ସୁବିଧା ପ୍ରଦାନ ଲକ୍ଷ୍ୟ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୫୭ଟି ଅଞ୍ଚଳକୁ ଏନ୍ଏସି ଘୋଷଣା କରିଥିଲେ। କିନ୍ତୁ ବିଜେପି ସରକାର ଏହା ମଧ୍ୟରୁ ଅଧିକାଂଶ ଅଞ୍ଚଳକୁ ବାଦ୍ ଦେଇଛନ୍ତି, ଯେଉଁଥିପାଇଁ ବାଦ୍ ପଡ଼ିଥିବା ଅଞ୍ଚଳଗୁଡିକରେ ଜନଅସନ୍ତୋଷ ଦେଖା ଦେଇଛି। ବାଦ୍ ପଡ଼ିଥିବା ୩୯ଟି ଅଞ୍ଚଳକୁ ତୁରନ୍ତ ଏନ୍ଏସି ମାନ୍ୟତା ନଦେଲେ ବିଜୁ ଜନତା ଦଳ ନୀରବଦ୍ରଷ୍ଟା ସାଜିବ ନାହିଁ, ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଆର୍ଆଇ, ଅମିନ ପ୍ରିଲିମ୍ସ ଅକ୍ଟୋବର ୮ରୁ

ଭୁବନେଶ୍ୱର, ୧।୯ (ସମିସ): ବାତିଲ୍ ହୋଇଥିବା ଆର୍ଆଇ, ଏଆର୍ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପାଇଁ ପ୍ରିଲିମିନାରୀ ପରୀକ୍ଷା ପୁଣିଥରେ ଅକ୍ଟୋବର ୮ ତାରିଖରୁ ଆରମ୍ଭ ହେବ। କମ୍ପ୍ୟୁଟର୍ ବେସଡ୍ ନିଯୁକ୍ତି ପରୀକ୍ଷା (ସିବିଆର୍ଇ) ମାଧ୍ୟମରେ ଆଶାୟୀମାନେ ପରୀକ୍ଷା ଦେବେ। ନଭେମ୍ବର ତୃତୀୟ ସପ୍ତାହ ମଧ୍ୟରେ ଏକାଧିକ ସିଫ୍ଟରେ ପରୀକ୍ଷା ହେବ। ଏଥିପାଇଁ ନର୍ମାଲାଇଜେସନ୍ ପ୍ରକ୍ରିୟା ଆପଣାଯିବ। ଏହାସହ ପ୍ରତି ଜିଲ୍ଲାରେ ପରୀକ୍ଷା କେନ୍ଦ୍ର କରାଯିବ। ଯେଉଁ ଜିଲ୍ଲାରେ ଉପଯୁକ୍ତ ପରୀକ୍ଷା କେନ୍ଦ୍ର ନାହିଁ, ସେହି ଜିଲ୍ଲାର ପିଲାମାନେ ଆବେଦନ ସମୟରେ ଆଗ୍ରାଧିକାର ଦେଇଥିବା ଜିଲ୍ଲାରେ ପରୀକ୍ଷା ଦେବେ। ପରବର୍ତ୍ତୀ ସମୟରେ ଆଡମିଟ୍ କାର୍ଡ ପ୍ରକାଶ ପାଇବ ବୋଲି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍ଏସ୍ଏସ୍ସି) ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପୂର୍ବରୁ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା। ମୋଟ୍ ପଦର ୫ ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷାକୁ ଉତ୍ତୀର୍ଣ୍ଣ ହେବାର ନିୟମ ଥିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିଲା। ଫଳରେ ସରକାର ପ୍ରିଲିମିନାରୀ ପରୀକ୍ଷାଫଳକୁ ରଦ୍ଦ କରିବା ସହ ପୁଣିଥରେ ନୂତନ ଭାବେ ପରୀକ୍ଷା କରିବାକୁ ଉଚ୍ଚ ନ୍ୟାୟାଳୟକୁ ଅବଗତ କରିଥିଲେ।

# ମଝି ନଈରୁ ଶ୍ରମିକଙ୍କୁ ଉଦ୍ଧାର କଲା ହେଲିକପ୍ଟର୍

ମାଲକାନଗିରି, ୧।୯ (ସମିସ): ମଝି ନଦୀରେ ଫସି ରହିଥିବା ଜଣେ ଶ୍ରମିକଙ୍କୁ ହେଲିକପ୍ଟର୍ ଯୋଗେ ଉଦ୍ଧାର କରାଯିବା ଘଟଣା ଆଜି ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ମାଲକାନଗିରି ଓ ଛତିଶଗଡ଼ ପ୍ରଶାସନର ମିଳିତ ଉଦ୍ୟମ ଯୋଗୁଁ ଗୋଟିଏ ଜୀବନ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଛି। ନୂଆ ଜୀବନ ପାଇଥିବା ଶ୍ରମିକଜଣଙ୍କ ହେଲେ, ମାଲକାନଗିରି ଜିଲ୍ଲା କତାମାଟେରୁ ଗ୍ରାମର ଇର୍ମା ସୋଢ଼ି। ସୂଚନାନୁଯାୟୀ, ଇର୍ମା ଛତିଶଗଡ଼ ସୁକୁମା ଜିଲ୍ଲାରେ ଥିବା ଏକ କଦଳୀ ବାଗିଚାରେ କାମ କରନ୍ତି। ଗତ ବିଳମ୍ବିତ ରାତିରେ ଏକ ଦେଶୀ ଡଙ୍ଗାରେ ସେ ସାବେରୀ ନଦୀ ପାର୍ ହୋଇ ଘରକୁ ଫେରୁଥିଲେ। ତେବେ ବର୍ତ୍ତମାନ ନଦୀରେ ଜଳପ୍ରବାହ ଓ ସ୍ରୋତ ଅଧିକ ଥିବାରୁ ଡଙ୍ଗାଟି ଓଲଟି ପଡ଼ିଥିଲା। ଏହା ଦେଖି ଇର୍ମା ନଦୀ ମଝିରେ ଥିବା ଏକ ଗଛ ଡାଳକୁ ଧରି ଜୀବନ ବଞ୍ଚାଇଥିଲେ। କିନ୍ତୁ ନଦୀର ପ୍ରଖର ସ୍ରୋତରୁ ସେ ବାହାରକୁ ଆସି ପାରିନଥିଲେ। ରାତିତମାମ ସେମିତି ମଝି ନଈରେ ଫସି ରହିଥିଲେ। ତେବେ ଆଜି ସକାଳେ କିଛି ଲୋକେ ଇର୍ମାଙ୍କୁ ଦେଖି ପଡ଼ିଆ ଦମକଳବାହିନୀକୁ ଖବର ଦେଇଥିଲେ। ଖବର ପାଇ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଘଟଣାସ୍ଥଳରେ ପହଞ୍ଚି ଏ ସଂପର୍କରେ ଛତିଶଗଡ଼ ପ୍ରଶାସନ ସହ ଆଲୋଚନା କରିଥିଲେ। ନଦୀରେ ପ୍ରଖର ଜଳସ୍ରୋତ ଯୋଗୁଁ ଦମକଳବାହିନୀ ଇର୍ମାଙ୍କୁ ଉଦ୍ଧାର କରିବାରେ ବିଫଳ ହେବାରୁ ଛତିଶଗଡ଼ ସରକାର ହେଲିକ୍ୟାପ୍ଟର୍ ଯୋଗେ ତାଙ୍କୁ ଉଦ୍ଧାର କରିବା ପାଇଁ ଆଗେଇ ଆସିଥିଲେ। ସିଆରପିଏଫ୍ର ଏକ ହେଲିକ୍ୟାପ୍ଟର୍ ଇର୍ମାଙ୍କୁ ଉଦ୍ଧାର ଉଦ୍ଧାର କରି ନିରାପଦ ସ୍ଥାନକୁ ଆଣିଥିଲେ। ପରେ ତାଙ୍କୁ ସୁକୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଇର୍ମା ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି।

**ଡଙ୍ଗା ଓଲଟିବାରୁ ରାତିତମାମ ଫସି ରହିଥିଲେ**



# ଓଡ଼ିଶା ଯାତ୍ରୀ ଆପ୍‌ରେ ମିଳିବ 'ଆମ ବସ୍' ଓ ଚିଲିକା ବୋଟିଂ ଟିକଟ

ଭୁବନେଶ୍ୱର,୧।୯ (ସମିସ): ଓଡ଼ିଶା ଯାତ୍ରୀ ଆପ୍‌ର କଳେବର ବଢ଼ିଛି। ଏଣିକି ଏହି ଆପ୍ ମାଧ୍ୟମରେ 'ଆମ ବସ୍' ଏବଂ ଚିଲିକା ବୋଟିଂ ନିମନ୍ତେ ଟିକଟ୍ ଉପଲବ୍ଧ ହେବ। ପର୍ଯ୍ୟଟକ ଏବଂ ଯାତ୍ରୀଙ୍କ ଅନୁଭବକୁ ଅଧିକ ସୁଖଦ୍ ଏବଂ ସହଜ କରିବା ଉଦ୍ଦେଶ୍ୟରେ ଏହି ନୂତନ ସୁବିଧାକୁ ଆପ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ଆମ ବସ୍ ସେବା ଅଧୀନରେ ଚଳାଚଳ କରୁଥିବା ଯେକୌଣସି ବସ୍‌ରେ ଯାତାୟାତ ନିମନ୍ତେ ଏହି ଆପ୍ ମାଧ୍ୟମରେ ବିନା କୌଣସି ବାଧାରେ ଟିକଟ୍ ବୁକିଂ କରି ସୁରକ୍ଷିତ ଏବଂ ଆରାମଦାୟକ ବସ୍ ଯାତ୍ରାର ଲାଭ ମିଳିପାରିବ।

ଅନୁରୂପ ଭାବେ ଚିଲିକା ଭ୍ରମଣରେ ଆସୁଥିବା ପର୍ଯ୍ୟଟକ ସାତପଡ଼ା ଠାରେ ସେମାନଙ୍କ ସୁବିଧା ମୁତାବକ ବୋଟିଂ ନିମନ୍ତେ ଏହି ଆପ୍ ମାଧ୍ୟମରେ ଟିକେଟ୍ ବୁକିଂ କରି ଡିଜିଟାଲ ଟିକେଟ୍ ପାଇପାରିବେ। ବୋଟିଂ ଆରମ୍ଭ ପୂର୍ବରୁ ଏହି ଡିଜିଟାଲ ଟିକେଟ ଯାଞ୍ଚ କରାଯାଇ ଯାତ୍ରା ନିମନ୍ତେ ଅନୁମତି ଦିଆଯିବ। ସମସ୍ତ ଆଣ୍ଡ୍ରଏଡ୍ ପ୍ଲାଟ୍‌ଫର୍ମରେ ଏହି ଆପ୍ ଉପଲବ୍ଧ ହୋଇସାରିଥିବା ବେଳେ ଆଇଓଏସ୍‌ରେ ନିକଟରେ ଭବିଷ୍ୟତରେ ଏହା ଉପଲବ୍ଧ ହେବ ବୋଲି ସୂଚନା ମିଳିଛି। ଏହା ସହିତ ଯାତ୍ରୀଙ୍କ ମତାମତକୁ ଭିତ୍ତିକରି ଟିକଟ୍ ବୁକିଂ ବ୍ୟବସ୍ଥାରେ ମଧ୍ୟ ଆବଶ୍ୟକ ସୁଧାର ଅଣାଯିବ। ଓଡ଼ିଶା ଯାତ୍ରୀ କେବଳ ଏକ ଡିଜିଟାଲ ସେବା ନୁହଁ; ଯାତ୍ରୀଙ୍କୁ ସାର୍ବଜନୀନ, ଟେକ୍ନୋଲୋଜିଭିତ୍ତିକ, ତ୍ରୁଟିଶୂନ୍ୟ ସେବା ଯୋଗାଇଦେବାର ସଂକଳ୍ପ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି।

# ନିଶା ବେପାରୀଙ୍କୁ 'ପ୍ରହାର'

## ନିଶାଦ୍ରବ୍ୟ ଜବତ ହେଲେ ଦୋକାନ ସିଲ୍

ଭୁବନେଶ୍ୱର,୧।୯ (ସମିସ): ରାଜ୍ୟରେ ନିଶା କାରବାର ବଢ଼ିବାରେ ଲାଗିଛି। ନିଶା ମାଫିଆମାନେ ଜାମିନରେ ଆସିବା ପରେ ମଧ୍ୟ ନିଶା ବେପାର ଛାଡୁନାହାନ୍ତି। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରୁଛି। ଏ ସବୁରେ ରୋକ୍ ଲଗାଇବା ପାଇଁ ଆଜିଠାରୁ ସାରା ରାଜ୍ୟରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅପରେସନ 'ପ୍ରହାର'। ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଅପରେସନ୍ ଆସନ୍ତା ୧୫ ତାରିଖ ଯାଏଁ ଚାଲିବ। ପ୍ରଥମେ ସ୍ଥାନୀୟ ଅଞ୍ଚଳରେ ଥିବା ଅଭ୍ୟାସଗତ ଅପରାଧୀଙ୍କ ତାଲିକା କରି ବିଏନ୍ଏସ୍ଏସ୍ ୧୨୯ରେ ସେମାନଙ୍କୁ ବୁକ୍ କରିବାକୁ କୁହାଯାଇଛି। ନିଶା ବେପାରୀଙ୍କୁ ଧରିବା ଲାଗି ଚଢ଼ଉକୁ ଜୋରଦାର କରିଛି ପୁଲିସ। ଚଢ଼ଉ ସମୟରେ ଶିକ୍ଷାନୁଷ୍ଠାନ ନିକଟରେ ବିଶେଷ ଧ୍ୟାନ ଦିଆଯାଉଛି। କୌଣସି ଦୋକାନରୁ ନିଶାଦ୍ରବ୍ୟ ଜବତ ହେଲେ, ସଂପୃକ୍ତ ଦୋକାନକୁ ତୁରନ୍ତ ସିଲ୍ କରାଯିବ। କେଉଁ ଥାନାର କେଉଁ କେସ ଆଧାରରେ ସିଲ୍ କରାଯାଇଛି, ସେନେଇ ସଂପୃକ୍ତ ଦୋକାନରେ ପୋଷ୍ଟର୍ ମରାଯିବ। ଅଭ୍ୟାସଗତ ଅପରାଧୀଙ୍କଠାରୁ ନିଶାଦ୍ରବ୍ୟ ଜବତ ହେଲେ ସେମାନଙ୍କ ବିରୋଧରେ ୧୧୧ ବିଏନ୍ଏସ୍ ଓ ୨୯ ଏନ୍‌ଡିପିଏସ୍ ଆକ୍ଟରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସ୍ୱତନ୍ତ୍ର ଧରପଗଡ଼ ବେଳେ ଅବକାରୀ ବିଭାଗ, ରାଜସ୍ୱ ବିଭାଗ, ମ୍ୟୁନିସିପାଲିଟି, ଏନ୍ଏସି ଓ ପଞ୍ଚାୟତ ସହ ସମନ୍ୱୟ ରଖିବାକୁ କୁହାଯାଇଛି। ଚଢ଼ଉ ବେଳେ ଅଧିକ ପରିମାଣର ନିଶାଦ୍ରବ୍ୟ ଓ ଅଧିକ ନିଶା ବେପାରୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପାର୍ବଣରେ ସଙ୍ଗୀନ ଶବ୍ଦ ପ୍ରଦୂଷଣ

# ବଡ଼ ସହରରେ କଟକଣା; ବାକି ସବୁଠି ଢିଲା

କଟକ, ୧।୯ (ସମିସ): ଗଣେଶ ପୂଜାଠାରୁ ପାର୍ବଣର ବିଗୁଲ୍ ବାଜିସାରିଛି। ଏବେ ଗଣେଶ ଓ ଖୁଦୁରକୁଣି ପୂଜା ଶେଷ ହୋଇ ସବୁଠି ଚାଲିଛି ଭସାଣି ଶୋଭାଯାତ୍ରା। ଉଚ୍ଚ ଶବ୍ଦ ଉତ୍ପନ୍ନକାରୀ ଡିଜେ ସାଉଣ୍ଡ ବ୍ୟବହାର ଉପରେ କଟକଣା ଥିଲେ ମଧ୍ୟ ସବୁଠି ଏହାର ଉଲ୍ଲଂଘନ ହେଉଛି। ବିଶେଷକରି, କଟକ-ଭୁବନେଶ୍ୱର ସମେତ ଆଉ କିଛି ବଡ଼ ସହରକୁ ବାଦ୍ ଦେଲେ ସବୁଠି ଡିଜେ କଟକଣା ଢିଲା ଛାଡ଼ି ଦିଆଯାଇଛି। ସହରାଞ୍ଚଳରେ ପୁଲିସର ଏନ୍‌ଫୋର୍ସମେଣ୍ଟ ଭଳି ଗ୍ରାମାଞ୍ଚଳ ପୁଲିସ କରୁନାହିଁ। ଏଣୁ ଶବ୍ଦ ପ୍ରଦୂଷଣ ପାଇଁ ଥିବା କଟକଣା ନାମକୁ ମାତ୍ର ରହିଯାଇଛି। ଆଉ ସବୁ ଦେଖି ଶୁଣି ପୁଲିସ୍ ଚେଇଁ ଶୋଇଥିବା ଅଭିଯୋଗ ହେଉଛି। ଗାଁ ଗହଳି ସମେତ କେତେକ ଅର୍ଦ୍ଧସହରାଞ୍ଚଳରେ ଶବ୍ଦ ପ୍ରଦୂଷଣ କଟକଣା ଅଘୋଷିତ ଭାବେ କୋହଳ ହୋଇଥିବା କାରଣରୁ ଏବେ ଡିଜେଗୁଡ଼ିକ ଗ୍ରାମାଞ୍ଚଳମୁହାଁ ହୋଇପଡ଼ିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଶବ୍ଦ ପ୍ରଦୂଷଣ ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟଙ୍କ ରହିଥିବା ନିର୍ଦ୍ଦେଶନାମାକୁ ସଠିକ ଢଙ୍ଗରେ ପାଳନ କରାଯାଉନାହିଁ। ଏହା ପୁଲିସର ଉତ୍ତରଦାୟିତ୍ୱ ହୋଇଥିଲେ ସୁଦ୍ଧା ଅଭିଯୋଗ ନ ପାଇଲେ ଡିଜେ ସାଉଣ୍ଡକୁ ବନ୍ଦ କରାଯାଉନଥିବା ପରିଲକ୍ଷିତ ହୋଇଛି।

୭୫ ଡେସିବେଲରୁ ଉଚ୍ଚ ଶବ୍ଦ ଉତ୍ପନ୍ନ ଉପରେ ରୋକ୍ ଲଗାଯାଇଛି। ଏପରିକି, ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଥିବା ପୁଲିସଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ କ୍ଷମତା ମଧ୍ୟ ରହିଛି। ଭସାଣି ଶୋଭାଯାତ୍ରାରେ ଯାଉଥିବା ଡିଜେ ଅବା ମ୍ୟୁଜିକ୍ ସିଷ୍ଟମ୍‌ର ସାଉଣ୍ଡ ଲିମିଟର (ଶବ୍ଦ ନିୟନ୍ତ୍ରକ ଯନ୍ତ୍ର) ସଠିକ ଭାବେ ଆମ୍ପ୍ଲିଫାୟାର ସହ ସଂଯୋଗ ହୋଇଛି କି ନାହିଁ, ତାହା ଯାଞ୍ଚ କରିବା କଥା। ନାମକୁ ମାତ୍ର ସାଉଣ୍ଡ ଲିମିଟର୍ ଥିବା ଦେଖାଇ ଧାର୍ଯ୍ୟ ଡେସିବେଲରୁ ଅଧିକ ଶବ୍ଦ ଉତ୍ପନ୍ନ ହେଉଥିବା ଜଣାପଡ଼ିଛି।

### ଗାଁ' ଭସାଣିରେ କମ୍ପୁଛି ଡିଜେ

ସେହିପରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାତି ୧୦ଟା ପରେ ଡାକବାଜି ଯନ୍ତ୍ର ବ୍ୟବହାର କରି ହେଉଥିବା ଶୋଭାଯାତ୍ରା ଉପରେ କଟକଣା ରହିଛି। ହାଇକୋର୍ଟ ମଧ୍ୟ ଗତ ୨୦୦୮ ମାର୍ଚ୍ଚ ୨୭ରେ ଶବ୍ଦ ପ୍ରଦୂଷଣ ଉପରେ ଲଗାମ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅତୀତରେ ଗୃହ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଏସପିମାନଙ୍କୁ ମଧ୍ୟ ଚିଠି କରାଯାଇଥିଲା। ବିଶେଷକରି ସାଉଣ୍ଡଲିମିଟର ରଖିଥିଲେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ବ୍ୟାଣ୍ଡପାର୍ଟି ପଞ୍ଜିକୃତ ହେବା କଥା। ଶୋଭାଯାତ୍ରା ପାଇଁ ଅନୁମତି ମିଳିବା ବ୍ୟବସ୍ଥା ରହିଥିଲା। ହେଲେ ଏସବୁ ଏବେ ପ୍ରହସନ ପାଲଟୁଥିବା ଦେଖିବାକୁ ମିଳିଛି। ଶବ୍ଦର ମାତ୍ରା ବା ପରିମାଣ ମାପିବା ପାଇଁ ଶବ୍ଦ ମାପକ ଯନ୍ତ୍ର ମଧ୍ୟ ଅନେକ ଥାନାମାନଙ୍କରେ ନାହିଁ। ସେହିଭଳି ଅନେକ ଥାନାରେ ଏହି ଯନ୍ତ୍ର ଅଚଳ ଅବସ୍ଥାରେ ପଡ଼ି ରହିଛି। ଏପରିକି, ଡିଜେ ଶବ୍ଦ ପାଇଁ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳରେ ଗତ ଦୁଇ ବର୍ଷ ତଳେ ଜଣେ ଯୁବକଙ୍କ ଅକାଳରେ ଜୀବନ ଚାଲିଯାଇଥିଲା। ଏହିଭଳି ଘଟଣା ରାଜ୍ୟର ଅନ୍ୟ କେତେକ ଜିଲ୍ଲାରେ ଘଟିଥିବା ନେଇ ଅଭିଯୋଗ ମଧ୍ୟ ଆସୁଛି। ଶବ୍ଦ ପ୍ରଦୂଷଣ ନିରବ ଘାତକ ସାଜିଥିବା ନେଇ ଅତୀତରେ ଓଡ଼ିଶା ରାଜ୍ୟ ମାନବାଧିକାର କମିସନ (ଓଏଚ୍‌ଆରସି) ମଧ୍ୟ ଉଦବେଗ ପ୍ରକାଶ କରିଥିବାର ନଜିର ରହିଛି। ଶବ୍ଦ ପ୍ରଦୂଷଣ ପ୍ରସଙ୍ଗରେ ପୁଲିସ ସହ ସମନ୍ୱୟ ରଖି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନି। ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ ୨୦୦୩ର ଧାରା ୩୨ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ପୁଲିସକୁ ଦିଆଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଓ କଟକଣା ନିୟମ ୨୦୦୦ ଅନୁସାରେ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ତେବେ ଚଳିତ ପାର୍ବଣରେ ଏହାକୁ କେତେଦୂର କାର୍ଯ୍ୟକାରୀ କରାଯାଇପାରୁଛି ତାହା ଦେଖିବାକୁ ବାକି ରହିଛି।

## ଯାତ୍ରା ମଞ୍ଚରେ ପୁଣି ଅଶ୍ଳୀଳତାକୁ ପ୍ରଶ୍ରୟ

# ମାର୍ଗଦର୍ଶିକା କଥା ଭୁଲିଗଲେ ସରକାର!

ଭୁବନେଶ୍ୱର,୧।୯ (ସମିସ): କିଛି ଦିନ ତଳେ ଜଟଣୀର ଏକ ଯାତ୍ରା ମଞ୍ଚରେ ବିବାଦୀୟ ନୃତ୍ୟଶିଳ୍ପୀ ନିଶା ମହାରଣାଙ୍କୁ ଚେୟାର୍ ମାଡ଼ ହେଲା। ମଞ୍ଚ ଉପରେ ସେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରୁଥିବା ଅଭିଯୋଗ କରି ଦର୍ଶକ ଗ୍ୟାଲେରିରୁ ଜଣେ ଯୁବକ ତାଙ୍କୁ ଚେୟାର୍ ଫିଙ୍ଗିଲେ। ଏହା ଖାଲି ଗୋଟିଏ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରୁ ଏପରି ଅନେକ ଚିତ୍ର ସାମ୍ନାକୁ ଆସିଛି। ଯାତ୍ରା ମଞ୍ଚରେ ବଢୁଥିବା ଅଶ୍ଳୀଳତା ଉପରେ ରୋକ୍ ଲଗାଇବା ପାଇଁ ନୂଆ ବିଜେପି ସରକାର ଗତ ଖଣ୍ଡିଗିରି ମେଳା ପୂର୍ବରୁ ଜୋରସୋର୍‌ରେ ଅଣ୍ଟା ଭିଡ଼ିଥିଲେ। ଖୁବ୍‌ଶୀଘ୍ର ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆସିବ ବୋଲି ବିଧାୟକଙ୍କଠାରୁ ଆରମ୍ଭ କରି ସଂସ୍କୃତି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ କହି ବୁଲିଲେ, ଗଣମାଧ୍ୟମରେ ବିବୃତି ରଖିଲେ। ଏହାକୁ ନେଇ ବିଧାନସଭାରେ ବି ପ୍ରଶ୍ନ ଉଠିଲା, ଚର୍ଚ୍ଚା-ଆଲୋଚନା ହେଲା। କିନ୍ତୁ ମାସ ପରେ ମାସ ବିତିଗଲା ସିନା, ମାର୍ଗଦର୍ଶିକା ଆସିପାରିଲା ନାହିଁ। ଏବେ ତା'ର ସୋରଶବ୍ଦ ବି ନାହିଁ। ସତେଯେମିତି ସରକାର ଏହାକୁ ପାସୋରି ଯାଇଛନ୍ତି। ଏବେ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଯାତ୍ରା ପଡ଼ିବ। ତେଣୁ, ସେଠାରେ ଜଟଣୀ ଭଳି ଯେ ଅପ୍ରୀତିକର ସ୍ଥିତି ସୃଷ୍ଟି ନ ହେବ, ତାହାକୁ ଏଡ଼ାଇ ଦିଆନଯାଇପାରେ ବୋଲି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ କହିଛି।

ସୂଚନାନୁଯାୟୀ, ଖଣ୍ଡଗିରି ଯାତ୍ରା ସମୟରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତତ୍ପରତା ପ୍ରକାଶ କରିଥିଲେ। ଯାତ୍ରା ମଞ୍ଚରେ ଆଉ ଅଶ୍ଳୀଳ ନୃତ୍ୟ ପରିବେଷଣ ହେବନି। ଦ୍ୱି-ଅର୍ଥବୋଧକ ଶବ୍ଦର ବ୍ୟବହାର ଉପରେ ମଧ୍ୟ କଟକଣା ଲାଗିବ। ଯାତ୍ରାର ମାନଦଣ୍ଡ ସ୍ଥିର କରାଯିବା ସହ ଯେଉଁମାନେ ଯାତ୍ରା ମାଧ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତିକୁ ଅପଭ୍ରଂଶ କରିବାକୁ ଚେଷ୍ଟା କରିବେ, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏପରିକି, ରାଜ୍ୟ ସରକାର ଏହାକୁ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆଣିବେ ବୋଲି ମତ ରଖିଥିଲେ। ସେହିପରି ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଯାତ୍ରା ପାର୍ଟିରେ ଅଶ୍ଳୀଳ ନୃତ୍ୟ ପରିବେଷଣ ଉପରେ ରୋକ୍ ଲଗାଇବାକୁ ରାଜ୍ୟ ସରକାର କ'ଣ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରଶ୍ନ କରିଥିଲେ। ମଞ୍ଚରେ ଯେଉଁଭଳି ଅଶ୍ଳୀଳତା ପ୍ରଦର୍ଶନ ହେଉଛି, ତାହା ଉପରେ ରୋକ୍ ଲଗାଇବା ପାଇଁ ତୁରନ୍ତ ଆଇନ ଆଣିବାକୁ ଦାବି କରିଥିଲେ। ବିଧାୟକ ଅକାଶ ଦାସନାୟକ ମଧ୍ୟ ଏନେଇ ମୁହଁ ଖୋଲିଥିଲେ। ଯାତ୍ରାକୁ ଯେଉଁ କିଛି ଜଣ କଳୁଷିତ କରୁଛନ୍ତି, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ ବୋଲି କହିଥିଲେ। ଖାଲି ସେତିକି ନୁହେଁ, ଯାତ୍ରା କମିଟି ମହାସଂଘ ମଧ୍ୟ ଆଗକୁ ଆସିଥିଲା। ଯାତ୍ରା ଅନୁଷ୍ଠାନ ଲାଗି ସ୍ୱତନ୍ତ୍ର ନିୟମ ଆଣିବା ଦାବିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଆଲୋଚନା କରିଥିଲା। ସେତେବେଳେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ ଯାତ୍ରାରେ କୌଣସି ପ୍ରକାର ଅପସଂସ୍କୃତିକୁ ପ୍ରଶ୍ରୟ ନ ଦେବା ସହ ସଂସ୍କୃତିର ସୁରକ୍ଷା ଦିଗରେ ଖୁବ୍‌ଶୀଘ୍ର ଏକ ନିର୍ଦ୍ଦେଶାବଳୀ ଜାରି କରାଯିବ। କିନ୍ତୁ ଏହା କେବଳ ପ୍ରତିଶ୍ରୁତିରେ ରହିଯାଇଥିବା କୁହାଯାଉଛି।

ଅପରପକ୍ଷେ, ଅଶ୍ଳୀଳତାକୁ ବିରୋଧ କରି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ ପକ୍ଷରୁ ଯାତ୍ରା ମାଲିକ ସଂଘ ସହ ମଧ୍ୟ ଏନେଇ ଆଲୋଚନା ହୋଇଥିଲା। ପୁନର୍ବାର ମଞ୍ଚରେ ଅଶ୍ଳୀତାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମାଲିକ ସଂଘ ମଧ୍ୟ ସ୍ୱୀକାର କରିଥିଲା। କିନ୍ତୁ ଏସବୁ ପରେ ନିକଟ ଅତୀତରେ ଜଟଣୀ ଯାତ୍ରା ମଞ୍ଚରେ ଯାହା ଘଟିଲା, ତାହା ଚିନ୍ତାଜନକ ବୋଲି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ କହିଛି। ମଞ୍ଚ ଏହାର ବିରୋଧ କରିବା ସହ ଆଗାମୀ ବୈଠକରେ ଏ ବିଷୟରେ ମାଲିକ ସଂଘର ସଭାପତିଙ୍କ ସହ ଆଲୋଚନା କରିବ ବୋଲି କହିଛି। ମଞ୍ଚରେ ଅଶ୍ଳୀଳତା କାହିଁକି ପ୍ରଶ୍ରୟ ଦିଆଗଲା ବୋଲି ପ୍ରଶ୍ନ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

# ଆରମ୍ଭ ହେଲା କଂଗ୍ରେସର 'ସଂଗଠନ ସୃଜନ' ଅଭିଯାନ

■ ୧୪ ସୁଦ୍ଧା ଏଆଇସିସିକୁ ଦିଆଯିବ ଜିଲ୍ଲା ସଭାପତି ତାଲିକା
■ ଆଜି ଓଡ଼ିଶା ଆସୁଛନ୍ତି ଏଆଇସିସିର ୭ଜଣ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୧।୯ (ସମିସ): ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ସମସ୍ତ ୩୫ ଟି କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ କରାଯିବ। ଏଥିପାଇଁ ଏଆଇସିସି ପକ୍ଷରୁ ନିଯୁକ୍ତ ହୋଇଥିବା ୩୫ ଜଣ ପର୍ଯ୍ୟବେକ୍ଷକଙ୍କ ଗସ୍ତ ଆରମ୍ଭ ହୋଇଯାଇଛି। ରବିବାର ରାତିରେ ବାଲେଶ୍ୱର ଓ କେନ୍ଦ୍ରାପଡ଼ା ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ଭାବେ ଯଥାକ୍ରମେ ସାଂସଦ ଶ୍ରେୟାସ ଏମ୍ ପଟେଲ ଓ ଏଆଇସିସି ସମ୍ପାଦକ ଗୋପୀନାଥ ପାଲାନିୟାପନ୍ ଭୁବନେଶ୍ୱରରେ ପହଞ୍ଚି ସମ୍ପୃକ୍ତ ଜିଲ୍ଲା ଗସ୍ତ କରିଥିବା ବେଳେ ସୋମବାର ଦେବଗଡ଼, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ (ପୂର୍ବ), ନବରଙ୍ଗପୁର, ନୟାଗଡ଼ ଓ ନୂଆପଡ଼ା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ଓଡ଼ିଶାରେ ପହଞ୍ଚିଛନ୍ତି।

ପର୍ଯ୍ୟବେକ୍ଷକମାନେ ସେମାନଙ୍କ ଆବଣ୍ଟିତ ଜିଲ୍ଲା ଗସ୍ତ କରିଥିବା ବେଳେ ସେଠାରେ ସ୍ଥାନୀୟ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କ ସହ ଆଲୋଚନା ମଧ୍ୟ ଆରମ୍ଭ କରିଛନ୍ତି। ଏଆଇସିସି ପର୍ଯ୍ୟବେକ୍ଷକମାନଙ୍କ ସହିତ ୩ ଜଣିଆ ପିସିସି ପର୍ଯ୍ୟବେକ୍ଷକମାନେ ମଧ୍ୟ ସେମାନଙ୍କ ସହ ଜିଲ୍ଲା ଗସ୍ତ କରିଛନ୍ତି। ଏହି କମିଟି ଗସ୍ତ ଓ ସଂଗଠନ ସୃଜନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ପର୍ଯ୍ୟବେକ୍ଷକମାନେ ନିଜ ନିଜ ନିର୍ଦ୍ଧାରିତ ଜିଲ୍ଲାରେ ଅନ୍ୟୁନ ୭ ଦିନ ବିଭିନ୍ନ ବ୍ଲକ୍ ଗସ୍ତରେ ଯାଇ ସେଠାକାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କ ସହ ଆଲୋଚନା କରିବେ। ଏହି ସମୟ ମଧ୍ୟରେ ସେମାନେ ୬ ଜଣିଆ ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରିବେ। ଉକ୍ତ ତାଲିକାରେ ଅନୁସୂଚିତ ଜାତି, ଜନଜାତି, ମହିଳା, ଓବିସି ଓ ସଂଖ୍ୟାଲଘୁ ଆଦି ବର୍ଗର ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଆଯିବ। ଉକ୍ତ ତାଲିକାରୁ ଏଆଇସିସି ଜଣଙ୍କ ନାମ ସଭାପତି ଭାବେ ଘୋଷଣା କରିବ। ଏହି ପ୍ରକ୍ରିୟାକୁ ଯଥାସମ୍ଭବ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଏଆଇସିସି ତରଫରୁ ପରାମର୍ଶ ଦିଆଯାଇଛି। ଫଳରେ ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ଯୋଗ୍ୟ ତଥା ଦକ୍ଷ ବ୍ୟକ୍ତି ଦଳର ସାଂଗଠନିକ ନେତୃତ୍ୱ ନେବେ ବୋଲି ଶ୍ରୀ ଦାସ ଆଶା ପ୍ରକାଶ କରିଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ୧୪ ତାରିଖରେ ସରିବ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମଙ୍ଗଳବାର ମଧ୍ୟ ୭ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓଡ଼ିଶା ଆସିବେ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।

## ସିଆରପିଏଫର ରାଷ୍ଟ୍ରୀୟ ଖେଳ ଦିବସ



ଚନ୍ଦ୍ରପୁର,୩୧୮ (ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ୪ର୍ଥ ବାଟାଲିୟନ ସିଆରପିଏଫ ଯବାନ ଏବଂ ଅଫିସର ପ୍ରମୁଖ ରାଷ୍ଟ୍ରୀୟ ଖେଳ ଦିବସରେ ଚନ୍ଦ୍ରପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ମୁଖ୍ୟ ଉପଦେଷ୍ଟା କାମାଣ୍ଡାଣ୍ଟ ଫିରଜ୍ କୁଜୁରୁ ଏବଂ ସେକେଣ୍ଡ ଇଂ.କାମାଣ୍ଡାଣ୍ଟ ସଞ୍ଜୟରାଉତଙ୍କ ନିର୍ଦ୍ଦେଶ ଅନୁସାରେ ସାଇକଲ ଚଳାଇ ଲୋକଙ୍କୁ ସୁସ୍ଥ ସ୍ୱାସ୍ଥ୍ୟ ରଖିବା ପାଇଁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମ ଶେଷରେ କମାଣ୍ଡର ଶ୍ରୀ ରାଉତ ସମସ୍ତ ସିଆରପି ଏଫ ଯବାନ ଓ ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ।

### ବିକ୍ରମଦେବ ବିଶ୍ୱବିଦ୍ୟାଳୟ

# ନୂଆ ଭବନ ପାଇଁ ୪୦ ଏକ ଜମି ହସ୍ତାନ୍ତର ଆରମ୍ଭ

ଜୟପୁର, ୧।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ନୂତନ ଭବନ ନିର୍ମାଣ ପାଇଁ ଜମି ସ୍ଥାନୀୟ ତହସିଲ ରଣ୍ଡାପାଲ୍ଲୀ ମୌଜା ଠାରେ ୪୦ ଏକର ଚିହ୍ନଟ ଜମି ଉଚ୍ଚ ଶିକ୍ଷା ବିଭାଗକୁ ହସ୍ତାନ୍ତର ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିନେଇ ଗତ ଶନିବାର କୋରାପୁଟ ଜିଲ୍ଲାପାଳ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନଙ୍କୁ ଚିହ୍ନଟ ଜମିକୁ ହସ୍ତାନ୍ତର ନେଇ ଏବଂ ଗତ ୨୦୨୨ ମସିହାରେ ଚିହ୍ନଟ ଜମିର ସମ୍ପୂର୍ଣ୍ଣ ବିପରଣୀ ପ୍ରଦାନ କରାଯାଇଛି। ଉକ୍ତ ଜମିକୁ ଗତ ୨୦୨୩ ମସିହାରେ ଉଚ୍ଚ ଶିକ୍ଷା ବିଭାଗର ତତ୍କାଳୀନ ସ୍ୱତନ୍ତ୍ର ସଚିବ ଏବଂ ଦୁଇ ବରିଷ୍ଠ ଅଧିକାରୀ ଗସ୍ତ ବେଳେ ଜୟପୁର ଆଖପାଖ ଅଞ୍ଚଳର ୩ଟି ସ୍ଥାନ ବୁଲି ଦେଖିଥିଲେ। ଏଥିରେ ରଣ୍ଡାପାଲ୍ଲୀ ଗ୍ରାମପଞ୍ଚାୟତ ସ୍ଥିତ ପଲିଟେକ୍ନିକ କଲେଜ ନିକଟସ୍ଥ ୭୨ ଏକର ଜମି, ଆମ୍ବାଗୁଡା ଗ୍ରାମ ଠାରେ ପୁରାତନ ଡି.ଏନ.କେ କୋଲନୀ ଏବଂ ଜମି, ବାରିଣିପୁଟ ପଞ୍ଚାୟତ ସଦର ଗ୍ରାମ ମହୁଲଭଟ୍ଟା ରାସ୍ତାରେ ୭୦ ଏକର ଜମି ଏବଂ ଜୟପୁର ଜଗନ୍ନାଥ ସାଗର ଏବଂ ଗ୍ଲୋକାଲ ଚିକିତ୍ସାଳୟକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱର ୪୫ ଏକର ଜମି ବୁଲିଦେଖିଥିଲେ। ଶେଷରେ ରଣ୍ଡାପାଲ୍ଲୀ ନିକଟସ୍ଥ ୪୦ ଏକର ଜମି ଚିହ୍ନଟ କରାଯାଇଛି। ପ୍ରକାଶ ଯେ, ଗତ ୨୦୨୩ ମସିହା ଫେବୃୟାରୀ ୩ ତାରିଖ କୋରାପୁଟ ଜିଲ୍ଲା ଜୟପୁର ସହରର ପୁରାତନ ବିକ୍ରମଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୭୫ତମ ପ୍ଲାଟିନିୟମ ଜୁବୁଲି ବାର୍ଷିକ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମ ମାଧ୍ୟମରେ ବିକ୍ରମଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା କରିଥିଲେ। ଏହି ବିଶ୍ୱବିଦ୍ୟାଳୟ ଅଧିନରେ କୋରାପୁଟ, ରାୟଗଡା, ନବରଙ୍ଗପୁର ଏବଂ ମାଲକାଗିରି ଜିଲ୍ଲା ୩୯ ମହାବିଦ୍ୟାଳୟ ରହିଛି।

## ନକଲି ସାର ଗୋଦାମରେ ଚଢ଼ଉ

କୋଟପାଡ଼, ୩୧୯ (ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ଇଣ୍ଡୋର ଷ୍ଟାଡିୟମନିକଟରେ ଏକ ନକଲି ସାର ଗୋଦାମ ଉପରେ ଚଢ଼ଉ ହେଇଥିବା ଜଣାପଡିଛି। ଉକ୍ତ ଗୋଦାମରେ ନକଲି ସାର ସହ କିଛି ରଙ୍ଗ, ଖାଲି ବସ୍ତା, ଏକ ସିଲେଇ ମେଶିନ ଏବଂ ବିଭିନ୍ନ ପ୍ରକାର ସାର ବସ୍ତା ରହିଛି। ଏହାସହ ଏର୍ଥ ୱେ ଏଗ୍ରି କଲଚର ପ୍ରାଇଭେଟ ଲିମିଟେଡ଼, ରାଜସ୍ଥାନ ଜୟପୁର ବୋଲି ଏକ ସୂଚନା ଫଳକ ରହିଥିବା ଜଣାପଡିଛି। ସାର ମାଲିକଙ୍କୁ ପ୍ରଶାସନ ଅଧିକାରୀମାନେ ଯୋଗାଯୋଗ କରିଥିଲେ ସୁଦ୍ଧା ଫୋନ ଉଠାଇ ନଥିଲେ। ଫଳରେ ଦୋକାନ ଘର ଭଡ଼ା ଦେଇଥିବା ମାଲିକଙ୍କ ଉପସ୍ଥିତରେ ଚାବି ଭଙ୍ଗା ହେବା ସହ ଚଢ଼ଉ ହୋଇଥିଲା। ସ୍ଥାନୀୟ ତିହସିଲଦାର ଓ କୃଷି ବିଭାଗ କର୍ମଚାରୀ, ପୁଲିସ ଉପସ୍ଥିତିରେ ଚଢ଼ଉ କରାଯାଇ ଗୋଦାମ ସିଲ୍ କରାଯାଇ ଅଧିକ ତଦନ୍ତ ଜାରି ରହିଛ।

## ଘର ଭୁଶୁଡ଼ି ଦମ୍ପତି ଗୁରୁତର

ପୋଡ଼ାଗଡ଼,୩୧୯ (ସମିସ): କୋରାପୁଟ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମସ୍ତିପୁଟ ପଞ୍ଚାୟତର ବାସୁପୁଟ ଗ୍ରାମରେ ହଠାତ୍ ଘର ଭୁଶୁଡ଼ି ପଡିବାରୁ ଦମ୍ପତି ଗୁରୁତର ହୋଇଛନ୍ତି। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ସେମାନେ ଭର୍ତ୍ତି ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବାସୁପୁଟ ଗ୍ରାମର ମଧୁକମାର ସ୍ତ୍ରୀ ଭଗବତୀ କମାର ସନ୍ଧ୍ୟା ୬ଘଣ୍ଟା ସମୟରେ ନିଜ ଘରେ ଥିଲେ। ଠିକ୍ ସେହି ସମୟରେ ଘର ଭୁଶୁଡ଼ି ଉଭୟ ସ୍ୱାମୀ, ସ୍ତ୍ରୀଙ୍କ ଉପରେ ପଡ଼ିଥିଲା। ମଧୁ କମାର ଗୁରୁତର ଆହତ ହୋଇଥିବା ବେଳେ ସ୍ତ୍ରୀ ଭଗବତୀ କମାର ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଘର ଭୁଶୁଡ଼ିବା ଜାଣି ଗ୍ରାମର ଈଶ୍ୱର ନାୟକ ସମେତ ଗ୍ରାମର ଅନ୍ୟ ଯୁବକ ମାନେ ତୁରନ୍ତ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ।

## ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଜୟପୁର,୧।୯ (ସମିସ): ଜୟପୁର ଜଗଦୀଶ ଚନ୍ଦ୍ର ନାୟକ ସରକାରୀ ଉଚ୍ଚ ବିଦ୍ୟାଳୟର ସୁପରିଚିତ ଚତୁର୍ଥଶ୍ରେଣୀ କର୍ମଚାରୀ ଭଗବାନ କିରସାନୀ ଗତକାଲି ନିଜ ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏଥିନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପେନ୍ଦ୍ରନାଥ ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀନାଥ ମିଶ୍ର, ସିମାଦ୍ରୀ ଆପନ୍ନା, ତ୍ରିନାଥ ପଟ୍ଟନାୟକ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବାସୁଦେବ ସେନାପତି, ସ୍ଥାନୀୟ ସମାଜସେବୀ ପ୍ରମୋଦ ସାମଲ ଯୋଗଦେଇ ଅବସର ଗ୍ରହଣ କରିଥିବା ଚତୁର୍ଥଶ୍ରେଣୀ କର୍ମଚାରୀ ଶ୍ରୀ ଭଗବାନ ଜଣେ ନିଷ୍ଠାପର, କର୍ମଠ ଏବଂ ଅମାୟକ କର୍ମଚାରୀ ଭାବେ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ର ମାନଙ୍କ ନିକଟରେ ପରିଚିତ ରହିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ କିଛି ଉପହାର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ଏ.ଶ୍ୱେତା ,ମାଧୁରୀ ମଧୁମିତା, ସୁଧାରାଣି ଭୂପତି, ମଞ୍ଜୁଳା ପାଣିଗ୍ରାହୀ, କମଳଲୋଚନ ସିସା ପରିଚାଳନା କରିଥିବା ବେଳେ ଛାତ୍ରମାନେ ଉପସ୍ଥିତ ଥିଲେ।

## ପୌରାଧ୍ୟକ୍ଷା ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ନେଇ ବିଜେଡିର ବୈଠକ

ଉମରକୋଟ,୩୧୯ (ସମିସ): ଗତ ମଙ୍ଗଳବାର ଦିନ ନବରଙ୍ଗପୁର ଜିଲ୍ଲାର ଉମରକୋଟ ପୌର ପରିଷଦର ଅଧ୍ୟକ୍ଷା ରାଧା ଭତ୍ରାଙ୍କ ବିରୁଦ୍ଧରେ ବିଭିନ୍ନ ଅଭିଯୋଗ କରି ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ପରିଷଦର ସମସ୍ତ ୧୪ କାଉନ୍ସିଲର ନବରଙ୍ଗପୁର ଯାଇ ଅତିରିକ୍ତ ଜିଲାପାଳଙ୍କୁ ଦରଖାସ୍ତ ପ୍ରଦାନ କରିଥିଲେ। ଏହାର ୪ ଦିନ ପରେ ଘଟଣାର ସମାଧାନ ପାଇଁ, ଅଧ୍ୟକ୍ଷାଙ୍କ ଚୌକିକୁ ବଞ୍ଚାଇବା ପାଇଁ ବିଜେଡିର ଆଗ ଧାଡ଼ିର ନେତା ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଗତକାଲି ରାତି ବୁର୍ଜା ଅଞ୍ଚଳରଯ ଏକ ଅଜ୍ଞାତ ସ୍ଥାନରେ ନବରଙ୍ଗପୁର ଜିଲ୍ଲାର ବିଜେଡ଼ି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ଏମପି ରମେଶ ଚନ୍ଦ୍ର ମାଝୀ ଓ ପ୍ରଦୀପ ମାଝୀ ସମସ୍ତ କାଉନସିଲରଙ୍କ ସହ ବୈଠକ କରି ପ୍ରସ୍ତାବ ସପକ୍ଷରେ ଭୋଟ ନଦେବା ପାଇଁ ଅନୁରୋଧ କରିଛନ୍ତି। ଏହି ବୈଠକରେ ଅଧ୍ୟକ୍ଷା ରାଧା ଭତ୍ରା , ଉପାଧ୍ୟକ୍ଷ ସୁଧାଂଶୁ ଦାସ ଙ୍କ ସମେତ ବିଜେଡ଼ି ର ସମସ୍ତ ୧୨ ଟି କାଉନସିଲର ଉପସ୍ଥିତ ଥିଲେ। ଅଧ୍ୟକ୍ଷା ରାଧା ଭତ୍ରା ଉପସ୍ଥିତ ରହିବା ସହ ଭବିଷ୍ୟତ ରେ ସମସ୍ତେ ମିଳିମିଶି କାମ କରିବା ବୋଲି ନିର୍ଭର ପ୍ରତିଶୃତି ଦେଇଥିବା ଏକ ବିଶେଷ ସୂତ୍ରରୁ ଜଣା ପଡ଼ିଛି। ତେବେ କାଉନ୍ସିଲର ମାନେ ଏହା ଉପରେ ନିଷ୍ପତି ନେବା ପାଇଁ ୨ ଦିନ ସମୟ ମାଗିଥିବା ଜଣାପଡ଼ିଛି।

## ଶିକ୍ଷକ ତରୁଣ ଦାସଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ



କୋରାପୁଟ,୩୧୯ (ସମିସ): କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷକ ତରୁଣ କୁମାର ଦାସ ୨୦୨୫ ବର୍ଷ ପାଇଁ ପାଇବେ ଜାତୀୟ ଶିକ୍ଷକ ପୁରସ୍କାର। ଆସନ୍ତା ସେପ୍ଟେମ୍ବର ୫ତାରିଖ ଗୁରୁ ଦିବସ ଦିନ ଶିକ୍ଷକ ଶ୍ରୀ ଦାସ ମହାମହିମ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କ ଠାରୁ ପୁରସ୍କାର ଗ୍ରହଣ କରିବା ସହ ସମ୍ମାନିତ ହେବାକୁ ମନୋନୀତ ହୋଇଛନ୍ତି। ସୋମବାର କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଶିକ୍ଷକ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କୋରାପୁଟ ଶିକ୍ଷା କ୍ଷେତ୍ରରେ ଜାତୀୟ ସ୍ତରୀୟ ସମ୍ମାନ ପାଇଁ ମନୋନୀତ ହେବା ଏବଂ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କ ଠାରୁ ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣ କରିବା କୋରାପୁଟ ପାଇଁ ଗର୍ବର ବିଷୟ ବୋଲି ଜିଲ୍ଲାପାଳ କହିଛନ୍ତି। ପୁଷ୍ପଗୁଚ୍ଛ ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତି ସହ ଶିକ୍ଷା ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ବାଇକ୍ ଧକ୍କାରେ ଜଣେ ଗୁରୁତର

ପାପଡାହାଣ୍ଡି, ୩୧୯ (ସମିସ) ପାପଡାହାଣ୍ଡିରୁ କୋଷାଗୁମୁଡା ରାସ୍ତାର ସୋରିଷ ପଦର ମସାଣି ନିକଟରେ ଆଜି ଅପରାହ୍ଣରେ ଏକ ଅଜଣା ବାଇକ ଧକ୍କାରେ ରମା ଭତରା ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ସେ ଅଟୋରୁ ଓହ୍ଲାଇ ଘରକୁ ଯିବା ସମୟରେ ଏକ ଅଜଣା ବାଇକ୍ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଏଥିରେ ସେ ଛିଟକି ପଡିଥିଲେ।

## ସର୍ପାଘାତ ପୀଡ଼ିତକୁ ଖଟିଆରେ ୩ କିମି ବୋହିଲେ

ପୋଡ଼ାଗଡ଼,୩୧୯ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲ୍ଲା ପଞ୍ଚାୟତ ଅଧିନସ୍ଥ ପଦୁଗୁଡା ଗାଁରେ ବିଷଧର ସାପ କାମୁଡାରେ ଶିକାର ହୋଇଥିବା ଯୁବକଙ୍କୁ ଗାଁଲୋକେ ଖଟିଆ ମାଧ୍ୟମରେ ୩ କିମି ଯାଏଁ ଭାର କରି ଚିକିତ୍ସାଳୟକୁ ନେଉଥିବା ଦେଖିବାକୁ ମିଳିଛି। ଗୁରୁତର ଯୁବକ ଜଣକ ହେଲେ ସାରଥୀ ସାଉଁନ୍ତାଙ୍କ ପୁଅ ନବୀନ ସାଉନ୍ତା (୩୦)। ପ୍ରକାଶ ଯେ:- ନବୀନ ଭୋର ସକାଳୁ ଗାଁ ଠାରୁ ଅଧ କିମି ଦୂର ଅଜାଘାଟ ପାହାଡ଼କୁ ଗାଈ ଚରାଇବାକୁ ଯାଇଥିଲେ। ଠାତ ଏକ ନୀଳ ପତରିଆ ରଙ୍ଗର ଏକ ବିଷଧର ସର୍ପ ଡାହାଣ ପାଶ୍ୱର୍ ହାତ ପାପୁଲିରେ ଚୋଟ ମାରିଥିଲା। ତାଙ୍କୁ ବଞ୍ଚାଇବା ପାଇଁ ଗାଁର ଗୋବିନ୍ଦ ସାଉନ୍ତା, କ୍ରିଷ୍ଣା ସାଉନ୍ତା ଓ ରୁଦ୍ର ସାଉଁନ୍ତାଙ୍କ ସହଯୋଗ ରେ ଗାଁ ଠାରୁ ୩ କିମି ଦୂର ଲୁଲ୍ଲା ଗାଁ ଛକ ଯାଏଁ ଖଟିଆ ମାଧ୍ୟମରେ ବୋହି ଆଣିଥିଲେ।

## ମକା ଚାଷ ନଷ୍ଟ କଲେ ହାତୀ

ଉମରକୋଟ,୧।୯ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକରେ ଆତଙ୍କ ଖେଳାଉଛନ୍ତି ଛତିଶଗଡି ହାତୀ ପଲ। ମକା ଫସଲ ନଷ୍ଟ କରି ଚାଷୀଙ୍କ ନିଦ ହଜାଇ ଦେଇଛନ୍ତି। ସୀମା ଡେଇଁଲେ ଛତିଶଗଡ଼ି ଜଙ୍ଗଲୀ ହାତୀ। ପୂର୍ବରୁ ଛତିଶଗଡ଼ ଓ ନବରଙ୍ଗପୁର ସୀମାନ୍ତ ରାଇଘର ବ୍ଲକରେ ହାତୀ ଉତ୍ପାତ କରୁଥିଲେ। ବର୍ତ୍ତମାନ ଉମରକୋଟ ଅଞ୍ଚଳର ମକା ଚାଷ ଉପରେ ନଜର ପକାଇଛନ୍ତି। ଉମରକୋଟ ବ୍ଲକ ତୋହରା ପଞ୍ଚାୟତର ରାମପାରାଠାରେ ଦୁଇଟି ହାତୀ ମକା ଚାଷ ନଷ୍ଟ କରିବା ସହ କ୍ଷତି କରୁଛନ୍ତି। ଏହି ହାତୀ ଛତିଶଗଡ଼ ସୀତାନଦୀ ଅଭୟାରଣ୍ୟରୁ ଆସିଥିବା ଅନୁମାନ କରାଯାଉଛି। ହାତୀକୁ ଦେଖି ଗ୍ରାମବାସୀ ଆତଙ୍କିତ ହେବା ସହ ବନ ବିଭାଗକୁ ଖବର ଦେଇଛନ୍ତି। ହାତୀ ନିଜର ଗତି ପଥ ନ ବଦଳାଇ ମକା ବାଡ ରେ ହିଁ ରୁହନ୍ତି ତେବେ ମକା ଫସଲ ସମ୍ପୂର୍ଣ୍ଣ ଉଜୁଡିଯିବା ର ଆଶଙ୍କା ରହିଛି। ବନ ବିଭାଗ ଖବର ପାଇ ହାତୀ ଘଉଡ଼ାଇବାକୁ ଚେଷ୍ଟା ଜାରି ରଖିଥିବା ସୂଚନା ମିଳିଛି।

■ ମୂର୍ତ୍ତି କାରିଗରଙ୍କଠାରୁ ୧୨ ଲକ୍ଷ ଟଙ୍କା ଲୁଟ୍ ଘଟଣା

## ଦୁଇ ଚୋର ଧରାପଡ଼ିଲେ

ଉମରକୋଟ,୩୧୯ (ସମିସ): ମୂର୍ତ୍ତି କାରିଗରଙ୍କ ଠାରୁ ଲକ୍ଷାଧିକ ଟଙ୍କା ଚୋରି କରି ନେଇଥିବା ମାମଲାରେ ଉମରକୋଟ ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉମରକୋଟ ଅଞ୍ଚଳର ଜଣେ ନାବାଳକ ଓ ଅନ୍ୟଜଣେ ସାବାଳକ। ସେମାନଙ୍କ ପାଖରୁ ୬ ହଜାର ଟଙ୍କା, ୨ଟି ମୋବାଇଲ୍ ଜବତ କରାଯାଇଛି। ନାବାଳକକୁ ଭବାନୀପାଟଣା ଜୁଭେନାଇଲକୁ ଓ ସାବାଳକକୁ ଉମରକୋଟ ଜେଲ ଜେଲକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାଏ କହିଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ ରାଜସ୍ଥାନ ପାଲି ଜିଲ୍ଲା ଦେସୁରୀ ଥାନା ନାର୍ଲି ଗାଁର ବାବରୀ ପରିବାରର ଲୋକେ ଏଠାକୁ ଆସି ରାସ୍ତାପାଶ୍ୱର୍ରେ ବିଭିନ୍ନ ମୂର୍ତ୍ତି ଗଢି ବ୍ୟବସାୟ କରୁଛନ୍ତି। ଗଣେଶ ମୂର୍ତ୍ତି କିଣିବା ବାହାନାରେ ଗତ ୨୭ ତାରିଖ ରାତି ପ୍ରାୟ ୩ଟାରେ ବାଇକ୍‌ରେ ୪ଜଣ ଅଜଣା ଯୁବକ ଆସି ସେମାନଙ୍କୁ ଉଠାଇଥିଲେ। ପରେ ମୂର୍ତ୍ତି ବିକ୍ରି କରି ରଖିଥିବା ୧୨ ଲକ୍ଷ ଟଙ୍କା, ଦେଢ ତୁଳାର ସୁନାଫୁଲ, ଅଧତୋଳାର ମଙ୍ଗଳସୂତ୍ର ସହ ଅନ୍ୟ ମୂଲ୍ୟବାନ ସାମଗ୍ରୀ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଜାଣିବାକୁ ପାଇ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ପହଞ୍ଚି ତଦନ୍ତ କରିଥିଲା। ପୁଲିସ ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ତଦନ୍ତ ଚଳାଇଥିଲା। ଏହି କାରବାରରେ ସମ୍ପୃକ୍ତ ୪ଜଣଙ୍କ ମଧ୍ୟରୁ ଆଜି ୨ଜଣଙ୍କୁ ଗିରଫ ଧରାଯାଇଥିଲା। ଏହି ଚଢଉରେ ଏସଆଇ ଶିବଜୀ ପଣ୍ଡା, ଅକ୍ଷୟ ମିଶ୍ର, କନେଷ୍ଟବଳ ନରେନ୍ଦ୍ର ନାୟକଙ୍କ ସମେତ ପୁଲିସ ଫୋର୍ସ ସାମିଲ ହୋଇଥିଲା। ଚୋରିରେ ସମ୍ପୃକ୍ତ ଫେରାର ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି

## ଖୁଚୁରା କୃଷି ବ୍ୟବସାୟୀ ସଂଘର ଦାବିପତ୍ର ପ୍ରଦାନ



ଜୟପୁର,୧।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡ ଖୁଚୁରା କୃଷି ବ୍ୟବସାୟୀ ସଂଘ ପକ୍ଷରୁ ମାନେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ୭ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଆଜି ଅପରାହ୍ଣରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପରିଡାଙ୍କୁ ସାକ୍ଷାତ କରିବା ସହ ଅଭିଯୋଗ କରିଛନ୍ତି। ଏହିପରି ଜିଲ୍ଲା ରହିଥିବା ଡିଲର (ପାଇକାରୀ) ବ୍ୟବସାୟୀ ମାନେ ବେଆଇନ ଭାବେ ସାର ବିକ୍ରି ସହ କଳା ବ୍ୟବସାୟୀ କରୁଥିବା ନେଇ ଅଭିଯୋଗ କରିଛନ୍ତି। ଦାବି ଅନୁଯାୟୀ ସାର ମାଲବାହୀ ରେଳ ଅନଲୋଡିଂ ପଏଣ୍ଟ ଦର, ଉଠାଣ, ଭଡା ଲୋଡିଂ ଓ ଅନ୍‌ଲୋଡିଂ ବ୍ୟବସାୟୀ କମିସନ ସହ ସମୁଦାୟ ଦର ନିର୍ଦ୍ଧାରଣ, ସାରକୁ ସୁଷମ ବଣ୍ଟନ କୃଷି ଅଧିକାରୀ ସଂପୃକ୍ତ ହୋଇ ପରିଚାଳନା କରିବା ପାଇଁ ପଦକ୍ଷପ ଗ୍ରହଣ, ବର୍ଷ ଆରମ୍ଭରୁ ସମସ୍ତ ବିଭାଗୀୟ କୃଷି ଅଧିକାରୀ ଏବଂ ପାଇକାରୀ ସାର କମ୍ପାନୀ ଅଧିକାରୀ ଏବଂ ସମସ୍ତ ରିଟେଲରଙ୍କ ସହିତ ଆଲୋଚନା କରି ସୁଚାରୁ ରୁପେ ସମସ୍ତ ବିହନ, କାଦୁଅ ସାର, ୟୁରିଆ, ପଟାସ କିପରି ବଣ୍ଟନ ହେବ ତା ଉପରେ ଆଲୋଚନା କରିଥିଲେ। ସମସ୍ତ ସରକାରୀ ସାର ବିକ୍ରେତା ସଂସ୍ଥାର ମୁଖ୍ୟ ଅଧିକାରୀ ମାନେ ପାତରଅନ୍ତର ମନମୁଖୀ କାର୍ଯ୍ୟ କରି ଆସୁଛନ୍ତି। ତେଣୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ପଦକ୍ଷପ ଦାବି କରିଛନ୍ତି। ଏହି ଅବସରରେ ସଂଘର ସଭାପତି ଉପେନ୍ଦ୍ର ପାଣିଗ୍ରାହୀ, ଉପସଭାପତି ସନ୍ତୋଷ ସାହୁ, ସମ୍ପାଦକ ଜିତେନ୍ଦ୍ର ପାଢୀ, ସହସମ୍ପାଦ ସଞ୍ଜୟ ପାତ୍ର, ଉପଦେଷ୍ଟା ଶ୍ରୀରାମମୂର୍ତ୍ତିଙ୍କ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ବୈଠକ ଡାକିବାକୁ ଦାବି



ଜୟପୁର,୧।୯ (ସମିସ): ଜୟପୁର ବ୍ଲକ ଜୟନ୍ତଗିରି ଗ୍ରାମପଞ୍ଚାୟତ ସମସ୍ତ ୱାର୍ଡ ସଭ୍ୟ ଓ ସଭ୍ୟାମାନେ ନାଏବ ସରପଞ୍ଚଙ୍କ ସଭାପତିତ୍ୱରେ ଜୟନ୍ତଗିରି ଶିବମନ୍ଦିରରେ ଏକ ଜରୁରୀ ବୈଠକ କରିଛନ୍ତି। ସରପଞ୍ଚ ଭଦ୍ର ପୂଜାରୀଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥିନେଇ ଆଜି ଜୟପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ଗତ ୩ ମାସ ମଧ୍ୟରେ ଦ୍ୱିତୀୟ ଥର ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ତା ପ୍ରସ୍ତାବ ବୈଠକ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେବାକୁ ୱାର୍ଡ ସଭ୍ୟ ମାନେ ନିବେଦନ କରିଛନ୍ତି। ଜୟନ୍ତଗିରି ଗ୍ରାମ ପଞ୍ଚାୟତର ସର୍ବମୋଟ ୧୩ଟି ୱାର୍ଡ ସଦସ୍ୟ ମଧ୍ୟରୁ ଜଣେ ମୃତ୍ୟୁ ହୋଇଥିବାରୁ ୧୨ଜଣ ସଭ୍ୟ ସଭ୍ୟା ଉପସ୍ଥିତ ରହି ଏହି ନିଷ୍ପତ୍ତି ନେଇଛନ୍ତି। ଏଥିନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଏବଂ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବୋଲି ସଭ୍ୟ ଓ ସଭ୍ୟା ବିମଳା ଭୁମିଆ, ଶ୍ୟାମ ଅମନାତ୍ୟ , ତିଳତ୍ତୋମା ଗଣ, ଭଗବାନ ଅମାନାତ୍ୟ, ସଦା ଗାଦବା, ମନଭତ୍ରା ପ୍ରକାଶ କରିଛନ୍ତି।

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା କୃଷକ କଲ୍ୟାଣ ମଞ୍ଚ



କୋରାପୁଟ,୧।୯ (ସମିସ) କୋରାପୁଟ ଜିଲ୍ଲାରେ ସାରର କଳାବଜାରୀକୁ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛି କୃଷକ କଲ୍ୟାଣ ମଞ୍ଚ। ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣିରେ ଚାଷୀଙ୍କୁ ସାର ଯୋଗାଣ, କଳାବଜାରୀକୁ ବନ୍ଦ କରିବା ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ତୁରନ୍ତ ବଦଳି ଦାବି କରି ମଞ୍ଚ ତରଫରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ଜିଲ୍ଲାର ଚାଷୀଙ୍କୁ ଉପଯୁକ୍ତ ସାର ପ୍ରଦାନକୁ ନେଇ ଜିଲ୍ଲା କୃଷି ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ସାର ସମସ୍ୟା ଜିଲ୍ଲାରେ ଜଟିଳ ହୋଇପଡିଛି ବୋଲି କୃଷକ କଲ୍ୟାଣ ମଞ୍ଚର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ କହିଛନ୍ତି। ବର୍ତ୍ତମାନ ଜିଲ୍ଲାକୁ ଆସୁଥିବା ସମସ୍ତ ସାରକୁ ସମବାୟ ସଂସ୍ଥା ଦ୍ୱାରା ବଣ୍ଟନ କରାଯାଉ ବୋଲି ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଚାଷୀଙ୍କୁ ସାର କ୍ରୟ ସମୟରେ ବିକ୍ରୀ ରସିଦ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କୃଷକ କଲ୍ୟାଣ ମଞ୍ଚର ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ମା' ବେଲ ପତ୍ରୀ ଟାଇଟଲ ହାସଲ କଲା ମେଣ୍ଡାଝୋଲା ଫୁଟବଲ୍ ଟିମ୍

ନନ୍ଦପୁର,୩୧୯ (ସମିସ): ଗତ ସପ୍ତାହରୁ ଆରମ୍ଭ ହୋଇଥିବା ମା' ବେଲପତ୍ରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଚିଲିପୁଟ ଫୁଟବଲ ଟିମ୍‌କୁ ହରାଇ ଚାମ୍ପିଅନ୍ ହୋଇଛି ମେଣ୍ଡାଝୋଲା ଫୁଟବଲ ଟିମ୍। ୧୬ଟି ଟିମ୍ କୁ ନେଇ ଖେଳା ଯାଇଥିବା ଟୁର୍ଣ୍ଣାମେଣ୍ଟର ରବିବାର ଥିଲା ଫାଇନାଲ ମ୍ୟାଚ। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଚିଲିପୁଟକୁ ହରାଇ ମେଣ୍ଡାଝୋଲା ଟିମ୍ ଚାମ୍ପିଅନ୍ ହୋଇଛି। ସୂଚିତ ଯେ ୧୬ଟି ଟିମ୍ କୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ହୋଇଥିଲା। ଏହି ଅବସର ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ବିଜେଡି ବ୍ଲକ ସଭାପତି କାଶୀନାଥ ଗୋଲାରି, ସମ୍ପାଦକ ସେକ ବାଜି, ସେକନୁର, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ନାର ସୁଲୁ କାମୁଡି, ଯୁବନେତା ସୁରେଶ ପଟ୍ଟନାୟକ, ସାମାଜିକ କର୍ମୀ କମାୟା ପାଙ୍ଗି, ମୁରୁଲି ଖୁଡ଼ା, ମୋହନ ଖୁଡ଼ା, ରମେଶ ଖେମୁଣ୍ଡୁ, ଜଗଦିଶ କୁମାର ପାଙ୍ଗି, ବିଶ୍ୱନାଥ ମହାନ୍ତି, ନାଏବ ସରପଞ୍ଚ ବିଘ୍ନେଶ ଖିଲ, ତ୍ରିପତି କାମୁଡି, ପୂର୍ଣ୍ଣଚନ୍ଦ୍ର ଖରା ପ୍ରମୁଖ ଯୋଗ ଦେଇଥିଲେ।



# ନିଯୁକ୍ତି ସହ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ଜମି ହରାଇଥିବା ପରିବାରଙ୍କ ଦାବି



କୋରାପୁଟ,୩୧୯ (ସମିସ): ଦାମନଯୋଡି ନାଲ୍‌କୋ ପ୍ରତିଷ୍ଠା ନିମନ୍ତେ ଜମି ହରାଇ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉତ୍ତରାଧିକାରୀ ମାନଙ୍କୁ ଚାକିରି ଦେବା ଦାବି କର ଜମିହରା ପରିବାରର ସଦସ୍ୟ ମାନେ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ନାଲ୍‌କୋ ଜମିହରା ସଂଘ ୱେଲଫେର କମିଟି ଅଧ୍ୟକ୍ଷ ସୁରଜ କୁମାର ଶ୍ରୀହରିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଏବଂ ଏସ୍‌ପି ରୋହିତ ବର୍ମାଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ସେମାନଙ୍କ ବିରୁଦ୍ଧରେ ନାଲ୍‌କୋ କର୍ତ୍ତୃପକ୍ଷ କରିଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବାକୁ ମଧ୍ୟ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ନାଲକୋ ପ୍ରତିଷ୍ଠା ନିମନ୍ତେ ସମ୍ପୂର୍ଣ ଏବଂ ଆଂଶିକ ଭାବେ ଜମି ହରାଇଥିବା ବ୍ୟକ୍ତିଙ୍କୁ ସରକାରଙ୍କ ନିୟମ ବ୍ୟବସ୍ଥା ଅନୁଯାୟୀ ନିଯୁକ୍ତି ଦିଆ ଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା କେତେକ ବ୍ୟକ୍ତି ନିଯୁକ୍ତି ପାଇ ନଥିବା ବେଳେ ଆଉ କେତେଜଣ ଚାକିରି ପାଇବାର ମାତ୍ର ୫/୭ ବର୍ଷ ମଧ୍ୟରେ ପ୍ରାଣ ହରାଇଥିଲେ। ତେଣୁ ମୃତ କର୍ମଚାରୀ ମାନଙ୍କ ଉତ୍ତରାଧିକାରୀ ପୁନଃ ଥଇଥାନ ଯୋଜନାରେ ପୁନର୍ବାର ଚାକିରି ଦେବାକୁ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଥିଲେ। ଜମିହରାଙ୍କ ଆବେଦନ ଗ୍ରହଣ କରି ୨୦୦୪ ପୂର୍ବରୁ ମୃତ ୭୨ଜଣ କର୍ମଚାରୀଙ୍କ ସ୍ତ୍ରୀ କିମ୍ବା ଉତ୍ତରାଧିକାରୀ ମାନଙ୍କ ଦ୍ୱାରା ମନୋନୀତ ଜଣକୁ ଚାକିରି ଦେବାକୁ ନିଷ୍ପତି ଗ୍ରହଣ କରିଥିଲା। ତଦନୁଯାୟୀ ନାଲ୍‌କୋ କର୍ତ୍ତୃପକ୍ଷ ମୃତ କର୍ମଚାରୀ ମାନଙ୍କ ତାଲିକା ପ୍ରକାଶ କରି ପରିବାରର କାହାକୁ ନିଯୁକ୍ତି ଦିଆ ଯିବ ସେ ସମ୍ପର୍କରେ ମୃତ କର୍ମଚାରୀ ମାନଙ୍କ ଉତ୍ତରାଧିକାରୀ ମାନଙ୍କ ମତାମତ ମାଗିଥିଲେ। ତେବେ ଏହା ମଧ୍ୟରେ ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରି ନାଲ୍‌କୋ କର୍ତ୍ତୃପକ୍ଷ ଜମିହରା ପରିବାରଙ୍କ ଉତ୍ତରାଧିକାରୀ ମାନଙ୍କୁ ନିଯୁକ୍ତି ଦେଉନଥିବା ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ତୁରନ୍ତ ଆରପିଡିଏସି ବୈଠକ ଡାକି ଜିଲ୍ଲାପାଳ, ଜମିହରା ସଂଘ ଓ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା କରି ସମାଧାନ କରନ୍ତୁ ବୋଲି ସଂଘ ଦାବି କରିଛି।

## ଜାତୀୟ ଡ୍ରାଇଭର ଦିବସ ପାଳିତ



ଜୟପୁର,୧।୯ (ସମିସ): ଜୟପୁର ଡ୍ରାଇଭର ମହାସଂଘ ପକ୍ଷରୁ ଆଜି ଡ୍ରାଇଭର ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ରତ ପଡିଆ ଛକଠାରୁ ଢେପଗୁଡା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସେଠାରେ ଆୟୋଜିତ ବୈଠକରେ ଜୟପୁର ସହରରେ ଡ୍ରାଇଭର ମାନଙ୍କୁ ଗାଡି ପାର୍କିଂ ପାଇଁ ସ୍ଥାନ ନିରୂପଣ କରାଯାଇନଥିବା ଯୋଗୁଁ ଗାଡି ପାର୍କିଂରେ ସମସ୍ୟା ସୃଷ୍ଟି ହେଉଛି। ବୋରିଗୁମ୍ମା ଠାରୁ ରାଣିଗଡ ଦେଇ କୋରାପୁଟ ଯାତାୟତ କରିବା ସମୟରେ ଚୋରି ହେଉଥିବା ଯୋଗୁଁ ଡ୍ରାଇଭର ମାନେ ଭୟଭୀତ ହେଉଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପକ୍ଷରୁ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି।

## ଦୋରାଗୁଡାରେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ

କୋରୁକୋଣ୍ଡା, ୧।୯ (ସମିସ): କୋରୁକୋଣ୍ଡା ବ୍ଲକ ସଦର ମହକୁମାସ୍ଥିତ ଦୋରାଗୁଡା ଗ୍ରାମରେ ସଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। ସୂଚନା ଅନୁସାରେ, ଆଜି ଅପରାହ୍ନରେ ସୁବାଷ ଗୌଡ଼ଙ୍କ ଘରରୁ ହଠାତ୍ ନିଆଁ ଓ ଧୂଆଁ ବାହାରିବାରୁ ତାଙ୍କ ପତ୍ନୀ ଭୟଭୀତ ହୋଇ ପଡ଼ୋଶୀଙ୍କୁ ଡାକିଥିଲେ। ପଡ଼ୋଶୀମାନେ ତୁରନ୍ତ କୋରୁକୋଣ୍ଡା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆଗୁନକୁ ନିୟନ୍ତ୍ରଣରେ ଆଣିଥିଲେ। ପ୍ରାଥମିକ ତଥ୍ୟ ଅନୁଯାୟୀ, ସର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଘରର ବହୁ ଦାମୀ ବିଦ୍ୟୁତ୍ ଉପକରଣ ସହିତ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଛି।

### ସାର ଗୋଦାମରେ ଚଢ଼ଉ

# ୩ ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ



ବିଷମ କଟକ,୧।୯ (ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକରେ ଚାରିଟି ସାର ଗୋଦାମରେ ଅଚାନକ ଚଢ଼ଉ ହୋଇଛି। ସରାକାରଙ୍କ ଧାର୍ଯ୍ୟ ଦରଠାରୁ ସାର ଚଢ଼ା ଦରରେ ବିକ୍ରି ହେଉଥିବା ସନ୍ଦେହରେ ଚାରିଟି ସ୍ଥାନର ଗୋଦାମ ଉପରେ ଏହି ଚଢ଼ଉ କରାଯାଇଛି। ବିଷମ କଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡିଙ୍କ ଅଧକ୍ଷତାରେ ଏକ ଟିମ ଗଠନ କରି ଏହି ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ତହସିଲଦାରଙ୍କ ସମେତ ବ୍ଲକ କୃଷି ଅଧିକାରୀ ଘନଶ୍ୟାମ ହାଇବ୍ରୁ ଏବଂ ପୁଲିସର ଏକ ଟିମ୍ ଉପସ୍ଥିତିରେ ବିଷମ କଟକ ସଦର ବ୍ଲକର କାମାକ୍ଷୀ ଏଣ୍ଟେରପ୍ରାଇସ, କୁମ୍ଭାରଡାମୁଣି ସଦର ପଞ୍ଚାୟତର ଅଜିତ କୁମାର ଚୌଧୁରୀଙ୍କ ଧବେଳେଶ୍ୱର ଏଣ୍ଟେର ପ୍ରାଇସ, ଦେବେନ୍ଦ୍ର ଗାଜବାଲିଙ୍କ ଜାଗା କାଳିଆ ଏଣ୍ଟରପ୍ରାଇଜେସ୍ ଏବଂ ଦୁର୍ଗୀ ସଦର ପଞ୍ଚାୟତର ନଳିନୀ କାନ୍ତ ପାଳଙ୍କ ପଦ୍ମାବତୀ ଏଣ୍ଟେରପ୍ରାଇଜେସ୍‌ର ଏହି ସାର ଗୋଦାମରେ ଆଜି ସନ୍ଧ୍ୟା ସମୟରେ ଚଢ଼ାଉ ହେଇଥିଲା। ସାର ଗୋଦାମରେ କେତେ ପରିମାଣର ସାର ଗଚ୍ଛିତ ରହିଛି ସେ ନେଇ ଯାଞ୍ଚକରିବା ସହ ସମସ୍ତ ନଥିପତ୍ରକୁ ଯାଞ୍ଚ କରିଛନ୍ତି। ଯାଞ୍ଚ ସମୟରେ ବିଷମ କଟକ ସଦର ବ୍ଲକର କାମାକ୍ଷୀ ଏଣ୍ଟେରପ୍ରାଇଜେସ୍‌ର ସାର ଷ୍ଟକ ସହ ସମସ୍ତ କାଗଜପତ୍ର ଠିକ ରହିଥିବା ବେଳେ କୁମ୍ଭାରଡାମୁଣି ସଦର ପଞ୍ଚାୟତର ଧବେଳେଶ୍ୱର ଏଣ୍ଟେରପ୍ରାଇଜେସ୍ ଜଗା କାଳିଆ ଏଣ୍ଟେରପ୍ରାଇଜେସ୍ ଏବଂ ଦୁର୍ଗୀ ସଦର ପଞ୍ଚାୟତର ପଦ୍ମାବତୀ ଏଣ୍ଟେରପ୍ରାଇଜେସ୍ ସାର ଗୋଦାମର ଷ୍ଟକ୍ ରେଜିଷ୍ଟର ଓ ଗଚ୍ଛିତ ସାରର କୌଣସି ତାଳମେଳ ନଥିବା ତଦନ୍ତ ବେଳେ ଜଣାପଡିଛି। ତେଣୁ ଏହି ତିନି ସାର ବ୍ୟାବସାୟୀଙ୍କୁ ତହସିଲଦାର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସପ୍ତାହ ମଧ୍ୟରେ ସମସ୍ତ ତଥ୍ୟ ଦେବା ପାଇଁ ନୋଟିସରେ ଉଲ୍ଲେଖ ରହିଛି। କେତେ ପରିମାଣର ସାର ଅଣା ଯାଇଥିଲା, କେଉଁ କେଉଁ ଚଷୀଙ୍କୁ ଏହି ସାର ବିକ୍ରି କରାଯଇଛି ଏବଂ ସମସ୍ତ ନଥିପତ୍ର ସମୟ ସୀମା ମଧ୍ୟରେ ଦେବା ପାଇଁ କୁହାଯାଇଛି। କାରଣ ଦର୍ଶାଅ ନୋଟିସର ଉତ୍ତର ସପ୍ତାହକ ମଧ୍ୟରେ ନ ରଖିଲେ ଏହି ତିନି ସାର ବ୍ୟବସାୟୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ତହସିଲଦାର ଶ୍ରୀ ରେଡି ସୂଚନା ଦେଇଛନ୍ତି।

### ● ସାର ବଣ୍ଟନରେ ଅନିୟମିତତା

## ଚାଷୀଙ୍କ ଏନ୍‌ଏଚ୍ ଅବରୋଧ

କାଳିମେଳା,୧।୯ (ସମିସ): ସାର ଯୋଗାଣରେ ଅନିୟମିତତାକୁ ନେଇ ୩୨୬ ନମ୍ବର ଜାତୀୟ ରାଜପଥକୁ ସୋମବାର ଅବରୋଧ କରିଛନ୍ତି ଉତ୍ତ୍ୟକ୍ତ ଚାଷୀ। ବର୍ଷା ଋତୁ ସରିବାକୁ ଆସିଥିବା ବେଳେ ଚାଷୀଙ୍କୁ ମିଳୁନି ସାର। ମାଲକାନଗିରି ଜିଲ୍ଲା କାଳିମେଳା ଲାମ୍ପସରେ ସାର ମିଳୁ ନ ଥିବାରୁ ଚାଷୀ ଦଲାଲ ହାବୁଡ଼ରେ ପଡ଼ି ଶୋଷଣ ହେଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ତୁରନ୍ତ ସାର ଯୋଗାଣ ଦାବିରେ କାଳିମେଳା ବ୍ଲକର ଚାଷୀ ମାନେ ରାସ୍ତା ଅବରୋଧ କରିଥିଲେ। ସାର ଯୋଗାଣ ଦାବିରେ ଦୀର୍ଘ ସମୟ ଧରି ଚାଷୀ ମାନେ ଜାତୀୟ ରାଜପଥ ରାସ୍ତା ଅବରୋଧ କରି ଅଡି ବସିଥିଲେ। ସେପଟେ କଳା ବଜାରରେ ୟୁରିଆ ସାରର ଦାମ ଆକାଶ ଛୁଆଁ ବୋଲି ଚାଷୀ କିଣିବାକୁ ସକ୍ଷମ ନାହାନ୍ତି। ବର୍ତ୍ତମାନ ଧାନ ଫସଲରେ ଡିଏପି ଏବଂ ୟୁରିଆ ସାରର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ସାର ବେପାରୀ ଏହାର ଫାଇଦା ଉଠାଇ ଚଢ଼ା ଦରରେ ବିକ୍ରି କରି କଳାବଜାରୀ ସୃଷ୍ଟି କରୁଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ଏହାସହ ସରକାର ତୁରନ୍ତ ସାର ଉପଲବ୍ଧ କରିବାକୁ ଦାବି କରିଛନ୍ତି। ଖବର ପାଇ ଘଟଣା ସ୍ଥଳରେ କାଳିମେଳା ଥାନା ପୁଲିସ୍ ପହଞ୍ଚି ଉତ୍ତ୍ୟକ୍ତ ଚାଷୀ ମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିବା ଜଣାପଡ଼ିଛି।

## ନିଶା ସେବନ କରି କାର୍ଯ୍ୟାଳୟ ଆସୁଛନ୍ତି ସରକାରୀ ଅଧିକାରୀ !

ମାଲକାନଗିରି,୧।୯ (ସମିସ): ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ କିଭଳି କାର୍ଯ୍ୟ ସମ୍ପାଦନ କରିବେ ସେ ନେଇ ବିଭିନ୍ନ ନିତିନିୟମ ଲାଗୁ କରିଛନ୍ତି ରାଜ୍ୟ ସରକାର। ହେଲେ କିଛି ସରକାରୀ କର୍ମଚାରୀ ନିଜର ବେପାରୁଆ ଆଚରଣ ରଖି ଏହାକୁ ମାନୁନାହାନ୍ତି। ଯାହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ କାର୍ଯ୍ୟାଳୟରେ। ବ୍ଲକରେ ମନରେଗା କାର୍ଯ୍ୟ ପାଇଁ ନିଯୁକ୍ତି ଜଣେ ଅଧିକାରୀ ମଦ୍ୟ ପାନ କରି ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଦେଖିବାକୁ ମିଳିଛି। ସୋମବାର ଦିନ କିଛି ଗଣମାଧ୍ୟମ ପ୍ରତିନିଧି ମାନେ ମନରେଗା ଯୋଜନାରେ ହୋଇଥିବା କୌଣସି କାମର ତଥ୍ୟ ଜାଣିବା ନିମନ୍ତେ ତାଙ୍କ ଅଫିସ ପହଞ୍ଚିଥିଲେ। ଅଫିସ୍ ଭିତରକୁ ଯିବା ପରେ ସେ ଭୀଷଣ ମଦ ପିଇଥିବା ବେଳେ କଥା କହିବା ହୋସ୍‌ରେ ସେ ନ ଥିବା ଜାଣିବାକୁ ପାଇଥିଲେ। ତାଙ୍କୁ ଏବାବଦରେ ପଚାରିବାରୁ ସେ ଅଫିସ୍ ଛାଡି ବାହାରକୁ ଚାଲିଯାଇଥିଲେ। ସେ ନିତିଦିନ ମଦ୍ୟ ପାନ କରି ଅଫିସ ଆସୁଥିବା ଅଭିଯୋଗ ହୋଇଛି। ଏନେଇ ପଡିଆ ବ୍ଲକର ବିଡିଓ ଅଶ୍ୱନୀ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ଉକ୍ତ ଅଧିକାରୀ ଜଣକଙ୍କର ଏପରି କାର୍ଯ୍ୟକଳାପ ଦେଖି ସେ ତାଙ୍କ ଠାରୁ ସମସ୍ତ ଦାୟିତ୍ୱ ପୂର୍ବରୁ ହଟାଇ ଦେଇଛନ୍ତି। ସେ ଏଭଳି ନିଶାସକ୍ତ ଅବସ୍ଥାରେ ରହୁଥିବାରୁ ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଉ ନାହି। ଏନେଇ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ମଧ୍ୟାହ୍ନଭୋଜନର ମାନ ପରଖିଲେ ଜିଲ୍ଲାପାଳ



ମାଲକାନଗିରି, ୧।୯ (ସମିସ): ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜିଲ୍ଲାରେ ମଧ୍ୟାହ୍ନଭୋଜନରେ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ନିଜେ ପଦ୍ମଗିର ଏସଏସଡି ଉଚ୍ଚ ବିଦ୍ୟାଳୟ ଗସ୍ତ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି। ଏହି ଅବସରରେ ପାଠପଢା କେମିତି ଚାଲିଛି ପଚାରି ବୁଝିଥିଲେ ଜିଲ୍ଲାପାଳ। ପିଲାଙ୍କ ସୁବିଧା ଅସୁବିଧା ବୁଝିଥିଲେ। ସେହିପରି ଉକ୍ତ ସ୍କୁଲର ଭିତ୍ତିଭୂମି ପରିଦର୍ଶନ କରିବା ସହ ଉନ୍ନୟନ କାମ ବୁଲି ଦେଖିଥିଲେ ଜିଲ୍ଲାପାଳ। ଛାତ୍ରଛାତ୍ରୀଙ୍କୁ ଉତ୍ତମ ଗୁଣବତ୍ତା ସମ୍ପନ୍ନ ଖାଦ୍ୟ ପରଷିବା ପାଇଁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏବେ ଜିଲ୍ଲାପାଳଙ୍କ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ମାନେ ମଧ୍ୟାହ୍ନ ଭୋଜନର ଗୁଣବତ୍ତା, ମାନ ଓ ସ୍ୱାଦ ଚାଖିବେ। ମୁଖ୍ୟତଃ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ପରେ ନିକଟସ୍ଥ ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ସ୍ୱାଦ ଚାଖିବେ ଅଧିକାରୀ ମାନେ। ଆଜି ପଦ୍ମଗିରି ପଞ୍ଚାୟତରେ ଅଭିଯୋଗ ଶୁଣାଣି ପରେ ସମସ୍ତ ଅଧିକାରୀ ମାନେ ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ପିଲା ମାନଙ୍କ ସହିତ ମିଶି ମଧ୍ୟାହ୍ନ ଭୋଜନର ମାନ ପରଖି ଥିଲେ। ଆରକ୍ଷୀ ଅଧିକ୍ଷକ ଖରାପଲ୍ଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉପ ଜିଲ୍ଲପାଳ ତଳସାହି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଖି ଥିଲେ। ପଞ୍ଚାୟତର ନିକଟସ୍ଥ ଅନ୍ୟାନ୍ୟ ବିଦ୍ୟାଳୟ ଯଥା ସିନ୍ଧରୀମାଳ, ବାଂଟିଗୁଡା, ଜଦୁଗୁଡା, ବିଲାପାରି ଇତ୍ୟାଦି ବିଦ୍ୟାଳୟରେ ଅଧିକାରୀ ମାନେ ମଧ୍ୟାହ୍ନ ଭୋଜନର ସ୍ୱାଦ ଚାଖିଥିଲେ। ଆସନ୍ତା ଦିନ ଗୁଡିକରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନଭୋଜନର ସ୍ୱାଦ ଓ ମାନ ସୁନିଶ୍ଚିତ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣଗ୍ରାହୀ ସୂଚନା ଦେଇଛନ୍ତି।

## ଜାତୀୟ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଉମରକୋଟ, ୧।୯ (ସମିସ)

ନବରଙ୍ଗପୁର ଜିଲ୍ଲା ଉମରକୋଟ ଇଣ୍ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ତ୍ରିଦିବସୀୟ ଜାତୀୟ କ୍ରୀଡ଼ା କାର୍ଯ୍ୟକ୍ରମ ସମାପ୍ତ ହୋଇଛି। ଗତ ୨୯ ତାରିଖରୁ କିମ୍ବଦନ୍ତି ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଏହି କ୍ରୀଡାଚାଲିଥିଲା। ପ୍ରଥମ ଦିନରେ ସ୍ଥାନିୟ ଗାନ୍ଧୀ ଛକଠାରୁ ଏକ ମିନି ମାରାଥନ ବାହାରି ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ଏଥିରେ ଏମ୍‌ପିଏସ୍ ଏକାଡେମୀର ବହୁ ଖେଳାଳି ଯୋଗ ଦେଇଥିଲେ। ନିଜେ ଫିଟ୍ ରହିବା ସହ ସମସ୍ତଙ୍କୁ ଫିଟ୍ ରଖିବାକୁ ଶପଥ ନେଇଥିଲେ। ଅପରାହ୍ନରେ ଏକ ଫୁଟବଲ ମ୍ୟାଚ୍‌ର ଆୟୋଜନ କରାଯାଇଥିଲା। ଏଥିସହ ଦୌଡ଼ି ଟଣା ବା ଟଗ ଅଫ ୱାର ଏବଂ ଜୁନିଅର ବେଡ ମିଣ୍ଟନ୍ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ଅତିଥି ଭାବରେ ନବରଙ୍ଗପୁର ସାଂସଦ ପ୍ରତିନିଧି ରାମ ନାୟକ, ଜିଲ୍ଲା କ୍ରୀଡ଼ା ସଙ୍ଘର ମହିଳା ସଂଯୋଜିକା ଚନ୍ଦନା ମଲିକ, ଜିଲ୍ଲା କ୍ରୀଡ଼ା ସଂଘ ଇଣ୍ଡୋର ଗେମ୍ ସମ୍ପାଦକ କୃଷ୍ଣପ୍ରସାଦ ପଟ୍ଟନାୟକ, କ୍ରୀଡ଼ା ଶିକ୍ଷକ ଏମ୍ ବିଜୟ କୁମାର ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ ଜୁନିଅର ବେଡମିଣ୍ଟନ୍ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିନରେ ସ୍ଥାନୀୟ ଗୋପବନ୍ଧୁ ଛକ ଠାରୁ ଏକ ସାଇକେଲ ରାଲି ବାହାରି ଇଣ୍ଡର ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ପରେ ପୁରସ୍କାର ବିତରଣ ଉତ୍ସବରେ ବିଜେତା, ଉପ ବିଜେତା ଓ କ୍ରୀଡାରେ ଭାଗ ନେଇଥିବା ସମସ୍ତ ଖେଳାଳି ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରେ ଅତିଥି ଭାବରେ ନବରଙ୍ଗପୁର ସାଂସଦ ପ୍ରତିନିଧି ରାମନାୟକ, ଜିଲ୍ଲା କ୍ରୀଡ଼ା ସଂଘର ଇଣ୍ଡୋର ଗେମ୍ ସମ୍ପାଦକ କୃଷ୍ଣ ପ୍ରସାଦ ପଟ୍ଟନାୟକ, କ୍ରୀଡା ଶିକ୍ଷକ ଏମ ବିଜୟ କୁମାର, ଇଣ୍ଡୋର ଷ୍ଟାଡିୟମ୍ ନିରୀକ୍ଷକ ଅଶୋକ ସାହୁ ଯୋଗ ଦେଇଥିଲେ। ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ପ୍ରତିବର୍ଷ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲା କ୍ରୀଡ଼ା ବିଭାଗ ଓ ଜିଲ୍ଲା କ୍ରୀଡ଼ା ସଂଘର ସହଯୋଗରେ ଉମରକୋଟ ବହୁମୁଖୀ ଇଣ୍ଡୋର୍ ଷ୍ଟାଡ଼ିୟମ୍ ଠାରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡା ଦିବସ ପାଳନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ କ୍ରୀଡା ଶିକ୍ଷକ କିଶୋର ସିଲ୍, ଭାର ଉତ୍ତୋଳନ ପ୍ରଶିକ୍ଷକ ନକୁଳ ଶାନ୍ତା, କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କଲାର ତଥା ଶାରୀରିକ ପ୍ରଶିକ୍ଷଣ ଗୁରୁ ଛାତ୍ର ଏବଂ ଛାତ୍ରୀ ନବୀନା ସାନ୍ତା, ଯଗମଣି ଭତ୍ରା, ପୁନେଇ ପୂଜାରୀ , ନରସିଂହ ହରିଜନ, କମଲୁ କଲାର, ଢ଼ାକାଲ ସିଂ ଗଣ୍ଡ, ଜଗଦୀଶ ସାନ୍ତା,ବସନ୍ତ ସାନ୍ତା ଏବଂ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

## ଡ୍ରାଇଭର ମହାସଂଘର ପ୍ରତିଷ୍ଠା ଦିବସ



ମାଥିଲି,୧।୯ (ସମିସ): ଡ୍ରାଇଭର ମହାସଂଘ ଦୀର୍ଘ ପଚିଶ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ଏହି ପରିପେକ୍ଷୀରେ ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ମାଥିଲି ଡ୍ରାଇଭର ମହାସଂଘର ସଭାପତି କେ ଶିବ ପ୍ରସାଦ ରାଓଙ୍କ ନେତୃତ୍ୱରେ ଆଜି ମାଥିଲି ଡ୍ରାଇଭର କାର୍ଯ୍ୟାଳୟ ଠାରେ ମୁଖ୍ୟ ଅତିଥି ଭାବେ ପ୍ରେରଣା ମହିଳା ମହିଳା ଟ୍ରଷ୍ଟର ସଭାନେତ୍ରୀ ସନ୍ତୋଷିନୀ ପାତ୍ରଙ୍କ ସହ ଅନେକ ନେତ୍ରୀ ଯୋଗ ଦେଇ ପତାକା ଉତ୍ତୋଳନ ପରେ ଏକ ବିରାଟ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବା ସହିତ ଏକ ସଭାର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଥିଲି କୋଡିଏଟି ପଞ୍ଚାୟତରୁ ଶତାଧିକ ଡ୍ରାଇଭର ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ମାଥିଲି ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନ ବ୍ୟାପକ ପୋଲିସ ବ୍ୟବସ୍ଥା କରିଥିଲେ।

## ରାଇଘରରୁ ବ୍ରହ୍ମପୁରକୁ ସରକାରୀ ବସ୍ ସେବା ଦାବି

ରାଇଘର,୧।୯ (ସମିସ): ବ୍ରହ୍ମପୁର ଠାରୁ ରାଇଘର ପର୍ଯ୍ୟନ୍ତ ବସ୍ ସେବା ନିମନ୍ତେ ବାରମ୍ବାର ବ୍ରହ୍ମପୁର ସ୍ଥିତ ଡିଟିଏମ୍ , ଭୁବନେଶ୍ୱର ମୁଖ୍ୟ ଅଫିସ , ପରିବହନ ମନ୍ତ୍ରୀ , ବିଭାଗୀୟ ପଦାଧିକାରୀଙ୍କୁ ଜଣାଇବା ସହ ଗଣମାଧ୍ୟମ ଖବର କାଗଜରେ ଖବର ପ୍ରକାଶନ ସତ୍ତ୍ୱେ ମଧ କୌଣସି ସୁଫଳ ମିଳୁନି। ବ୍ରହ୍ମପୁର ସ୍ଥିତ ପୂର୍ବତନ ଡିଟିଏମ ନୂଆ ବସ୍ ଆସିଲେ ନିଶ୍ଚୟ ଦିଆଯିବ ବୋଲି ୬/୭ ବର୍ଷ ତଳେ କହିଥିଲେ। ବ୍ରହ୍ମପୁର ଠାରୁ ରାଇଘରକୁ ଏକ ଘରୋଇ ବସ୍ ୪ ବର୍ଷ ହେବ ଭଞ୍ଜନଗର, ବାଲିଗୁଡା ,ଭବାନୀପାଟଣା ଦେଇ ଚଳଚଳ କରୁଛି। ଗୋଟାଏ ବସ୍ ଚଳାଚଳ ଫଳରେ ମନମୁଖୀ କାରବାର କରୁଥିବା ପସେଞ୍ଜର ଅଭିଯୋଗ କରୁଛନ୍ତି। ରାଇଘର ଠାରୁ ବ୍ରହ୍ମପୁରକୁ ୫୩୦ ରୁ ୫୫୦ କିଲୋମିଟର ହେଉଥିବା ବେଳେ ଘରୋଇ ବସ୍ ସିଟ୍ ପିଛା ୬୫୦ ଟଙ୍କା ଏବଂ ସ୍ଲିପର୍ ପିଛା ୮୫୦ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ବର୍ତମାନ ୧/୨ ସିଟ୍ ଉପଲବ୍ଧ ଥିବା ବେଳେ ଚଳାଚଳ କରୁଥିବା ଘରୋଇ ବସ୍ ୨/୨ ସିଟ୍ ଅନୁଯାୟୀ ସ୍ଲିପର ପଇସା ନେଉଛି। ଘରୋଇ ବସ୍‌ରେ କାର୍ଯ୍ୟରତ କଣ୍ଡକ୍ଟରଙ୍କ ବ୍ୟବହାର ଠିକ୍ ନଥିବା ଶୁଣିବାକୁ ମିଳୁଛି। ଅନ୍ୟ ପଟେ ଗୋଟାଏ ଘୋରୋଇ ବସ୍ ମଧ ବ୍ରହ୍ମପୁର ଠାରୁ ଉମରକୋଟ ବିନା ପରମିଟରେ ରାଇଘର ବୋର୍ଡ ଲଗାଇ ଉମରକୋଟରେ ଆସି ରହିଯାଉ ଥିବା ଜଣାଯାଇଛି। ଯାତ୍ରୀଙ୍କୁ ମନମୁଖୀ କରିବା ଦେଖିବାକୁ ମିଳୁଛି। ଯାହା ଫଳରେ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଗୋଟାଏ ବଡ଼ ବ୍ୟବସାୟିକ କେନ୍ଦ୍ର ସ୍ଥଳ ଭାବେ ପରିଚିତ ହେଉଥିବା ବେଳେ ଏହି ବ୍ଲକରେ ୨୬ଗୋଟି ପଞ୍ଚାୟତ ନେଇ ଗଠିତ ହେଇଛି। ଏହି ବ୍ଲକରେ ଗଞ୍ଜାମ ଜିଲ୍ଲାର ବହୁ ଅଧିବାସୀ ବସବାସ କରୁଛନ୍ତି। ସେମାନେ ବ୍ରହ୍ମପୁର ଯିବାକୁ ହେଲେ ରାଇଘରଠାରୁ ଚଳାଚଳ କରୁଥିବା ଘରୋଇ ବସ୍ କିମ୍ବା ୨୮ କିମି ଉମରକୋଟ ଯାଇ ବ୍ରହ୍ମପୁର ଯିବାକୁ ବାଧ ହେଉଛନ୍ତି। ତେଣୁ ଓ ଏସଆରଟିସି ବିଭାଗୀୟ ପଦାଧିକାରୀ ଏହା ଉପରେ ନଜର ଦେଇ ଏହାର ସମାଧାନ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

## ନଦୀରୁ ବେଆଇନ ବାଲି ଚାଲାଣ

କାଳିମେଳା,୧।୮ (ସମିସ): ଜଙ୍ଗଲ ସାଙ୍ଗକୁ ଉଭୟ ନଦୀର ତଟବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ସରକାରୀ ବାବୁଙ୍କ ଦୃଷ୍ଟି ଆଢୁଆଳରୁ ବର୍ତ୍ତି ରହିଥିବା କୁଟୁମପଲ୍ଲୀ ଗ୍ରାମ ନିକଟସ୍ଥ ନଦୀଘାଟରୁ ଲୋଡ ଲୋଡ ବାଲି ବେଆଇନ ଭାବେ ଚାଲାଣ କରାଯାଉଥିବା ଜଣାପଡ଼ିଛି। ମାଲକାନଗିରି ଜିଲ୍ଲାର ଜୀବନରେଖା କୁହାଯାଉଥିବା ଶାବେରୀ ନଦୀଠାରୁ ମାତ୍ର କେଇ ମିଟର ଦୂରରେ ରହିଥିବା ବିସ୍ତିର୍ଣ୍ଣ ବାଲିକୁ ଟ୍ରାକ୍ଟର ସାହାଯ୍ୟରେ ଲୋଡ କରି ବେଆଇନ ଭାବେ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ କିଛି ଚାଲାଣକାରୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ନଦୀ ତଟରେ ଥିବା ଜଙ୍ଗଲରେ ମଧ ଲୋଡ ଲୋଡ ବାଲି ଗଚ୍ଛିତ ରଖୁଥିବା ଦେଖୁବାକୁ ମିଳିଛି। ସୂଚନା ମୁତାବକ ମାଲାକନଗିରି ଜିଲ୍ଲା ମୋଟୁ ତହସିଲ ଅନ୍ତର୍ଗତ ଏମପିଭି ୫୪ ଓ କୁଟୁମପଲ୍ଲୀ ଗ୍ରାମ ନଦୀ ତଟକୁ ଯାଉଥିବା ରାସ୍ତା ଦେଇ କୁଟୁମପଲ୍ଲୀ ନଦୀ କୂଳରୁ ଦୈନିକ ଟ୍ରାକ୍ଟର ଯୋଗେ ଏହି ବାଲି ଚାଲାଣ କରାଯାଉଥିବା ଜଣାପଡ଼ିଛି। ଏଥିସହ ନଦୀ ଘାଟରୁ ବାଲି ବୋହି ନଦୀ ତଟରେ ଥିବା ଜଙ୍ଗଲରେ ରଖି ଆବଶ୍ୟକ ମୁତାବକ କାମରେ ଲଗାଇବା ପାଇଁ ଚାଲାଣ କରାଯାଉଥିବା ଜଣାପଡ଼ିଛି। ଏହି ସ୍ଥାନରେ ସରକାରୀ ବାବୁଙ୍କ ପାଦ ପଡୁ ନଥିବାରୁ ଏହାର ସୁଯୋଗ ନେଇ ବେଆଇନ ଚାଲାଣକାରୀ ମାନେ ସକ୍ରିୟ ଭାବେ ଏଠାରୁ ବାଲି ଚାଲାଣ କରୁଛନ୍ତି। ଘାଟରୁ ବେଆଇନ ଭାବେ ବାଲି ଚାଲାଣ ଯୋଗୁଁ ସରକାରଙ୍କ ରାଜସ୍ୱ ହାନୀ ହେଉଛି। ଏ ନେଇ ମୋଟୁ ତହସିଲଦାରଙ୍କ ସହ ଆଲୋଚନା କରିବାରୁ ସେ ଏ ବାବଦରେ ଜାଣି ନ ଥିବା ବେଳେ ଏହାର ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

## ରାୟଗଡ଼ାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡ଼ା,୧।୯ (ସମିସ):

ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦ୍‌ଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଖଣ୍ଡିୟ ବନ ଅଧିକାରୀ ସଚିନ ଅହ୍ମା ସାହେବ ଓହଲେ, ,ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଆରକ୍ଷୀ ଅଧିକାରୀ,ଉପ ଜିଲ୍ଲାପାଳ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭି ସରୋଜିନୀ ଦେବୀ, ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୭୭ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୬୯ଟି ବ୍ୟକ୍ତିଗତ ଏବଂ ୮ ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ୬ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିବା ବେଳେ ସେମାନଙ୍କୁ ଜିଲ୍ଲାପାଳ ୭୦ହଜାର ଟଙ୍କା ଜିଲ୍ଲା ରେଡକ୍ରସ ଫଣ୍ଡରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଜିଲ୍ଲା ସ୍ତରୀୟ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ଡୁଡାମେଟା ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର

କୋରୁକୋଣ୍ଡା,୧।୯ (ସମିସ): ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଦିନ ମାଲକାନଗିରି କିଲ୍ଲା କୋରୁକୋଣ୍ଡା ବ୍ଲକ ଡୁଡାମେଟା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଗ୍ରାମପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସରପଞ୍ଚ ମାଧବ ମାଢ଼ିଙ୍କ ଅଧ୍ୟକ୍ଷତାରେ ଏହି ଶିବିର ପରିଚାଳିତ ହୋଇଥିଲା। ନାଏବ ସରପଞ୍ଚ ସବିତା ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରାରାମ ଭୂମିଆ, କୋରୁକୋଣ୍ଡା ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ରାଜେଶ ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ଉକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ଲୋକମାନେ ପ୍ରଥମେ ସେମାନଙ୍କର ନାମ ଓ ଠିକଣା ପଞ୍ଜିକରଣ କରିଥିଲେ। ଅଭିଯୋଗ ଶୁଣାଣିରେ ୧୩ ଅଭିଯୋଗ ସହିତ ୨ଜଣ ସ୍ଥାନୀୟ ବାସୀଙ୍କ ଆଧାର ସମ୍ପର୍କିତ ସମସ୍ୟାର ତୁରନ୍ତ ସମାଧାନ କରିଥିଲେ। ଅନ୍ୟ ସମସ୍ତଙ୍କ ଅଭିଯୋଗ ଗୁଡିକ ତୁରନ୍ତ ଏ ଦିଗରେ ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବ୍ଲକ କର୍ତ୍ତୃପକ୍ଷ କହିଛନ୍ତି।

## ଡ୍ରାଇଭର ଦିବସ ପାଳିତ

କାଶୀପୁର,୧।୯ (ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ଡ୍ରାଇଭର ମହାସଂଘ ତରଫରୁ ସେପ୍ଟେମ୍ବର୧କୁ ଡ୍ରାଇଭର ଦିବସ ରୂପେ ପାଳନ କରାଯାଇଛି। ସୋମବାର କାଶୀପୁର କାର୍ଯ୍ୟାଳୟରେ ଡ୍ରାଇଭର ମହାସଂଘ ତରଫରୁ ସାଧାରଣ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡ୍ରାଇଭର ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ କେକ୍ କାଟି ଆନନ୍ଦ ଉଲ୍ଲାସରେ ଡ୍ରାଇଭର ଦିବସ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳରୁ ଶତାଧିକ ଡ୍ରାଇଭରଙ୍କ ଉପସ୍ଥିତ ଦେଖିବାକୁ ମିଳିଥିଲା। ଏହା ପରେ ପାରମ୍ପରିକ ବାଦ୍ୟର ତାଳେ ତାଳେ ଡ୍ରାଇଭରମାନେ ନାଚି ଝୁମିଥିଲେ। କାଶୀପୁର ଡ୍ରାଇଭର ମହାସଂଘର ସଭାପତି ଯୋଗୀଜୀବନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ଡ୍ରାଇଭର ଯୋଗଦେଇଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

**ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 25.08.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

## ଜାତୀୟ କ୍ରୀଡ଼ା ଦିବସ ପାଳିତ

ମାଥିଲି, ୧।୯ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଗ୍ରାମପଞ୍ଚାୟତ ମାଥିଲିର ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ ମହାରଣାଙ୍କ ତତ୍ତ୍ୱାବଧାନରେ ହାଇସ୍କୁଲ ଖେଳ ପଡିଆ ଠାରେ ଜାତୀୟ କ୍ରୀଡା ଦିବସ ପାଳନ କରଯାଇଥିଲା। ଏଥିରେ ମୁଖ୍ୟ ଅତିଥି ସରପଞ୍ଚ କାନାମ ରାଜୁ ନାୟକ, ସମ୍ମାନିତ ଅତିଥି ବାଲରାଜୁ କୋପେ ଏବଂ ମାଥିଲି କଲେଜ ପ୍ରିନ୍ସିପାଲ୍ ସୁବ୍ରତ କୁମାର ଭଦ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଶହେ ମିଟର ଦୌଡ ଏବଂ ଧୀର ସାଇକେଲ ଚାଳନା ଖେଳର ଆୟୋଜନ କରାଯାଇଥିଲା। ଶେଷରେ ପୁରସ୍କାର ବିତରଣ କରଯାଇଥିଲା। ଅତିଥି ମାନେ ଛାତ୍ରଛାତ୍ରୀ ମାନଙ୍କୁ ବାଲ୍ୟ ବିବାହ, ସାଇବର ଠକେଇ ବନ୍ଦ, ଏବଂ ପ୍ରତିଦିନ ଏକ ଘଣ୍ଟା ଖେଳ ପଡିଆରେ ସମୟ ଦେବାକୁ ପରାମର୍ଶ ଦେଇଥିଲେ।

### କାଞ୍ଚମୁଇଁରେ ବେଆଇନ ଜମି ଅଧିଗ୍ରହଣକୁ ତୀବ୍ର ବିରୋଧ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ



ରାୟଗଡ଼ା, ୧।୯ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ବଡ଼ ଇରୁକୁବାଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ କାଞ୍ଚାମୁଇଁ ଗ୍ରାମରେ ବେଆଇନ ଜମି ଅଧିଗ୍ରହଣକୁ ବିରୋଧ କରାଯାଇଛି। ପଞ୍ଚାୟତ ପ୍ରତିନିଧିଙ୍କ ସହ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରି ତୁରନ୍ତ ଏହି ବେଆଇନ ପ୍ରକ୍ରିୟା ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲିଖିତ ଭାବେ ଜଣାଇଛନ୍ତି ଗ୍ରାମବାସୀ। ସେମାନେ ଦର୍ଶାଇଛନ୍ତି ଯେ, କାଞ୍ଚାମୁଇଁ ମୌଜା ୮ ଅନ୍ତର୍ଗତ ଜମିରେ ପଥର ଖନନ ହେଉଛି। ଏହି ଖନନ ପାଇଁ ଅନୁମତି ମିଳିଛି ନା ନାହିଁ ତାହାର ସୂଚନା ନାହିଁ। ହେଲେ ଉକ୍ତ ଜମି ନିକଟରେ ଥିବା ଅନ୍ୟ କିଛି ଜମି ଅଧିଗ୍ରହଣ କରି ପ୍ରାୟ ୧୦୦ ଏକର ଜମିରେ ଚାଷ ନଷ୍ଟ କରାଯାଉଛି। ଅଣଓଡ଼ିଆ ବ୍ୟକ୍ତିମାନେ ସେହି ସ୍ଥାନକୁ ଆସି ଗ୍ରାମବାସୀଙ୍କୁ ଧମକ ଦେଉଥିବା ଲିଖିତ ଅଭିଯୋଗ କରିଛନ୍ତି। ଏହି ପଥର ଖନନ ଦ୍ୱାରା ରାୟଗଡ଼ା ଜିଲ୍ଲା କାଞ୍ଚାମୁଇଁ ଓ କୋରାପୁଟ ଜିଲ୍ଲା ଅନବାଣୀ ମୌଜାରେ ଥିବା ବିରାଟ ପାହାଡ଼ ନଷ୍ଟ ହେଉଛି। ଏହି ବେଆଇନ ପଥର ଖନନ ବନ୍ଦ କରିବା ସହିତ ଜମି ଅଧିଗ୍ରହଣକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଏହି ଲିଖିତ ଅଭିଯୋଗ ଗ୍ରହଣ କରି ଘଟଣାର ତଦନ୍ତ ପାଇଁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାଞ୍ଚାମୁଇଁ ଗ୍ରାମର ନରେଶ ବିଡିକା, ନାଡିଆ କଣ୍ଡାଗରି, ବିଶ୍ୱନାଥ ପୁଲାକା, ଗୁମ୍ପା କଣ୍ଡାଗରି, ସନ୍ତୋଷ ନାୟକ ପ୍ରମୁଖ ଅଭିଯୋଗ ଶୁଣାଣୀ ଶିବିରରେ ଦାବିପତ୍ର ପ୍ରଦାନ କରିଥିଲେ।

# ସମ୍ପାଦକୀୟ



ଯେତେବେଳେ ଜଣେ ବ୍ୟକ୍ତି ତା' ଇପ୍‌ସିତ ଜୀବନ ଜିଇଁବାର ଅଧିକାରରୁ ବଞ୍ଚିତ ହୁଏ ସେତେବେଳେ ସେ ନୀତି ବିରୋଧୀ ହୋଇଯାଏ।

-ନେଲ୍‌ସନ୍ ମାଣ୍ଡେଲା

ସକାଳ THE SAKALA

## ସମ୍ପର୍କ ସୁଧୁରୁଛି

ବିଶ୍ୱ କୂଟନୈତିକ ଦୃଶ୍ୟପଟରେ ପରିଲକ୍ଷିତ ପରିବର୍ତ୍ତନ ଭାରତ ଓ କାନାଡ଼ା ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ସକାଶେ ସୁଯୋଗ ସୃଷ୍ଟି କରିଛି। ଖାଲିସ୍ତାନ ଆନ୍ଦୋଳନକୁ ନେତୃତ୍ୱ ଦେଇଥିବା ହରଦୀପ ସିଂ ନିଜ୍ଜାର ହତ୍ୟା ଘଟଣାରେ ଭାରତର ପ୍ରତ୍ୟକ୍ଷ ସମ୍ପର୍କ ଥିବା ଅଭିଯୋଗ କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ଟ୍ରୁଡୋ ଦ୍ୱିପାକ୍ଷିକ ସମ୍ପର୍କରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଏପରିକି ଦୁଇନେତା ନିଜ ନିଜର ଦୂତାବାସ ଅଧିକାରୀଙ୍କୁ ମଧ୍ୟ ପ୍ରତ୍ୟାହାର କରିଥିଲେ। କାନାଡ଼ା ସରକାରରେ ଶିଖଙ୍କ ନୂତନ ଗଣତାନ୍ତ୍ରିକ ଦଳର ସମର୍ଥନ ଅନିବାର୍ଯ୍ୟ ହୋଇପଡ଼ିଥିବାରୁ ଜଷ୍ଟିନ ଟ୍ରୁଡୋ ଚାପରେ ଥିଲେ। ଦ୍ୱିପାକ୍ଷିକ ସମ୍ପର୍କ ବିଗିଡ଼ିଯିବା. ପଛରେ ଏହା ହିଁ ଥିଲା ମୁଖ୍ୟ କାରଣ।

ଜଷ୍ଟିନ ଟ୍ରୁଡୋଙ୍କ ପରେ ପରେ ମାର୍କ କର୍ଣ୍ଣେ ଏବେ କାନାଡ଼ାର ପ୍ରଧାନମନ୍ତ୍ରୀ। ଉଭୟ ଅବଶ୍ୟ ଲିବରାଲ ପାର୍ଟିର ନେତା। କଞ୍ଜରଭେଟିଭ୍ ପାର୍ଟିର ପରାଜୟ ଟ୍ରମ୍ପଙ୍କ ପ୍ରାଧାନ୍ୟ ଓ ପତିଆରା ପ୍ରଦର୍ଶନରେ ବାଧକ ସାଜିଛି। କାନାଡ଼ା ମଧ୍ୟ ଅନ୍ୟ ରାଷ୍ଟ୍ରଭଳି ଆମେରିକା ରପ୍ତାନି ଶୁଳ୍କ ବୃଦ୍ଧି ନିଷ୍ପତ୍ତିର ସମ୍ମୁଖୀନ ହୋଇଛି। ତେବେ ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କ ନୀତି ନିକଟରେ ଆତ୍ମସମର୍ପଣ ନ କରି କାନାଡ଼ା ନିଜର ସାର୍ବଭୌମତ୍ୱ ଅତୁଟ ରଖିବ ଘୋଷଣା କରିଥିଲେ କାର୍ଣ୍ଣେ। ଲୋକପ୍ରିୟତାରେ ପଛରେ ପଡ଼ିଥିବା ତାଙ୍କ ଦଳ ନିର୍ବାଚନରେ ଏହି ପ୍ରସଙ୍ଗଭିତ୍ତିରେ ସଫଳତା ହାସଲ କରିଥିଲା। ତେବେ ଆଜିର ପରିବର୍ତ୍ତିତ ବିଶ୍ୱ ଭୂରାଜନୀତିର ସମ୍ବେଦନଶୀଳତା ଦୃଷ୍ଟିରୁ ଭାରତ- କାନାଡ଼ା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ସକାଶେ ଉଭୟ ଦେଶ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ଦୀର୍ଘ ଦଶମାସ ଧରି ଶୂନ୍ୟ ପଡ଼ିଥିବା ଦୂତାବାସର ଉଚ୍ଚାୟୁକ୍ତ ପଦ ପୂରଣ କରିଛନ୍ତି ଦୁଇଦେଶ। ବରିଷ୍ଠ କୂଟନୀତିଜ୍ଞ ଦୀନେଶ କୁମାର ପଟ୍ଟନାୟକ କାନାଡ଼ାରେ ଏବଂ ଖ୍ରୀଷ୍ଟୋଫର କୁଟର ଭାରତରେ ଉଚ୍ଚାୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯ ୯୦ରୁ ଭାରତୀୟ ବିଦେଶ ସେବାର ଅଧିକାରୀ ଦୀନେଶ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସିଛନ୍ତି। ଏହା ପୂର୍ବରୁ ସେ ସ୍ପେନରେ ଭାରତର ରାଷ୍ଟ୍ରଦୂତ ଥିଲେ। ଏହି ପ୍ରେକ୍ଷାପଟ୍ଟରେ କାନାଡ଼ାର ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦ କହିଛନ୍ତି ଯେ ଦୁଇ ଦେଶର ନାଗରିକଙ୍କ ମଧ୍ୟରେ ସମ୍ପର୍କ ପ୍ରତିଷ୍ଠା ଓ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ସୁଦୃଢ଼ କରିବାରେ ଏହି ନୂତନ ନିଯୁକ୍ତି ସହାୟକ ହେବ। ଏଠାରେ ସୂଚନାଯୋଗ୍ୟ କି ମାର୍କ କର୍ଣ୍ଣେ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ପରେ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଶୁଭେଚ୍ଛା ପ୍ରଦାନକୁ ନେଇ ଯେଉଁ ବାର୍ତ୍ତାଳାପ ହୋଇଥିଲା ସେଥିରୁ ମନେ ହେଉଥିଲା ଦୁଇ ଦେଶ ମଧ୍ୟରେ ଖୁବ୍‌ଶୀଘ୍ର ସମ୍ପର୍କର ଭିତ୍ତିଭୂମି ସୁଦୃଢ଼ ହେବାକୁ ଯାଉଛି।

ସମଗ୍ର ବିଶ୍ୱରେ ଆମେରିକାର ଅତିରିକ୍ତ ଶୁଳ୍କ ନେଇ ଯେଉଁ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି ସେଥିରେ ପାରସ୍ପରିକ ବୁଝାମଣା ଓ କୂଟନୈତିକ ସମ୍ପର୍କ ସୁଧାରିବା ସକାଶେ ଶତ୍ରୁ-ମିତ୍ର କ୍ରମେ ନୂଆ ନୂଆ ମଞ୍ଚରେ ଏକତ୍ର ହେଉଛନ୍ତି। କାନାଡ଼ା-ଭାରତ ମଧ୍ୟରେ ପରିବର୍ତ୍ତିତ ସମ୍ପର୍କକୁ ସେ ଦୃଷ୍ଟିରୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇପାରେ।

## ବାୟୁ ପ୍ରଦୂଷଣ ବିପତ୍ତି

ସମଗ୍ର ବିଶ୍ୱରେ ସବୁଠାରୁ ଅଧିକ ପ୍ରଦୂଷିତ ଅଞ୍ଚଳ ଉତ୍ତରଭାରତ। ମୋଟ ଜନସଂଖ୍ୟାରେ ୩୮.୯ ପ୍ରତିଶତ ଅର୍ଥାତ୍ ପ୍ରାୟ ୫୪ କୋଟି ଏହି ଅଞ୍ଚଳରେ ବସବାସ କରନ୍ତି। ବାୟୁ ପ୍ରଦୂଷଣ ଜନିତ ବିଭିନ୍ନ ରୋଗରେ ଏହି ଅଞ୍ଚଳର ଲୋକେ ଯେତେ ପୀଡ଼ିତ, ସେହି ଅନୁସାରେ ଆୟୁ ସୀମା ମଧ୍ୟ ହ୍ରାସ ପାଇଛି। ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀରେ ପରିସ୍ଥିତି ସବୁଠାରୁ ଉଦ୍‌ବେଗଜନକ। ଫଳରେ ଦିଲ୍ଲୀରେ ଅଧିବାସୀଙ୍କ ଆୟୁ ସୀମା ହାରାହାରି ୮.୨ ବର୍ଷ ହ୍ରାସ ପାଉଛି। ବିହାରରେ ୫-୬ ବର୍ଷ, ହରିଆନାରେ ୫.୩ ବର୍ଷ ଓ ଉତ୍ତର ପ୍ରଦେଶରେ ହାରାହାରି ଆୟୁ ସୀମା ୫ ବର୍ଷ ହ୍ରାସ ପାଇଛି। ୨୦୨୩ରେ ଚିକାଗୋ ବିଶ୍ୱବିଦ୍ୟାଳୟ ବାୟୁ ପ୍ରଦୂଷଣ ଉପରେ କରିଥିବା ସମୀକ୍ଷା ରିପୋର୍ଟରୁ ଏହା ଜଣାପଡ଼ିଛି। ଶିଶୁ ଓ ଗର୍ଭବତୀଙ୍କ ଅପୁଷ୍ଟଜନିତ ସ୍ୱାସ୍ଥ୍ୟଗତ ସମସ୍ୟାଠାରୁ ଏହି ବାୟୁ ପ୍ରଦୂଷଣ ଜନିତ କ୍ଷତି ପ୍ରାୟ ଦୁଇଗୁଣ ଅଧିକ। ସେହିଭଳି ଦୂଷିତ ପାନୀୟ ଜଳ, ଦୂଷିତ ପରିବେଶ ଓ ହାତ ଧୋଇବା ବର୍ଜିତ କ୍ଷତିଠାରୁ ଏହା ୫ ଗୁଣ ଅଧିକ। ଦିଲ୍ଲୀରେ ବାୟୁ ପ୍ରଦୂଷଣକୁ ଏକ ନିୟନ୍ତ୍ରଣ ସ୍ତରକୁ ଆଣିବା ସକାଶେ ଏକାଧିକ ପରୀକ୍ଷା ନିରୀକ୍ଷା କରାଯାଇ ଥିଲେ ମଧ୍ୟ ପରିବେଶ ଅପରିବର୍ତ୍ତିତ ରହିଛି। ଦେଶର ପ୍ରମୁଖ ନୀତିନିର୍ଦ୍ଧାରକ, ସର୍ବୋଚ୍ଚ ଅଦାଲତଠାରୁ ସବୁ ଉଚ୍ଚବର୍ଗର ଲୋକଙ୍କ ଆସ୍ଥାନ ଏଠାରେ ଥିଲେ ମଧ୍ୟ ଏହି ଗୁରୁତର ପରିସ୍ଥିତି ପ୍ରତି କାହାର ନିଘା ଥିଲା ଭଳି ମନେ ହେଉନାହିଁ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବାୟୁର ମାନକ ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ମାନକ ୫ ୟୁଜି/ଏମ୍ଯୁ୩ ରହିବା କଥା, କିନ୍ତୁ ଦିଲ୍ଲୀରେ ତାହା ପିଏମ ୨.୫ରେ ପହଞ୍ଚିଛି। ଏହି ପରିବେଶର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ସାଧାରଣ ଜନତା। କାରଣ ଶଯ୍ୟାଶାୟୀ ନହେବା ପର୍ଯ୍ୟନ୍ତ ଏହି ପ୍ରତିକୂଳ ପରିବେଶରେ ଭୋଗୁଥିବା ରୋଗର ଚିକିତ୍ସା ପାଇଁ. ସେମାନେ ଗୁରୁତ୍ୱ ଦେଇନଥା'ନ୍ତି। ଚିକାଗୋ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାନ ରିପୋର୍ଟ ଅନୁଯାୟୀ, ୨୦୨୨ ତୁଳନାରେ ୨୦୨୩ର ପ୍ରଦୂଷଣ ବଢ଼ିଛି। ନିର୍ଦ୍ଧାରିତ ଜାତୀୟ ବାୟୁମାନକଠାରୁ ଉର୍ଦ୍ଧ୍ୱରେ ଥିବା ଅଞ୍ଚଳରେ ଦେଶର ୪୬ ପ୍ରତିଶତ ଲୋକ ବସବାସ କରୁଛନ୍ତି। ସେମାନଙ୍କ ଆୟୁ ସୀମା ହାରାହାରି ଦେଢ଼ ବର୍ଷ ହ୍ରାସ ପାଇଛି। ଜୀବନ ପ୍ରତି ଅପେକ୍ଷାକୃତ କମ୍ ହାନିକାରକ ପ୍ରସଙ୍ଗକୁ ସରକାର ଗୁରୁତ୍ୱ ଦେଇଆସିଥିବା ବେଳେ ଏହା ଯେ ଆଗକୁ ଗୁରୁତର ସମସ୍ୟା ସୃଷ୍ଟି କରିବ ସେଥିପ୍ରତି ଏହି ରିପୋର୍ଟ ଧ୍ୟାନ ଆକର୍ଷଣ କରୁଛି। ବାୟୁ ପ୍ରଦୂଷଣ ଏତେ ଗୁରୁତର ସମସ୍ୟା ସୃଷ୍ଟି କରୁଥିଲେ ମଧ୍ୟ ଶିଳ୍ପାୟନ ଅନିୟନ୍ତ୍ରିତ ଯାନବାହାନ ଚଳାଚଳ, ଘନ ଜଙ୍ଗଲ ବିନିମୟରେ ଖଣି ଖାଦାନ ପାଇଁ ସୁଯୋଗ ସୃଷ୍ଟି କରିବା ଭଳି ପ୍ରତିକୂଳ ପରିବେଶ ପ୍ରତି ଧ୍ୟାନ ଦିଆଯାଇ ପାରୁନି। ତେଣୁ ପରିବେଶରେ ସନ୍ତୁଳନ ରକ୍ଷା କରି ବାୟୁପ୍ରଦୂଷଣକୁ କିଭଳି ନିୟନ୍ତ୍ରଣକୁ ଅଣାଯାଇପାରିବ ସେଥିପ୍ରତି ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବାର ଜରୁରୀ ଆବଶ୍ୟକତା ରହିଛି।

# ରାଷ୍ଟ୍ରନିର୍ମାଣରେ ଜନଜାତି ଜ୍ଞାନ-ବିଜ୍ଞାନର ଉପଯୋଗିତା

ଡ.ଅନ୍ତର୍ଜିତା ନାୟକ

ଭାରତର ବିଶାଳ ବିବିଧ ପରିଦୃଶ୍ୟରେ ଜନଜାତି ସମ୍ପ୍ରଦାୟ ଯୁଗ ଯୁଗ ଧରି ଜଙ୍ଗଲ, ପାହାଡ଼, ନଦୀ ଏବଂ ଜୈବ ବିବିଧତାର ରକ୍ଷକ ଭାବରେ ପରିଚିତ। ସେମାନଙ୍କର ଜୀବନ ଓ ଜୀବିକା ଶିଳ୍ପ କିମ୍ବା ଜଗତୀକରଣ ଉପରେ ନୁହେଁ, ବରଂ ପ୍ରକୃତିର ଏକ ଗଭୀର, ପାରସ୍ପରିକ ବୁଝାମଣା ଉପରେ ନିର୍ଭର କରେ। ଜନଜାତି ଜ୍ଞାନବ୍ୟବସ୍ଥା ଅଭିଜ୍ଞତା ଆଧାରିତ ପ୍ରମାଣ, ନୀତିଗତ ଦିଗ ଏବଂ ସମସାମୟିକ ପ୍ରୟୋଗକୁ ଏକତ୍ର କରି ଦେଶର ସମାବେଶୀ ବିକାଶକୁ କିପରି ତ୍ୱରାନ୍ୱିତ କରାଯାଇପାରିବ, ତାହା ଉପରେ ଗୁରୁତ୍ୱ ଦେବାର ବେଳ ଆସିଛି। ଔଷଧୀୟ ଗୁଳ୍ମ ଚିହ୍ନଟଠାରୁ ଆରମ୍ଭ କରି ମୌସୁମୀ ପୂର୍ବାନୁମାନ ପର୍ଯ୍ୟନ୍ତ, ମରୁଡ଼ି-ପ୍ରତିରୋଧକ ଫସଲ ଚାଷରୁ ଆରମ୍ଭ କରି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ଜନଜାତିମାନେ ପଡ଼ି ପରେ ପିଢ଼ି ଦକ୍ଷତାର ଏକ ବିଶାଳ ଭଣ୍ଡାର। ବର୍ତ୍ତମାନ ଯେଉଁଠି ଜଳବାୟୁ ସଙ୍କଟ, ଜୈବ ବିବିଧତା, କାର୍ବନ ଅର୍ଥନୀତି ପ୍ରାଧାନ୍ୟ ବିସ୍ତାର କରୁଛି, ସେଇଠି ଜନଜାତି ଜ୍ଞାନ ସମୟ-ପରୀକ୍ଷିତ ମାର୍ଗ ପ୍ରଦାନ କରି ସ୍ଥାୟୀ ବିକାଶର ନୀତି ନିର୍ମାଣରେ ଅନେକ ଗୁରୁତ୍ୱ ବହନ କରେ।

ଜନଜାତି-ଜ୍ଞାନ କୌଣସି ପାଠ୍ୟପୁସ୍ତକରେ ଲେଖାଯାଇନାହିଁ କି କୌଣସି ତଥ୍ୟାଗାରରେ ସଂରକ୍ଷିତ ନାହିଁ। ଏହା ଜନଜାତି ଲୋକଗୀତରେ, ରୀତିନୀତିରେ, ଜଙ୍ଗଲରେ ଓ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପ୍ରତିଫଳିତ ହୁଏ। ଆଧୁନିକ ପ୍ରଯୁକ୍ତିବିଦ୍ୟାଠାରୁ ବହୁତ ଦୂରରେ ଜନଜାତି ଜ୍ଞାନ। କିନ୍ତୁ ସ୍ଥାୟିତ୍ୱ ଓ ପରିବର୍ତ୍ତନର ଏପରି ଏକ ସମୃଦ୍ଧ ନକ୍ସା ପ୍ରଦାନ କରେ, ଯାହା ଆଧୁନିକ ବୈଜ୍ଞାନିକ ଚିନ୍ତନ ସହିତ ମେଳ ଖାଏ। ଉଦାହରଣସ୍ୱରୂପ, ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ର ଜନଜାତି ଅଞ୍ଚଳର ଚାଷୀ, ବିଶେଷକରି ମହିଳା ଚାଷୀମାନେ, ୨୦୦ରୁ ଅଧିକ ସ୍ୱଦେଶୀ ମଞ୍ଜି କିସମ ସଂରକ୍ଷଣ କରିଛନ୍ତି, ଯେଉଁଥିରୁ ଅନେକ ମରୁଡ଼ି-ସହନଶୀଳ, କୀଟ-ପ୍ରତିରୋଧକ ଏବଂ ଜଳବାୟୁ ନମନୀୟ। ଦିନଥିଲା, ଯେତେବେଳେ ମାଣ୍ଡିଆ କେବଳ ଗରିବ ଓ ଜନଜାତିଙ୍କର ଖାଦ୍ୟ ଥିଲା। ହେଲେ ଆଜି ସେଇ ପଛୁଆ ଲୋକଙ୍କର ପଛୁଆ ଖାଦ୍ୟ ସମସ୍ତଙ୍କୁ ପଛରେ ପକାଇ ଦେଇଛି। କୋରାପୁଟର ଜନଜାତି ଅଞ୍ଚଳର ୩୩ରୁ ଅଧିକ ସ୍ୱଦେଶୀ ମାଣ୍ଡିଆ କିସମ ହାଇବ୍ରିଡ୍ କିସମ ଅପେକ୍ଷା ଅଧିକ ପୁଷ୍ଟିକର ବୋଲି ଚିହ୍ନଟ ହୋଇଛି। ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ତେଲୁଗୁ, ବଡା, ଦଶହେରା କିସମର ମାଣ୍ଡିଆରେ ପ୍ରୋଟିନ, କାର୍ବୋହାଇଡ୍ରେଟ୍, ଫାଇବର, ଫ୍ଲାଭୋନାଏଡ୍ ଓ ଆଣ୍ଟିଅକ୍ସିଡାଣ୍ଟର ମାତ୍ରା ଅତ୍ୟାଧୁନିକ ହାଇବ୍ରିଡ୍ ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ଶସ୍ୟ ତୁଳନାରେ ଖୁବ୍ ଅଧିକ। ପ୍ରାକୃତିକ ଉପାୟରେ ବିନା ରାସାୟନିକ ଦ୍ରବ୍ୟ ବ୍ୟବହାର କରି ନିଜର ସ୍ୱଦେଶୀ ବା ଦେଶୀୟ ପଦ୍ଧତି ଓ ଜ୍ଞାନକୌଶଳ ଉପଯୋଗ କରି ଜନଜାତିମାନେ କେତେ ଆଗୁଆ, ତାହାର ପ୍ରମାଣ ସମୟ ସମୟରେ ମିଳୁଛି। ଜନଜାତିଙ୍କର ଏହି ଫସଲ ପରିବେଶବିତ୍‌ଙ୍କଠାରୁ ଚାଷୀ, ବୈଜ୍ଞାନିକ ଓ ସରକାରଙ୍କ ପର୍ଯ୍ୟନ୍ତ ବର୍ତ୍ତମାନ ପ୍ରାୟ ସମସ୍ତଙ୍କର ପ୍ରାଥମିକତା ପାଲଟିଛି।

ଖାଦ୍ୟ ଓ କୃଷି ସଂଗଠନ ଅନୁଯାୟୀ ଜନଜାତି କୃଷି ପଦ୍ଧତି ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ସୁନିଶ୍ଚିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ମାଣ୍ଡିଆ ଚାଷ ସହିତ ଦେଶିଆ ଧାନ ଚାଷ, ଶାଳ ପତ୍ର, ମହୁଆ ଫୁଲ, ବାଉଁଶ, ଲାଖ, ମହୁ ଓ ଆହୁରି ଅନେକ ଜଙ୍ଗଲ ଉତ୍ପାଦ ଅନ୍ତର୍ଭୁକ୍ତ, ଯାହା ଜନଜାତି ସମ୍ପ୍ରଦାୟ ଦ୍ୱାରା ସଂଗୃହୀତ ଓ ସଂରକ୍ଷିତ। ପରିବେଶ ଓ ପ୍ରକୃତିକୁ କ୍ଷତି ନ ପହଞ୍ଚାଇ କିପରି ଉତ୍ପାଦନ ଓ ଅମଳ କରିହେବ, ତାହାର ଉପଯୁକ୍ତ ଜ୍ଞାନ ଜନଜାତିଙ୍କ ପାଖରେ। ସେମାନେ ନିଜର ତୀକ୍ଷ୍ଣ ନିରୀକ୍ଷଣ କଳା ଦ୍ୱାରା ଜାଣିପାରନ୍ତି କେଉଁ ଗଛ ସର୍ବାଧିକ ଉତ୍ପାଦନ କରେ, କେଉଁ ଫୁଲ ସବୁଠାରୁ ଭଲ କିଣ୍ୱନ କରେ ଏବଂ ପ୍ରାକୃତିକ ପୁନର୍ଜନ୍ମ କିପରି ସୁନିଶ୍ଚିତ କରିହେବ। ସେମାନେ କେବଳ ସଂଗ୍ରାହକ ନୁହନ୍ତି, ଜଙ୍ଗଲ ଅର୍ଥନୀତିଜ୍ଞ ଏବଂ ପରିବେଶବିତ୍।

ଏହାବ୍ୟତୀତ, ଭାରତର ଜନଜାତି ସମ୍ପ୍ରଦାୟ ଦୀର୍ଘଦିନ ଧରି ପ୍ରାକୃତିକ ନିରାମୟର ରହସ୍ୟକୁ ମଧ୍ୟ ଆୟତ୍ତ କରି ରଖିଛନ୍ତି। ଓଡ଼ିଶାର ଡଙ୍ଗରିଆ କନ୍ଧଙ୍କଠାରୁ ଆରମ୍ଭ କରି ତାମିଲନାଡୁର ଇରୁଲା ପର୍ଯ୍ୟନ୍ତ ଜନଜାତି ଅଞ୍ଚଳର ଔଷଧୀୟ ବୃକ୍ଷଲତା ଏବଂ ଚିକିତ୍ସା ପଦ୍ଧତି, ଦୈନନ୍ଦିନ ଜୀବନରେ ଧୀରେ ଧୀରେ ସନ୍ନିବେଶିତ ହେଉଛି। ଏକ ରିପୋର୍ଟ ଅନୁଯାୟୀ, ଜନଜାତି ସମ୍ପ୍ରଦାୟ ଦ୍ୱାରା ଔଷଧୀୟ ଉଦ୍ଦେଶ୍ୟରେ ବ୍ୟବହୃତ ୭, ୦୦୦ରୁ ଅଧିକ ଉଦ୍ଭିଦ ପ୍ରଜାତି ଚିହ୍ନଟ କରାଯାଇଛି। ଏହି ଚିକିତ୍ସାଗୁଡ଼ିକ ଅନେକ ଆୟୁର୍ବେଦ ଓ ୟୁନାନୀ ପ୍ରଣାଳୀରେ ସୂତ୍ରୀକରଣର ଆଧାର ମଧ୍ୟ ଗଠନ କରନ୍ତି। ବିଶ୍ୱସ୍ତରରେ, ଭେଷଜ ଓ ପାରମ୍ପରିକ ଔଷଧ ବଜାର ବୃଦ୍ଧି ପାଉଛି, ଯାହା ୨୦୩୦ ମସିହା ସୁଦ୍ଧା ୬୦୦ ବିଲିୟନ ଆମେରିକୀୟ ଡଲାର ଛୁଇଁବ ବୋଲି ଆକଳନ କରାଯାଇଛି। ଭାରତ, ଏହାର ଆୟୁଷ ମନ୍ତ୍ରଣାଳୟ ମାଧ୍ୟମରେ, ଏହି ଜ୍ଞାନକୁ ଆର୍ଥିକ ଢାଞ୍ଚାରେ ଆନୁଷ୍ଠାନିକ କରିବା ଆରମ୍ଭ କରିଛି। ରାଜ୍ୟ ସରକାରମାନେ ପ୍ରମାଣିତ ଜନଜାତି ଚିକିତ୍ସକମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା, ଗୋଷ୍ଠୀ ସ୍ୱାସ୍ଥ୍ୟସେବାରେ ଜନଜାତିଙ୍କର ଭୂମିକାକୁ ବୈଧତା ଦେବା ଏବଂ ଗବେଷଣା ପାଇଁ ଅନେକ ମାଧ୍ୟମ, ସାହାଯ୍ୟ ଓ ସହଯୋଗ ଦେବା ଆବଶ୍ୟକ ରହୁଛି, ଯାହା ଜନଜାତି ସମ୍ପ୍ରଦାୟର ବୌଦ୍ଧିକ ସମ୍ପତ୍ତି ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ଜ୍ଞାନକୁ ଜାତୀୟ ଓ ବିଶ୍ୱସ୍ୱାସ୍ଥ୍ୟ ରଣକୌଶଳରେ ଏକୀକୃତ କରିବା ଭଳି ଦ୍ୱିଗୁଣିତ ସୁଯୋଗ ଉନ୍ମୁକ୍ତ କରିବ। ଜନଜାତି ଏଥ୍‌ନୋମେଡିସିନର ବ୍ୟାବସାୟିକ ସମ୍ଭାବନା ବ୍ୟାପକ। କିନ୍ତୁ ଏହା ନୈତିକ ଢାଞ୍ଚା ଦ୍ୱାରା ପରିଚାଳିତ ହେବା ଆବଶ୍ୟକ, ଯେପରି ଏହାର ଲାଭ ଓ ଶ୍ରେୟ ଜନଜାତିଙ୍କୁ ମିଳିପାରିବ।

ଜନଜାତି ଜ୍ଞାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି ଜଳବାୟୁ ଅନୁକୂଳତା ଏବଂ ପରିବେଶ ପରିଚାଳନା କ୍ଷେତ୍ରରେ। ବୃଦ୍ଧି ପାଉଥିବା ବନ୍ୟା, ମରୁଡ଼ି ଓ ଅନିୟମିତ ପାଣିପାଗର ଏଇ ଯୁଗରେ ଜନଜାତି ସମ୍ପ୍ରଦାୟ ନିଜର ପବିତ୍ର ଉପବନ, ଗୋଷ୍ଠୀ ଜଳ ଅମଳ, ପାରମ୍ପରିକ ପାଣିପାଗ ପୂର୍ବାନୁମାନ ଏବଂ ସାଧାରଣ ଲୋକଙ୍କ ସାମୂହିକ ମାଲିକାନା ମଧ୍ୟରେ ପ୍ରାକୃତିକ ସମ୍ବଳର ପରିଚାଳନା ଜାରି ରଖିଛନ୍ତି। ମେଘାଳୟରେ, ବାଉଁଶ ବୁନ୍ଦା ଜଳସେଚନର ପ୍ରାଚୀନ ଅଭ୍ୟାସଠାରୁ ଆରମ୍ଭ କରି ଓଡ଼ିଶାର ନିୟମଗିରି ପାହାଡ଼ରେ ଡଙ୍ଗରିଆ କନ୍ଧଙ୍କ ପାହାଡ଼କୁ ପବିତ୍ର ବୋଲି ବିବେଚନା କରି ଜୈବ ବିବିଧତାକୁ ସଂରକ୍ଷିତ କରିବା ହେଉଛି ଅନନ୍ୟ, ଯାହାଦ୍ୱାରା ପରିବେଶ ଅବକ୍ଷୟକୁ ରୋକାଯାଇପାରୁଛି। ଭାରତୀୟ ପାଣିପାଗ ବିଭାଗ, ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ପାଇଁ ଜନଜାତି ସମ୍ପ୍ରଦାୟ ସହିତ ସହଯୋଗ କରିବା ଆରମ୍ଭ କରିଛି। ପକ୍ଷୀ ସ୍ଥାନାନ୍ତରଣ, ପବନ ଢାଞ୍ଚା ଓ ମୃତ୍ତିକାର ଆର୍ଦ୍ରତା ପରି ପାରମ୍ପରିକ ସୂଚକକୁ ପାଣିପାଗ ସୂଚକାଙ୍କ ଭାବେ ଗବେଷଣା ଅନ୍ତର୍ଭୁକ୍ତ କରିଛି। ସାରା ବିଶ୍ୱ, ଏକ ସ୍ଥାୟୀ ବିକାଶ ଢାଞ୍ଚାର ସନ୍ଧାନରେ ଥିବା ବେଳେ ଜନଜାତିଙ୍କଠାରୁ ଅନେକ କିଛି ଶିଖିବାର ଅଛି।

ଦ୍ରୁତ ବିକାଶର ଆଢୁଆଳରେ ଜଙ୍ଗଲ ବିନାଶ, ବାଧ୍ୟତାମୂଳକ ବିସ୍ଥାପନ, ସ୍ଥାନୀୟ ଭାଷାଗୁଡ଼ିକର କ୍ଷୟ ଏବଂ ସମଜାତୀୟ ଶିକ୍ଷା ବ୍ୟବସ୍ଥା, ଶହ ଶହ ବର୍ଷର ଜ୍ଞାନକୁ ନିଶ୍ଚିହ୍ନ କରିବାର ଏକ ଭୟଙ୍କର ବିପଦ ସୃଷ୍ଟି କରିଚାଲିଛି। 'ୟୁନେସ୍କୋ ଆଟ୍‌ଲାସ୍ ଅଫ୍ ୱାର୍ଲ୍ଡ ଲାଙ୍ଗୁଏଜସ୍' ଅନୁଯାୟୀ, ଭାରତ ପୂର୍ବରୁ ୨୨୦ଟି ଭାଷା ହରାଇ ସାରିଛି ଏବଂ ସେଥିମଧ୍ୟରୁ ଅନେକ ହେଲେ ଜନଜାତି ଭାଷା। ପ୍ରତ୍ୟେକ ବିଲୁପ୍ତ ଭାଷା ଏକ ବିଶାଳ ଜ୍ଞାନଭଣ୍ଡାରର ସମ୍ପୂର୍ଣ୍ଣ ବର୍ଗୀକରଣ। ବଜାର ଜଗତୀକରଣ ହେବା ସହିତ ଅନେକ ବାଣିଜ୍ୟିକ ସଂସ୍ଥା କୌଣସି ସମ୍ମତି, ଶ୍ରେୟ ବା କ୍ଷତିପୂରଣ ବିନା ଜନଜାତି ଜ୍ଞାନ ସଂଗ୍ରହ କରୁଛନ୍ତି ଏବଂ ପରବର୍ତ୍ତୀ ସମୟରେ ସେଇ ଜ୍ଞାନକୁ ବିକି ଭାଙ୍ଗି ଖାଇ, ଜନଜାତିଙ୍କ ଉପରେ ଦାଉ ସାଧୁଛନ୍ତି। ଜଙ୍ଗଲ ଅଧିକାର ଅଧିନିୟମ (୨୦୦୬) ଏବଂ ଜୈବ ବିବିଧତା ଅଧିନିୟମ (୨୦୦୨) ଭଳି ଆଇନଗୁଡ଼ିକ କିଛିମାତ୍ରାରେ ଜନଜାତିଙ୍କୁ ସୁରକ୍ଷା ପ୍ରଦାନ କରନ୍ତି, କିନ୍ତୁ ଏହାର କାର୍ଯ୍ୟାନ୍ୱୟନ ଅସମ୍ପୂର୍ଣ୍ଣ।

ନବସୃଜନ ପ୍ରତି ଆସକ୍ତ ଏକ ଯୁଗରେ ବୋଧହୁଏ ସବୁଠାରୁ ମୌଳିକ କାର୍ଯ୍ୟ ହେଉଛି ଅତୀତକୁ ଫେରିଯାଇ ଯାହା ଆମେ ହରାଇଛୁ ତାହା ପୁନରୁଦ୍ଧାର କରିବା ଏବଂ ପ୍ରକୃତି ସହିତ ସନ୍ତୁଳନରେ ବଞ୍ଚିବା। ଏହାର ଜ୍ୱଳନ୍ତ ଉଦାହରଣ ହେଲେ ଜନଜାତି ସମ୍ପ୍ରଦାୟ ଓ ଜନଜାତି ଜ୍ଞାନ। ଯଦି ଏହାକୁ ପ୍ରୋତ୍ସାହିତ କରାଯାଏ, ତେବେ ଏହି ଜ୍ଞାନ ଏକ ସବୁଜ, ଅଧିକ ସମାବେଶୀ ଅର୍ଥବ୍ୟବସ୍ଥାକୁ ଶକ୍ତି ଯୋଗାଇବ, ଯାହା କେବଳ ମୋଟ ଘରୋଇ ଉତ୍ପାଦକୁ ନୁହେଁ, ବରଂ ସୌହାର୍ଦ୍ଦ୍ୟ, ସମାବେଶୀ ଓ ନମନୀୟତାକୁ ଗୁରୁତ୍ୱ ଦେବ। ଫଳସ୍ୱରୂପ, ଭାରତ କେବଳ ନିଜର ଜନଜାତି ଐତିହ୍ୟକୁ ସଂରକ୍ଷିତ କରିବା ସହିତ ସାରା ବିଶ୍ୱ ପାଇଁ ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିବ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

# ଚାନ୍ଦା ଏକ ସାମାଜିକ ବ୍ୟାଧି

ଅଧ୍ୟାପକ ଅଶୋକ ମହାରଣା



ପାର୍ବଣ ଋତୁ ଚାନ୍ଦାର ଋତୁ। ଭକ୍ତି କମ, ଅହଂଭାବ, ଆଡ଼ମ୍ବରର ସ୍ୱୟମ୍ବର। ଦିଅଁଙ୍କ ନାମରେ ମାନସିକ, ଶାରୀରିକ ନିର୍ଯାତନା। ଦେଲେ ସୁନାପୁଅ, ନଦେଲେ ରୋଷର ଶିକାର। ଚାନ୍ଦା, ତା' ପୁଣି ବିଭିନ୍ନ ନାମ ଓ ଉପାୟରେ ଆଦାୟ। କେହି କହେ ସହାୟତା ତ କେହି କହେ ଦାନ। ଭକ୍ତି ନାମରେ ଏକ କଳଙ୍କିତ ପ୍ରଥା କାଳକାଳ ଧରି ଚାଲିଆସିଛି, ଯାହା ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି।

ପର୍ବପର୍ବାଣୀ ଆମ ସଂସ୍କୃତିର ପରିଚାୟକ। ପୂଜା ପାର୍ବଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅତ୍ୟାଡ଼ମ୍ବରପୂର୍ଣ୍ଣ ପୂଜା କରାଯାଉଛି। ସତରେ କ'ଣ ଈଶ୍ୱର ଆଡ଼ମ୍ବରପୂର୍ଣ୍ଣ ତୋରଣ, ଝଲମଲ ଲାଇଟ, ସୁନାମୁକୁଟ, ରୁପା ମେଢ଼, ଟନ ଟନ ଓଜନର ଗହଣାରେ ମଣ୍ଡିହୋଇ ଭକ୍ତଙ୍କ ପାଇଁ ଆର୍ଶୀବାଦର ପେଡ଼ି ଖୋଲି ଦେଉଛନ୍ତି? ପ୍ରତିଯୋଗିତାପୂର୍ଣ୍ଣ ପୂଜାର୍ଚ୍ଚନାରେ ବ୍ୟସ୍ତ ମଣିଷ ଭକ୍ତିକୁ ବାଜି କରିଛି। ଶାସ୍ତ୍ର, ବେଦ, ପୁରାଣ କେଉଁଥିରେ ଲେଖା ଏହି ବାହ୍ୟାଡ଼ମ୍ବରପୂର୍ଣ୍ଣ ପୂଜାର୍ଚ୍ଚନାର କାହାଣୀ? ଯେଉଁଠି ନଡ଼ିଆଟିଏ ହସ୍ତପ୍ରସାରୀ ପ୍ରଭୁ ନେଉଛନ୍ତି, ସେଠି ସୁନାରୁପାର ମୁକୁଟରେ କ'ଣ ଅଛି? ବାଧ୍ୟବାଧକତାରେ ଚାନ୍ଦା ଆଦାୟ କରି ପୂଜାର୍ଚ୍ଚନା କରିବାରେ ଭକ୍ତି ନା ଶକ୍ତି ପ୍ରଦର୍ଶିତ ହୁଏ, ଭକ୍ତ ନା ଭଗବାନଙ୍କ ପୂଜନ କରାଯାଏ?

ପରିବର୍ତ୍ତିତ ପରିବେଶ, ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଯୋଗୁଁ ଆମେ ଭକ୍ତି ଅପେକ୍ଷା ଭୋଗବିଳାସକୁ ଅଧିକ ଗୁରୁତ୍ୱ ଦେବାରେ ବ୍ୟସ୍ତ। ଦ୍ୱିଅର୍ଥବୋଧକ ସଙ୍ଗୀତ, ଅଶ୍ଳୀଳ ଉଦ୍ଦାମ ଉଦଣ୍ଡ ନୃତ୍ୟର ତାଳେ ତାଳେ ଆବାଳବୃଦ୍ଧବନିତା ଉଚ୍ଛୃଙ୍ଖଳର ଶୀର୍ଷରେ ଉପନୀତ। ଆମେ ହିଁ ସୃଷ୍ଟି କରୁ ଅପସଂସ୍କୃତିର ମାର୍ଗ। ଆମେ ହିଁ ବୁଣୁ ସାମଜିକ ଅଧୋପତନର ମଞ୍ଜି। ସେଇଥିପାଇଁ ପୂଜା ଅପେକ୍ଷା ଭୋଗଲାଳସାରେ ହିଁ ଆମର ବିଶ୍ୱାସ। ଭକ୍ତି ନାମ ମାତ୍ର। ମଦ ମାଂସ ଭିତରେ ହଜିଯାଏ 'ଭକ୍ତ' ନାମକ ବ୍ୟକ୍ତି ଓ 'ଭକ୍ତି' ନାମକ ସକାରାତ୍ମକ ଚିନ୍ତନ। ଏହା କ'ଣ ଆମ ସଂସ୍କୃତି ନା ପରମ୍ପରା? ଭଗବାନ ଶ୍ରୀକୃଷ୍ଣ ଭଗବତ ଗୀତାର ଭକ୍ତିଯୋଗରେ କହିଛନ୍ତି 'ଯସ୍ମାନ୍ନୋଦବିଜତେ ଲୋକୋ ଲୋକାନ୍ନୋଦ୍‌ବିଜତେ ଚ ଯଃ / ହର୍ଷାମର୍ଷଭୟୋଦଭବେର୍ଗୈର୍ମୁକ୍ତୋ ଯଃସଚମେ ପ୍ରିୟଃ।' ଅର୍ଥାତ 'ଯାହା ପାଇଁ କେହି ଅସୁବିଧାରେ ପଡ଼ନ୍ତି ନାହିଁ ଏବଂ ଯେ ଆଦୌ କୌଣସି ପରିସ୍ଥିତିରେ ଉଦବିଗ୍ନ ବା ବିଚଳିତ ହୋଇପଡ଼େ ନାହିଁ, ଯେ ସୁଖ-ଦୁଃଖ ସବୁ ଅବସ୍ଥାରେ ସମଭାବାପନ୍ନ ସେ ମୋର ଅତିପ୍ରିୟ।' ପୁନଶ୍ଚ 'ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ / ନିର୍ମମୋ ନିରହଂକାରଃ ସମଦୁଃଖସୁଖଃ କ୍ଷମୀ / ସନ୍ତୁଷ୍ଟ ସତତଂ ଯୋଗୀ ଯତାତ୍ମା ଦୃଢ଼ନିଶ୍ଚୟଃ / ମୟ୍ୟର୍ପିତ ମନୋବୁଦ୍ଧିର୍ଯୋ ମଦଭକ୍ତଃ ସ ମେ ପ୍ରିୟଃ।' ଅର୍ଥାତ୍ ଯେ ହିଂସାତ୍ମକ ନୁହେଁ, ବରଂ ସମସ୍ତ ଜୀବର ଏକ କାରୁଣିକ ବନ୍ଧୁ ଅଟେ, ଯେ ନିଜକୁ ଅଧିକାରୀ ବୋଲି ଭାବେ ନାହିଁ, ଯେ ଅହଂକାର ଶୂନ୍ୟ ଏବଂ ସୁଖଦୁଃଖ ସବୁଅବସ୍ଥାରେ ସମଭାବପନ୍ନ, ଯେ ସର୍ବଦା ସନ୍ତୁଷ୍ଟ ଏବଂ ଦୃଢ଼ତାର ସହିତ ଭକ୍ତି ଯୋଗରେ ସେବାରତ ଏବଂ ଯାହାର ମନ ଓ ବୁଦ୍ଧି ମୋ'ଠାରେ ଯୁକ୍ତ ହୋଇଥାଏ ସେ ମୋର ଅତିପ୍ରିୟ।

ତେବେ ପୂଜା ପାଇଁ ଆମେ କେଉଁସ୍ତରକୁ ଓହ୍ଲାଇ ଆସୁ? ଚାନ୍ଦା ପାଇଁ ଗୁଣ୍ଡାରାଜ ସହିତ ମନକୁ ଆଘାତ୍ ଦେଇ ଚାନ୍ଦା ଆଦାୟ କରିଥାଉ। କପର୍ଦ୍ଦକ ଶୂନ୍ୟ ଦୀନଦୁଃଖୀଦରିଦ୍ର ବି ପ୍ରଭୁଙ୍କୁ ଭକ୍ତିରେ ବାନ୍ଧିରଖିପାରେ। ନହେଲେ କ'ଣ ସାମାନ୍ୟ ଖୁଦ କଣିକା ହେଉ କି ଶବରୀର ଅଇଁଠା କୋଳିକୁ ପ୍ରଭୁ ସାଦରେ ଗ୍ରହଣ କରିପାରିଥା'ନ୍ତେ ନା ଦାସିଆ ବାଉରିର ନଡ଼ିଆକୁ ଗ୍ରହଣ କରିଥା'ନ୍ତେ!

ଶାସ୍ତ୍ର ଅନୁସାରେ ଭକ୍ତିକୁ ନଅ ଭାଗରେ ବିଭକ୍ତ କରାଯାଇଛି। ପ୍ରଭୁଙ୍କର ନାମ ଓ ଭଜନ ଶ୍ରବଣ, ପ୍ରଭୁଙ୍କର ନାମ କୀର୍ତ୍ତନ ଓ ସ୍ମରଣ, ପ୍ରଭୁଙ୍କର ପାଦ ସେବା, ସକ୍ଷମ ଅନୁସାରେ ଅର୍ଚ୍ଚନା, ବନ୍ଦନା, ଦାସ୍ୟ, ସଖ୍ୟ ଓ ଆତ୍ମନିବେଦନ ଭଳି ଭକ୍ତି ରହିଛି। ଏତ ପ୍ରଭୁଙ୍କ ନିକଟରେ ସମର୍ପଣ ଓ ସମର୍ପିତ ହେବାର ଗୋଟିଏ ଗୋଟିଏ ମାଧ୍ୟମ। କିନ୍ତୁ ଏବେ ପୂଜା, ଭକ୍ତି ଓ ଭକ୍ତର ସଂଜ୍ଞା ପରିବର୍ତ୍ତନ ହୋଇଯାଇଛି। ଏହା ସମାଜିକ ଅଧୋପତନର ପ୍ରଦର୍ଶନ। ପୂଜା ଈଶ୍ୱରପ୍ରାପ୍ତିର ଏକ ମାଧ୍ୟମ ହୋଇପାରେ। କିନ୍ତୁ ପୂଜା ନାମରେ ଏଭଳି ମାନସିକତା ଈଶ୍ୱରଙ୍କ ପ୍ରତି ଏକ ଉପହାସ। ସେଇଥିପାଇଁ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ମନୁଷ୍ୟମାନେ ଯେପରି ଭାବରେ ମୋ ନିକଟକୁ ଆସନ୍ତି, ମୁଁ ସେମାନଙ୍କୁ ସେପରି ଭାବରେ ଗ୍ରହଣ କରିଥାଏ।

ସାମ୍ପ୍ରତିକ ସମୟରେ ଗାଁଠାରୁ ସହର ଚାନ୍ଦା ଦିଅଁ ପୂଜା ନାମରେ ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି। ମଧୁର ଶୋଷଣ ମାଧ୍ୟମରେ ଶୋଷିତ ହେଉଥିବା ଏବଂ ଭୟାତୁର ମଣିଷ ଚାନ୍ଦା ନଦେବାର ପରିଣାମ ଚିନ୍ତା କରି ଅନ୍ଧ, ମୂକ, ବଧିରର ଅଭିନୟ କରୁଥାଉ। ଆଇନ ତା' ରାସ୍ତାରେ। ଦଣ୍ଡବିଧାନ ତା' ରାସ୍ତାରେ। କିଏ କାହିଁକି ପ୍ରତିବାଦ କରି ଶତ୍ରୁ ଅର୍ଜନ କରିବ? ବରଂ ଈଶ୍ୱର ସେମାନଙ୍କର ମଙ୍ଗଳ କରନ୍ତୁ।

ସିମିନଇ(ଢେଙ୍କାନାଳ), ମୋ: ୯୪୩୭୨୯୦୧୮୧

# ମଙ୍ଗଳର କବକ ଗୃହ

**ବିଜ୍ଞାନ ବାର୍ତ୍ତା**

ଶ୍ରୀନନ

ପୃଥିବୀ ବାହାରେ ବସତି ସ୍ଥାପନ କଥା ଚିନ୍ତା କଲେ ମନକୁ ପ୍ରଥମେ ଆସିଥା'ନ୍ତି ଦୁଇଟି ମହାକାଶ ପିଣ୍ଡ - ଚନ୍ଦ୍ର ଓ ମଙ୍ଗଳ। ଚନ୍ଦ୍ର ଆମର ନିକଟତମ। ଅଦ୍ୟାବଧି ଏହା ଉପରେ ମଣିଷ ପହଞ୍ଚି ସାରିଛି ଏବଂ ଅନେକ ପରୀକ୍ଷା ନିରୀକ୍ଷା ଓ ଗବେଷଣା ମଧ୍ୟ ହୋଇସାରିଛି। ଅତଏବ ପ୍ରଥମେ ଏହିଠାରେ ହିଁ ବସତି ସ୍ଥାପନ କରିବାର ସମ୍ଭାବନା ଅଧିକ ବୋଲି ମନେ ହେବା ସ୍ୱାଭାବିକ। ତେବେ ବର୍ତ୍ତମାନ କେତେକ ବୈଜ୍ଞାନିକ ମତ ଦେଲେଣି ଯେ ଚନ୍ଦ୍ର ତୁଳନାରେ ମଙ୍ଗଳ ପୃଷ୍ଠ ଅଧିକ ବାସୋପଯୋଗୀ। କାରଣ ଏଠାରେ ଥିବା ବାୟୁମଣ୍ଡଳ, ଭୂପୃଷ୍ଠର ସଂରଚନା, ରାସାୟନିକ ଉପାଦାନ ଇତ୍ୟାଦି କିଛିଟା ପୃଥିବୀର ଅନୁରୂପ। ଅତଏବ ସେଠାରେ ବସତିଟିଏ ସ୍ଥାପନ କଲେ ଦୂରଦୂରାନ୍ତାରର ମହାକାଶ ଏବଂ ଗ୍ରହନକ୍ଷତ୍ରମାନଙ୍କୁ ଅଧ୍ୟୟନ କରିବା ସହଜ ହେବ।

ମଙ୍ଗଳ ପୃଷ୍ଠରେ ବସତି ସ୍ଥାପନ କରିବାକୁ ହେଲେ ତାହା କେଉଁ ପଦାର୍ଥରେ ଗଢ଼ାଯିବ ଏହାକୁ ନେଇ ନାନାକଥା ଚିନ୍ତା କରାଯାଉଛି। ତନ୍ମଧ୍ୟରୁ ଗୋଟିଏ ହେଲା ସେଠାରେ ସ୍ଥାନୀୟ ଭାବେ ଏକ କବକ ବା 'ଫଙ୍ଗସ୍' ଚାଷ କରି ତହିଁରୁ ପ୍ରସ୍ତୁତ ପ୍ଲାଷ୍ଟିକ୍‌ରେ ଘର ତିଆରି। ଏଦିଗରେ ପ୍ରଥମ ପଦକ୍ଷେପ ରୂପେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ବିଜ୍ଞାନାଗା।।ର ମଧ୍ୟରେ ମଙ୍ଗଳ ଗ୍ରହ ଅନୁରୂପ କୃତ୍ରିମ ପରିବେଶଟିଏ ସୃଷ୍ଟି କରି ତହିଁରେ ପ୍ଲାଷ୍ଟିକ ପାତ୍ରରେ ଏବର କବକଟିକୁ ବଢ଼ାଇବାର ସଫଳତା ମିଳିଛି। ତପ୍ତରେ ଏହାକୁ ବ୍ୟବହାର କରି ବାସଗୃହ ସଦୃଶ୍ୟ ସଂରଚନାଟିଏ ଗଢ଼ି ତନ୍ମଧ୍ୟରେ ତାହାର ବଂଶ ବିସ୍ତାର କରାଯାଇ ପାରୁଛି। ଅତଏବ ଏବର ସବୁଜ କବକରୁ ମଙ୍ଗଳ ଗ୍ରହରେ ବାସଗୃହ ନିର୍ମାଣ କରାଯାଇ ପାରିବ ବୋଲି ମନେ କରାଯାଉଛି।

ହାର୍ଭାର୍ଡଠାରେ ଏବର ଗବେଷଣା ଚଳାଇଥିବା ବୈଜ୍ଞାନିକମାନଙ୍କ ମୁଖ୍ୟ ହେଲେ ରବିନ୍ ୱାର୍ଡସ୍ ୱର୍ଥ। ତାଙ୍କ ମତରେ ସେମାନେ ଏ ପଦାର୍ଥଟିକୁ ଏଥିପାଇଁ ବାଛିବାର କାରଣ ହେଲା ଯେ ଥରେ ତହିଁରୁ କିଛି ସେଠାକୁ ନେଇ ଗଲେ ସେଠାରେ ତାହା ଚାଷ କରି ଅଧିକରୁ ଅଧିକ ଉତ୍ପନ୍ନ କରାଯାଇ ପାରିବ। ପୁନଶ୍ଚ ଏହା ମଧ୍ୟ ଅମ୍ଳଜାନ ସୃଷ୍ଟି କରିବ। ଏହି କବକଟିର ନାମ ହେଲା ଡୁନାଲିଏଲା ଟେର୍ଟିଓଲେକ୍ରା। ରବିନ୍ ଓ ତାଙ୍କ ସହଯୋଗୀମାନେ ଏହାକୁ ୫ ମିଲିମିଟର ସ୍ଥୂଳତା ବିଶିଷ୍ଟ ଜୈବପ୍ଲାଷ୍ଟିକ ନିର୍ମିତ ପାତ୍ରରେ ନେଇ ଏକ ପ୍ରକୋଷ୍ଠ ମଧ୍ୟରେ ରଖିଥିଲେ। ଏଥିମଧ୍ୟରେ ସୃଷ୍ଟି କରାଯାଇଥିଲା ଆମ ବାୟୁମଣ୍ଡଳ ଚାପର ୦.୬ ଶତାଂଶ, ଯାହାକି ମଙ୍ଗଳ ଗ୍ରହର ବାୟୁମଣ୍ଡଳ ଚାପ ସହିତ ସମାନ। ପୁନଶ୍ଚ ମଙ୍ଗଳ ଅନୁରୂପ ବାୟୁରେ ଥିଲା ପ୍ରାୟ ୭୫ ରୁ ୮୦ ଶତାଂଶ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ବାଷ୍ପ। ତନ୍ମଧ୍ୟରେ ପ୍ରାୟ ୧୦ ଦିନ ରଖିଲା ପରେ ଦେଖାଗଲା ଯେ ସେଗୁଡ଼ିକ ସାଧାରଣ ଭାବେ ବଢୁଛନ୍ତି ଏବଂ ଆଲୋକ ସଂଶ୍ଳେଷଣ କରୁଛନ୍ତି।

ଫ୍ଲୋରିଡ଼ା ବିଶ୍ୱବିଦ୍ୟାଳୟର ଅନମାର ମେନେଜେସ୍‌ଙ୍କ ମତରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। କାରଣ ମଙ୍ଗଳ ପୃଷ୍ଠରେ ଦୀର୍ଘ ସମୟ ଧରି ରହିବାକୁ ହେଲେ ଦରକାରୀ ପଦାର୍ଥଗୁଡ଼ିକୁ ସେଠାରେ ଉତ୍ପାଦନ କରିବାକୁ ପଡ଼ିବ। ଏହି ଆବଶ୍ୟକତାର ଅନେକାଂଶ ଉକ୍ତ କବକ ଦ୍ୱାରା ପୂରଣ ହୋଇ ପାରିବ ବୋଲି ଆଶା କରାଯାଏ। ପୁନଶ୍ଚ ଏହା ଶ୍ୱାସ କ୍ରିୟା ଲାଗି ଅମ୍ଳଜାନ ମଧ୍ୟ ଯୋଗାଇବାକୁ ସକ୍ଷମ।

ମଙ୍ଗଳ ଗ୍ରହକୁ ମନୁଷ୍ୟର ଯାତ୍ରା ଆହୁରି କିଛି ବର୍ଷ ସମୟ ନେବ। ଇତିମଧ୍ୟରେ ଏ କବକ ଉପରେ ଅଧିକ ପରୀକ୍ଷା ନିରୀକ୍ଷା କରିହେବ। ଆବଶ୍ୟକ ହେଲେ ଜୈବ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ତାହାକୁ ସେଠାରେ ଚାଷ କରିବା, ତହିଁରୁ ଖାଦ୍ୟ ଉପଯୋଗୀ ପ୍ରଜାତିମାନ ସୃଷ୍ଟି କରିବା ଏବଂ ତାହାକୁ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇବା ଲାଗି ଉପଯୁକ୍ତ କରାଯାଇ ପାରିବ। ଏହାବ୍ୟତୀତ ବୈଜ୍ଞାନିକମାନେ ଏବେ ମଙ୍ଗଳପୃଷ୍ଠରେ ବ୍ୟବହାର ଲାଗି ଆହୁରି ଅନେକ ପ୍ରଦାର୍ଥ ଉପରେ ଅଧ୍ୟୟନ ଚଳାଇଛନ୍ତି। ବିଜ୍ଞାନାଗାରମାନଙ୍କରେ ସେଠାରେ ଅନୁରୂପ ପରିବେଶମାନ ସୃଷ୍ଟି କରି ଜନ୍ମଧ୍ୟରେ ତାହା ସବୁ ପରୀକ୍ଷା କରାଯାଉଛି। ଏସବୁରେ ସଫଳତା ହେବ ମଙ୍ଗଳ ଗ୍ରହରେ ବସତି ସ୍ଥାପନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପରିକ୍ଷେପ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ

ଭୁବନେଶ୍ୱର, ୧୯ (ସମିସ): ଶ୍ରୀମନ୍ଦିରର ପରିଚାଳନା କମିଟିର ନୂତନ ଭାବେ ମନୋନୀତ ହୋଇଥିବା ସଦସ୍ୟମାନେ ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଶ୍ରୀମନ୍ଦିର ପରିଚାଳନା ପାଇଁ ନୂତନ କମିଟି ଗଠନ କରିଥିବାରୁ

### ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱାରୋପ

ସଦସ୍ୟଗଣ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ପରିଚାଳନା କମିଟିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ଦିର ନୀତିକାନ୍ତି, ପର୍ବପର୍ବାଣୀ କିପରି ଶୃଙ୍ଖଳିତ ଭାବେ ପାଳିତ ହେବ ଏବଂ ପୁରୀ ସହରର ବିକାଶ କିପରି ତ୍ୱରାନ୍ୱିତ ହେବ, ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ମହାପ୍ରଭୁଙ୍କ ସେବା ଓ ମନ୍ଦିର ବିକାଶ କାମରେ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ପରିଚାଳନା କମିଟି ସଦସମାନଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳ ଭାବେ ଗଢ଼ି ତୋଳିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ପୁରୀ ସହରରେ ଅନେକ ସୁବିଧା ଉପଲବ୍ଧ କରାଯିବ। ପରିଚାଳନା କମିଟିର ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରାୟ(ସୁଆର ମହାସଭା), ରଘୁବୀର ଦାସ (ମଠାଧୀଶ), ରାମନାରାୟଣ ଗୋଚ୍ଛିକାର (ପ୍ରତିହାରୀ ନିଯୋଗ), ମଧୁସୂଦନ ସିଂହାରୀ (ପୁଷ୍ପାଳକ ନିଯୋଗ) ଏବଂ ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

■ ହାଇକୋର୍ଟରେ ଚିଟଫଣ୍ଡ ମାମଲା

## ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କୁ ଅନ୍ତରୀଣ ସୁରକ୍ଷା ବଳବତ୍ତର

କଟକ,୧।୯ (ସମିସ): ଚିଟ୍‌ଫଣ୍ଡ ମାମଲାରେ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଉପରେ ହାଇକୋର୍ଟ ଜାରି କରିଥିବା ଅନ୍ତରୀଣ ସୁରକ୍ଷା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରହିଛି। ଶ୍ରୀ ଜେନାଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୬ ତାରିଖକୁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ଏହି ମାମଲାରେ ସିବିଆଇକୁ ତଦନ୍ତରେ ସହଯୋଗ କରିବା ସହ ଆବଶ୍ୟକସ୍ଥଳେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବେ ବୋଲି ହାଇକୋର୍ଟ ପୂର୍ବରୁ ସର୍ତ୍ତାରୋପ କରିଥିଲେ। ଏହି ଅନୁସାରେ ଶ୍ରୀ ଜେନାଙ୍କୁ ଗତ ଜୁଲାଇ ୨୮ ରେ ଜେରା କରାଯାଇଥିବା ଓ ଏଥିରେ ଆବେଦନକାରୀ ସହଯୋଗ କରିଥିବା ନେଇ ହାଇକୋର୍ଟ ଅବଗତ ହୋଇଥିଲେ। ଅନ୍ୟପଟରେ ସିବିଆଇକୁ ମଧ୍ୟ ଚିଟଫଣ୍ଡ ମାମଲା ସମ୍ପର୍କିତ ସମସ୍ତ ଦସ୍ତାବିଜ୍ ଦାଖଲ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ଅଦାଲତ। ପ୍ରକାଶଥାଉକି ୨୦୧୪ର ସିସୋର ଚିଟଫଣ୍ଡ ମାମଲାରେ ଶ୍ରୀ ଜେନାଙ୍କୁ ହାଜର ହେବାକୁ ସିବିଆଇ ପକ୍ଷରୁ ଗତ ଜୁଲାଇ୩ର ନୋଟିସ ଜାରି ହୋଇଥିଲା। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ ହାଇଦରାବାଦରେ ଗ୍ୟାସ୍ ଟାଙ୍କି ବିସ୍ଫୋରଣ

## ବସ୍ତା ଅଞ୍ଚଳର ୫ ଆହତ

ରାଜଘାଟ, ୧।୯ (ସମିସ): ପୁଣି ସାମ୍ନାକୁ ଆସିଲା ଦାଦନ ଯନ୍ତ୍ରଣା। ହାଇଦରାବାଦରେ ଏକ ଗ୍ୟାସ୍ ଟାଙ୍କି ବିସ୍ଫୋରଣରେ ୫ଜଣ ଓଡ଼ିଆ ଗୁରୁତର ଆହତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ମୂଳିଦା ଗ୍ରାମର ଗୋଟିଏ ପରିବାରର ୫ ଜଣ ସଦସ୍ୟ ହାଇଦରାବାଦରେ ଗ୍ୟାସ ଟାଙ୍କି ବିସ୍ଫୋରଣରେ ଗୁରୁତର ଆହତ ହୋଇ ସେଠାରେ ଚିକିତ୍ସାଧୀନ ଅଛନ୍ତି। ମୂଳିଦା ଗ୍ରାମର ଗୀତାଞ୍ଜଳି ବେହେରାଙ୍କ ସ୍ୱାମୀ ନିରୁଦ୍ଦିଷ୍ଟ ହେବା ପରେ ନିଜର ୭ ବର୍ଷର ଝିଅକୁ ମାଆ ପାଖରେ ଛାଡ଼ି ପରିବାର ପ୍ରତିପୋଷଣ ପାଇଁ ସେ ହାଇଦରାବାଦର କୁକୁଟାପାଲି କଲୋନୀରେ ନିଜ ଭିଣୋଇ ଭଉଣୀଙ୍କ ସହ ରହି ଦାଦନ ଶ୍ରମିକ ଭାବରେ କାମ କରୁଥିଲେ। ସେମାନେ ରହୁଥିବା କଲୋନୀରେ ଗତକାଲି ଭୋର୍‌ରେ ଗ୍ୟାସ୍ ସିଲିଣ୍ଡର ଫାଟି ନିଆଁ ଲାଗି ଯାଇଥିଲା। ଏହି ବିସ୍ଫୋରଣରେ ଘରର ଛାତ ଉଡ଼ି ଯାଇଥିଲା। ଫଳରେ ଗୀତାଞ୍ଜଳିଙ୍କ ସମେତ ଭିଣୋଇ, ଭଉଣୀ ଏବଂ ଦୁଇଜଣ ପିଲା ଗ୍ୟାସ ନିଆଁରେ ପୋଡ଼ି ଗୁରୁତର ହୋଇପଡ଼ିଛନ୍ତି। ସେମାନେ ଏବେ ନିକଟସ୍ଥ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏପଟେ ଗୀତାଞ୍ଜଳିଙ୍କ ମାଆ ଏହି ଖବର ଜାଣିବା ପରେ ଝିଅକୁ ଚିକିତ୍ସା ସହାୟତା ଯୋଗାଇଦେବା ସହିତ ସୁସ୍ଥ କରି ଘରକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଗୀତାଞ୍ଜଳିଙ୍କ ୮ ବର୍ଷର ଝିଅ ନିବେଦିତା ମାଆର ଫେରିବା ବାଟକୁ ଚାହିଁ ରହିଛି। ଅତ୍ୟନ୍ତ ଗରିବ ପରିବାର ହୋଇଥିବାରୁ ତାଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ପରକୀୟା ପ୍ରୀତି ସନ୍ଦେହରେ ଭାଇକୁ ଗୁଳିମାଡ଼

ଅନୁଗୋଳ, ୧।୯ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଥାନା କମଳପୁର ଗାଁର ଦଳିତ ବସ୍ତିରେ ସୋମବାର ସକାଳେ ଗୁଳିମାଡ଼ ହୋଇଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ, ଗାଁର ସୁରଭି ନାଏକ। ଘଟଣାକୁ ନେଇ ବସ୍ତିରେ ଉତ୍ତେଜନା ପ୍ରକାଶ ପାଇଛି। ପରକୀୟା ପ୍ରୀତିରୁ ଏହି ଗୁଳିକାଣ୍ଡ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କମଳପୁର ଗାଁର ସୁରଭି ନାଏକ ଓ କ୍ଷୀରୋଦ ନାଏକ ଦୁଇ ଭାଇ। ଉଭୟ ବିବାହିତ ଓ ସେମାନଙ୍କର ପିଲାଛୁଆ ଅଛନ୍ତି। କିଛି ବର୍ଷ ହେବ ସୁରଭିଙ୍କ ସ୍ତ୍ରୀଙ୍କ ସହ କ୍ଷୀରୋଦଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହା ଜଣାପଡ଼ିବା ପରେ ଦୁଇ ଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ଲାଗି ରହିଥିଲା। ସୁରଭିଙ୍କ ସ୍ତ୍ରୀ ୧୨ଦିନ ହେବ ପିଲାଛୁଆଙ୍କୁ ଛାଡ଼ି କୁଆଡ଼େ ଚାଲିଯାଇଛନ୍ତି। କ୍ଷୀରୋଦ ତାଙ୍କ ସ୍ତ୍ରୀକୁ ଲୁଚାଇ ରଖିଥିବା ସୁରଭି ସନ୍ଦେହ କରୁଥିଲେ। ଏହାକୁ ନେଇ ସୋମବାର ସକାଳେ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ କ୍ଷୀରୋଦ ଏକ ବନ୍ଧୁକ ଆଣି ସୁରଭିଙ୍କୁ ଗୁଳିମାଡ଼ କରିଥିଲେ। ସୁରଭିଙ୍କ ଡାହାଣ ପାଖ କାନ୍ଧ ଓ ଅଣ୍ଟା ପାଖରେ ୨ଟି ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅଭିଯୁକ୍ତ କ୍ଷୀରୋଦ ଫେରାର୍ ହୋଇଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲିଭ ଇନ୍ ପାର୍ଟନରଙ୍କୁ...

ବନଯାକ୍ଷୀ। ତାଙ୍କର ବୟସ ୩୫ ବର୍ଷର୍ ବୋଲି ପୁଲିସ ସୂଚନା ଦେଇଛି। ଦୁଇଜଣ ୪ ବର୍ଷ ତଳେ ଲିଭ୍-ଇନ୍‌ରେ ରହିଆସୁଥିଲେ। ଭିଠାଲ ପୂର୍ବରୁ ୩ଥର ବିବାହ କରିସାରିଥିଲା। ସେହିପରି ବନଯାକ୍ଷୀ ମଧ୍ୟ ପୂର୍ବରୁ ୨ଥର ବିବାହ କରିଥିଲେ। ଭିଠାଲ ନିୟମିତ ମଦ୍ୟପାନ କରିବା ସହ ନିର୍ଯାତନା ଦେବାରୁ ବନଯାକ୍ଷୀ ବିତସ୍ପୃହ ହୋଇପଡିଥିଲେ। ଫଳରେ ସେ ତାଙ୍କଠାରୁ ଅଲଗା ହୋଇଥିଲେ। ଏହାପରେ ବନଯାକ୍ଷୀ ମାରିଆପ୍ପା ନାମକ ଜଣେ ବ୍ୟକ୍ତି ସହ ବନ୍ଧୁତା ସ୍ଥାପନ କରିଥିଲେ। ଘଟଣା ଦିନ ମନଯାକ୍ଷୀ କାରରେ ମାରିଆପ୍ପା ଓ ଡ୍ରାଇଭର ସହିତ ମନ୍ଦିରରୁ ଫେରୁଥିଲେ। ଭିଠାଲ ତାଙ୍କର ପିଛା କରିଥିଲା। କାର ଏକ ସିଗନାଲରେ ରହିବା ପରେ ବିଠଲ ୩ ଜଣଙ୍କ ଉପରେ ପେଟ୍ରୋଲ ପକାଇଥିଲା। ମାରିଆପ୍ପା ଓ ଡ୍ରାଇଭର ସେଠାରୁ ଦୌଡି ପଳାଇଥିଲେ। କିନ୍ତୁ ବିଠଲ ବନଯାକ୍ଷୀଙ୍କ ପିଛା କରିଥିଲା। ଦୌଡ଼ିବା ପରେ ସେ ପଡିଯିବା ପରେ ବିଠଲ ତାଙ୍କ ଉପରେ ଢ଼ାଳି ନିଆଁ ଲଗାଇଦେଇଥିଲେ। ସ୍ଥାନୀୟ ଲୋକ ବନଯାକ୍ଷୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ କିନ୍ତୁ ସେ ମୃତ୍ୟୁବରଣ କରିଥିଲେ।

## ନୂଆ ରେକର୍ଡ ସ୍ତରରେ...

ସମ୍ଭାବନା ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ନେଇ ଲାଗିରହିଥିବା ଅନିଶ୍ଚିତତା ଯୋଗୁଁ ସୁନା ଏବଂ ରୁପା ମୂଲ୍ୟରେ ଏହି ବୃଦ୍ଧି ଦେଖାଯାଇଥିବା କୁହାଯାଉଛି।

## ୧୦୦୦ରୁ ଊର୍ଦ୍ଧ୍ୱ ମୃତ...

ହୋଇଥିଲା। କୁନାର ପ୍ରଦେଶରେ ଏହା ସର୍ବାଧିକ କ୍ଷତି ଘଟାଇଛି। ଏହା ପରେ ୪.୭ ତୀବ୍ରତାର ଆଉ ଏକ ଭୂକମ୍ପ ଆସିଥିଲା। ପାକିସ୍ତାନର ଖୈବର ପଖତୁନଖ୍ୱା, ପଞ୍ଜାବ ଏବଂ ଭାରତର ଗୁରୁଗ୍ରାମରେ ଭୂକମ୍ପର ମୃଦୁ ଝଟ୍‌କା ମଧ୍ୟ ଅନୁଭୂତ ହୋଇଥିଲା। ଏହି ଭୂକମ୍ପକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଭାବିତ ଲୋକଙ୍କୁ ଭାରତ ଯଥାସମ୍ଭବ ମାନବିକ ସହାୟତା ଏବଂ ଆଶ୍ୱସ୍ତି ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି ବୋଲି କହିଛନ୍ତି। ଏହା ପରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ନିଜ ଆଫଗାନ ସମକକ୍ଷ ମାୱାଲାୱି ଅମିର ଖାନ ମୁତାକିଙ୍କ ସହ କଥା ଗଭୀର ଶୋକ ପ୍ରକାଶ କରିଥିଲେ। ଭାରତ ରିଲିଫ ସାମଗ୍ରୀ ପଠାଇ ଦେଇଛି ବୋଲି ସୂଚନା ଦେଇଥିଲେ। ତତ୍କାଳ ସହାୟତା ଭାବେ ଭାରତ ହଜାରେ ପରିବାର ପାଇଁ ଟେଣ୍ଟ, ୧୫ ଟନ୍ ଖାଦ୍ୟ ସାମଗ୍ରୀ ପଠାଇଥିବା ସୂଚନା ଦେଇଥିଲେ। ଏହି ଭୂକମ୍ପରେ କୁନାରର ନୁର୍ଗାଲ୍ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ଏକ ଗାଁ ଲୋପ ପାଇ ଯାଇଛି। ଗ୍ରାମବାସୀ ଅବଶେଷ ତଳେ ଫସି ରହିଛନ୍ତି। ଜଣେ ପ୍ରତ୍ୟକ୍ଷଦର୍ଶୀ ସହାୟତା ପାଇଁ ନିବେଦନ କରିଛନ୍ତି। ପୂର୍ବ ଆଫଗାନିସ୍ତାନ ଏହି ପାର୍ବତ୍ୟାଞ୍ଚଳରେ ଆସିଥିବା ଭୂକମ୍ପ ଯୋଗୁଁ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇଯାଇଛି। ବର୍ତ୍ତି ଯାଇଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ ସେ ଆଖି ସାମ୍ନାରେ ଘର ଭାଙ୍ଗି ପଡୁଥିବା ଏବଂ ଲୋକେ ସାହାଯ୍ୟ ପାଇଁ ଚିତ୍କାର କରୁଥିବାର ଦେଖିଛନ୍ତି। ସାଦିକୁଲ୍ଲାହ କହିଛନ୍ତି ଯେ ସେ ଏକ ବଡ଼ ଝଡ଼ ପରି ଶବ୍ଦ ହେବାରୁ ସେ ନିଦରୁ ଉଠି ପଡିଥିଲେ। ପରେ ସେ ପିଲାମାନଙ୍କ ପାଖକୁ ଦୌଡ଼ି ପଳାଇଥିଲେ। ସେ ମାତ୍ର ତିନି ଜଣଙ୍କୁ ବଞ୍ଚାଇ ପାରିଥିଲେ। ପରିବାରର ଅନ୍ୟ ସଦସ୍ୟଙ୍କୁ ବଞ୍ଚାଇବା ପାଇଁ ଯାଉଥିବାବେଳେ କୋଠାଟି ଭୁଶୁଡି ତାଙ୍କ ଉପରେ ପଡ଼ି ଯାଇଥିଲା।

## ୨୪ ଘଣ୍ଟାରେ ଲଘୁଚାପ...

ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହୋଇଛି। ଗତ ୩୬ ଘଣ୍ଟାରେ ଦେବଗଡ଼ ୫୫ ମିମି ବର୍ଷା ହୋଇଥିବା ବେଳେ ଗୋପାଳପୁରରେ ୩୪, ଝାରସୁଗୁଡ଼ାରେ ୧୭, ପାରଳାଖେମୁଣ୍ଡି ୩୩, ଖୋର୍ଦ୍ଧା ୩୧ ଓ ନବରଙ୍ଗପୁରରେ ୧୭ ମିମି ବର୍ଷା ରେକର୍ଡ ହୋଇଛି। ଲଘୁଚାପ ପରେ ବର୍ଷାର ପ୍ରଭାବ ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସେପ୍ଟେମ୍ବର ୨ ରୁ ୪ ତାରିଖ ମଧ୍ୟରେ ଓଡ଼ିଶା ଉପକୂଳ ଏବଂ ଉତ୍ତର ବଙ୍ଗୋପସାଗରରେ ପବନର ବେଗ ୩୦-୪୦ କିଲୋମିଟର ଓ ଝଟକା ପବନ ଘଣ୍ଟାପ୍ରତି ୫୦ କିମି ପହଞ୍ଚିବାର ଆଶଙ୍କା ରହିଛି। ଏଥିପାଇଁ ଓଡ଼ିଶା ଉପକୂଳ ଏବଂ ଉତ୍ତର ବଙ୍ଗୋପସାଗରରେ ସମୁଦ୍ର ସ୍ଥିତି ଅଶାନ୍ତ ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି।

ଚଳିତ ବର୍ଷ ମୌସୁମୀ ଋତୁରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୮୭୪ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୯୨୨ ମିମି ତୁଳନାରେ ବର୍ଷାର ପରିମାଣ ୫ ପ୍ରତିଶତ କମ୍ ରହିଛି। ଜିଲ୍ଲାୱାରୀ ସ୍ଥିତି ଦେଖିଲେ ୯ ଟି ଜିଲ୍ଲରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ୪ ଜିଲ୍ଲାରେ ସ୍ୱାଭାବିକଠୁ ଅଧିକ ଓ ବାକି ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି।

## ଶିକ୍ଷକ ଯୋଗ୍ୟତା...

ସମ୍ପର୍କିତ ଚୂଡ଼ାନ୍ତ ରାୟ ପାଇଁ ସୁପ୍ରିମ୍‌କୋର୍ଟ ମୁଖ୍ୟ ବିଚାରପତିଙ୍କ ନିକଟକୁ ମାମଲା ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଏହି ଶିକ୍ଷା ଅଧିକାର ଆଇନ୍ (ଆର୍‌ଟିଇ) ଅନୁଯାୟୀ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ରହିଛି। ଓଡ଼ିଶା କ୍ଷେତ୍ରରେ ପ୍ରାଥମିକ ଶିକ୍ଷକଙ୍କ ପାଇଁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)କୁ ୨୦୧୧ ମସିହାରୁ ବାଧ୍ୟତାମୂଳକ କରାଯାଇଛି। ୨୦୧୨ ମସିହାରୁ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକ ଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ କରାଯାଇଛି। ଏଯାଏଁ ରାଜ୍ୟର ପ୍ରାୟ ୮୦ ହଜାରରୁ ଅଧିକ ଶିକ୍ଷକ ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇନାହାନ୍ତି। କେବଳ ପଦୋନ୍ନତି ଆଶାୟୀ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଦେବେ। ସମ୍ପ୍ରତି ଦୁଇବର୍ଷ ମଧ୍ୟରେ ଓଟିଇଟି (ଓଡ଼ିଶା କ୍ଷେତ୍ରରେ) ପାସ୍ କରିବାକୁ ରାୟ ଦେଇଥିବାରୁ ଶିକ୍ଷକଙ୍କ ମଧ୍ୟରେ ଭାଲେଣି ପଡ଼ିଛି। କିଛି ଶିକ୍ଷକ ୩ରୁ ଅଧିକ ଥର ପରୀକ୍ଷା ଦେଇଥିଲେ ମଧ୍ୟ କୃତକାର୍ଯ୍ୟ ହୋଇ ନ ଥିବାରୁ ଚିନ୍ତାରେ ପଡ଼ିଛନ୍ତି। ଆଜିଠୁ ଦୁଇବର୍ଷ ମଧ୍ୟରେ ଓଟିଇଟି ପାସ୍ ନ କଲେ ଅନେକ ଚାକିରି ହରାଇବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି।

ଅପରପକ୍ଷରେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍‌ଏସ୍‌ଟିଇଟି) ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ କରାଯାଇଛି। ୨୦୧୩ ମସିହାଠାରୁ ନିଯୁକ୍ତ ହୋଇଥିବା ଶିକ୍ଷକମାନେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ହେଲେ ଏହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ କ୍ଷେତ୍ରରେ ଏହାକୁ ବାଧ୍ୟତାମୂଳକ କରାଯାଇ ନ ଥିଲା। ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ ମଧ୍ୟ ଏହାକୁ ବାଧ୍ୟତାମୂଳକ କରାଯିବ। ଫଳରେ ଓଏସ୍‌ଏସ୍‌ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ପାରିଲେ ମାଧ୍ୟମିକ ଶିକ୍ଷକମାନେ ମଧ୍ୟ ଚାକିରି ହରାଇବେ ବୋଲି ଆଇନଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ରାଜ୍ୟର ବିଭିନ୍ନ ଶିକ୍ଷକ ସଂଗଠନ ରାୟକୁ ଦୁର୍ଭାଗ୍ୟଜନକ କହିବା ସହ ପୁନଃ ବିଚାର ପାଇଁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବିଚାର କରୁଥିବା କହିଛନ୍ତି।

## ୪ ଦିନିଆ ଦିଲ୍ଲୀ ଗସ୍ତରେ...

ଗଡ଼ି ଗଡ଼ି ଚାଲିଛି। ସୂଚନା ଅନୁଯାୟୀ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ବୋର୍ଡ, ନିଗମ ନିଯୁକ୍ତିକୁ ନେଇ ଦଳରେ ଅସନ୍ତୋଷ ବଢ଼ୁଥିବା ବେଳେ ଏ ଖବର ଦିଲ୍ଲୀର ଶୀର୍ଷ ନେତୃତ୍ୱଙ୍କ ନିକଟରେ ପହଞ୍ଚିଛି। ଶୀର୍ଷ ନେତୃତ୍ୱ ଏହାକୁ ଗୁରୁତର ସହ ନେଇ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ରାଜ୍ୟର ଛାମୁଆ ନେତାମାନଙ୍କୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶ ଆଧାରରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ରାଜ୍ୟ ନେତୃତ୍ୱଙ୍କ ମଧ୍ୟରେ ସହମତି ଆସିଥିବା ମଧ୍ୟ କୁହାଯାଇଛି। ଏହି ସହମତି ପତ୍ରକୁ ନେଇ ମୋହନ ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ଏହା ଉପରେ ମୋହର ବାଜିପାରେ। ଯଦି ସବୁ ଠିକ୍‌ଠାକ୍ ରହେ ତାହେଲେ ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି।

ସେହିପରି ମୋହନଙ୍କ ଏହି ଦିଲ୍ଲୀ ଗସ୍ତ ଅବସରରେ ରାଜ୍ୟରେ ବିଜେପି ସଂଗଠନ ବୃଦ୍ଧି, ବୋର୍ଡ ନିଗମ ନିଯୁକ୍ତି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏନେଇ ସରକାର କିମ୍ବା ସଂଗଠନ ପକ୍ଷରୁ କିଛି କୁହାଯାଉନଥିବା ବେଳେ ଚଳିତ ଦିଲ୍ଲୀ ଗସ୍ତରେ ନିଶ୍ଚିତ ଠୋସ୍ ନିଷ୍ପତ୍ତି ନିଆଯିବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ପ୍ରଦାନ କରିଛନ୍ତି। ତିନିଦିନ ତଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଏହି ସାକ୍ଷାତ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କି ଆଲୋଚନା ହୋଇଥିଲା ତାହା ସୂଚନା ମିଳି ନ ଥିଲେ ହେଁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକାଶ ସମ୍ପର୍କରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା କୁହାଯାଇଥିଲା। ମାତ୍ର ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଉଭୟଙ୍କ ମଧ୍ୟରେ ରାଜ୍ୟରେ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ବୋଡର୍ ନିଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଛି। ଗତ ବର୍ଷକ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ କିଛି ମନ୍ତ୍ରୀଙ୍କ ଭୂମିକା ଓ କାର୍ଯ୍ୟକୁ ନେଇ ନିଜେ ମୁଖ୍ୟମନ୍ତ୍ରୀ ଖୁସି ନାହାନ୍ତି। ସେହିପରି ଅନେକ ମନ୍ତ୍ରୀଙ୍କ କାର୍ଯ୍ୟ ମଧ୍ୟ ସନ୍ତୋଷଜନକ ହୋଇନାହିଁ। ବିଭିନ୍ନ ପ୍ରସଙ୍ଗରେ ସରକାର ବିବାଦକୁ ନିମନ୍ତ୍ରଣ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ତେଣୁ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶକ୍ରମେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଏହି ପ୍ରସଙ୍ଗରେ ଆଲୋଚନା କରି ନିଷ୍କର୍ଷ ବାହାର କରିବାକୁ ଉଦ୍ୟମ କରିଛନ୍ତି।

## ୨ କଲରାପତରିଆ ବାଘ...

ଆଚାରୀଙ୍କଠାରୁ ମିଳିଥିବା ସୂଚନାନୁସାରେ, ଜିଲ୍ଲାର ଗୁଣପୁର ବ୍ଲକ୍ ପୁଟାସିଂ ଅଞ୍ଚଳର ଅଞ୍ଜରସିଂ ଗ୍ରାମର ଜିସୟ ଗମାଙ୍ଗ ଓ ମହେଶ ହୁଇକା, ମାଛଖୁଣ୍ଟି ଅଞ୍ଚଳର ଅନ୍ୟ ୨ ଜଣଙ୍କ ସହ ମିଶି ମହାରାଷ୍ଟ୍ର ରାଜ୍ୟର ମାତିନଗର ଅଞ୍ଚଳର ପ୍ରଭାକର ନାୟକ ଓ ରାଜକୁମାର ଗୁପ୍ତାଙ୍କୁ ଏହି ବାଘ ଚମଡ଼ା ବିକ୍ରି କରିବା ପାଇଁ ଯୋଗାଯୋଗରେ ରହିଥିଲେ। ଏହି ଚାଲାଣ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ଡିରେକ୍ଟର ଅଫ୍ ରେଭେନ୍ୟୁ ବିଭାଗ ଅଭିଯୁକ୍ତମାନଙ୍କୁ ଟ୍ରାକ୍ କରିଥିଲେ ଓ ଏନେଇ ଅଗଷ୍ଟ ୩୦ ତାରିଖ ଦିନ ରାୟଗଡ଼ା ବନ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ଆଧାରରେ ଉଭୟ ବିଭାଗ ବାଘ ଚମଡ଼ା ବିକ୍ରି କରିବା ସମୟରେ ସମସ୍ତ ଅଭିଯୁକ୍ତଙ୍କୁ ମାଡ଼ି ବସିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ଶ୍ରୀ ଅଚାରୀ ସୂଚନା ଦେଇଛନ୍ତି। ଏହି କଲରାପତରିଆ ବାଘ ଚମଡ଼ାକୁ ଗଜପତି ଜିଲ୍ଲାରୁ ମହାରାଷ୍ଟ୍ର ଚାଲାଣ ପାଇଁ ଅଣାଯାଇଥିଲା ବୋଲି ସୂଚନାରୁ ଜଣାପଡ଼ିଛି। ଉଭୟ ବାଘର ବୟସ ୫/୭ ବର୍ଷ ମଧ୍ୟରେ ରହିଥିବା ଜଙ୍ଗଲ ବିଭାଗ ସୂଚନା ଦେଇଛି। ଏହି ଘଟଣାର ତଦନ୍ତ ଚାଲିଥିବା ଏସିଏଫ ଅଶୋକ ପ୍ରଧାନ ପ୍ରକାଶ କହିଛନ୍ତି।

## ଅକ୍ସିଜେନ ଅଭାବରୁ...

ଯୋଗାଉଥିବା ଅନ୍ୟ କୌଣସି ଆମ୍ବୁଲାନ୍ସ ନ ମିଳିବାରୁ ବାଧ୍ୟ ହୋଇ ମା' କୁତାମଚଣ୍ଡୀ ନାମକ ଏକ ଘରୋଇ ଆମ୍ବୁଲାନ୍ସରେ ଅକ୍ସିଜେନ ଲଗାଇ ରୋଗୀଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସିଲିଣ୍ଡରରେ ଅକ୍ସିଜେନ ନ ଥିବାରୁ ମାତ୍ର ୨ କିମି ଯିବାପରେ ଜଗତସିଂହପୁର ସହରର ଗୋପାଳସାଗର ନିକଟରେ ମହିଳାଙ୍କ ମୃତ୍ୟୁ ହୋଇ ଯାଇଥିଲା। ତେଣୁ ଆମ୍ବୁଲାନ୍ସକୁ ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ଅଣାଯାଇଥିଲା ଓ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ଲୋକେ ଆମ୍ବୁଲାନ୍ସକୁ ଭଙ୍ଗାରୁଜା କରିବା ସହ ଜଗତସିଂହପୁର ଥାନାରେ ଜିମା ଦେଇଥିଲେ। ଘଟଣା ପରେ ଆମ୍ବୁଲାନ୍ସ ଥାନାରେ ରହିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଛି। ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ସରୋଜ କୁମାର ଜେନା କହିଛନ୍ତି, ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ମିଳିବା ପରେ ତଦନ୍ତ କରାଯାଇ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ମୃତ ମହିଳାଙ୍କ ସ୍ୱାମୀ ପୀତାମ୍ବର ପଣ୍ଡା ଶେଷକୃତ୍ୟ ପାଇଁ ପୁରୀ ଯାଇଥିବାରୁ ଆସନ୍ତାକାଲି ଅର୍ଥାତ ୨ ତାରିଖରେ ସଦର ଥାନାରେ ଏତଲା ଦେବେ ବୋଲି କହିଛନ୍ତି। ଏଥିସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ନିକଟରେ ମଧ୍ୟ ଘଟଣା ସମ୍ପର୍କରେ ଅଭିଯୋଗ କରିବେ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।


ବିଜ୍ଞାପିତ ଅଚଂଳ ପରିଷଦ, ପଦ୍ମପୁର

OFFICE OF THE NOTIFIED AREA COUNCIL, PADAMPUR
DIST:-BARGARH (ODISHA) PIN-768036,Email-nac.padampur@gmail.com, Ph.06683-223436

ପଦ୍ମପୁର ବିଜ୍ଞାପିତ ଅଚଂଳ ପରିଷଦ ସହରବାସୀଙ୍କୁ ନୂଆଖାଇ ପର୍ବ ଏବଂ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ସହ ସହରକୁ ପରିଷ୍କାର ପରିଚ୍ଛନ୍ନ, ସୌନ୍ଦର୍ଯ୍ୟକରଣ ଓ ନିମ୍ନ ବିଷୟ ରେ ଆପଣମାନଙ୍କର ସହଯୋଗ କାମନା କରୁଅଛୁ।

୧-ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ସହଯୋଗ କରନ୍ତୁ।
୨-ଠିକ୍ ସମୟରେ ଟିକସ ପଇଠ କରନ୍ତୁ।
୩-ପରିଷଦରୁ ଆବଶ୍ୟକୀୟ ମଞ୍ଜୁରୀ ନେଇ ଘର ତିଆରି କରନ୍ତୁ।
୪-ଗୃହପାଳିତ ପଶୁ ମାନଙ୍କୁ ରାସ୍ତା ଉପରକୁ ଛାଡନ୍ତୁ ନାହିଁ।
୫-ପଲିଥିନ୍ ବ୍ୟବହାର ବର୍ଜନ କରନ୍ତୁ।
୬-ପରିଷଦରେ ନୂତନ ଘର ନକ୍ସା ମଞ୍ଜୁର କରାଇ ଘର ନିର୍ମାଣ କରନ୍ତୁ।
୭-ନିର୍ଦ୍ଧାରିତ ସମୟରେ ଲାଇସେନ୍ସ ନବୀକରଣ କରନ୍ତୁ।
୮- ବାହାରେ ମଳତ୍ୟାଗ କରନ୍ତୁ ନାହିଁ ଓ ନିଜ ନିଜ ଶୌଚାଳୟ ବ୍ୟବହାର କରନ୍ତୁ।

ଶ୍ରୀଯୁକ୍ତ ରାମ ଚନ୍ଦ୍ର ମାଝୀ,ଓ.ପ୍ର.ସେ(କନିଷ୍ଠ), ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଚଂଳ ପରିଷଦ,ପଦ୍ମପୁର
ଶ୍ରୀମତୀ ଭାରତୀ ପଟ୍ଟନାୟକ, ଉପାଧକ୍ଷା।, ବିଜ୍ଞାପିତ ଅଚଂଳ ପରିଷଦ,ପଦ୍ମପୁର
ଶ୍ରୀମତୀ ସାବିତ୍ରୀ ବାଗ, ଅଧକ୍ଷା, ବିଜ୍ଞାପିତ ଅଚଂଳ ପରିଷଦ,ପଦ୍ମପୁର
ଓ ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ

ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି

ପବିତ୍ର ସ୍ୱାୟତ୍ତ ଶାସନ ଦିବସ - ୨୦୨୫ (Dt.୩୧.୦୮.୨୦୨୫)
ଉପଲକ୍ଷେ କଣ୍ଟାବାଞ୍ଜି ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା।

ନିବେଦନ
୧) ପରିଷଦର ସମସ୍ତ ଦେୟ ଯଥା :- ଘରଟିକସ, ଟ୍ରେଡ ଲାଇସେନ୍ସ ଫି ଏବଂ ଦୋକାନ ଭଡା ଇତ୍ୟାଦି ଠିକ ସମୟରେ ପଇଠ କରନ୍ତୁ।
୨) ଘରର ଅଳିଆ ଆବର୍ଜନା ରାସ୍ତାରେ ନପକାଇ ପ୍ରତ୍ୟେକ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ୨ ଟି ଲେଖାଏଁ ଡଷ୍ଟବିନ ରଖନ୍ତୁ ଓ ପୌର ପରିଷଦ ତରଫରୁ ଯାଉଥିବା ଗାଡିରେ ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଜମା ଦିଅନ୍ତୁ ଏବଂ ପରିଷଦର USER FEES ଠିକ ସମୟରେ ପଇଠ କରନ୍ତୁ।

" କଣ୍ଟାବାଞ୍ଜି ସହର ଆପଣମାନଙ୍କର ଏହାର ସୁରକ୍ଷା ଦାୟୀତ୍ୱ ଆମସମସ୍ତଙ୍କର "

ଶ୍ରୀମତୀ ମନୋରମା ରାଉତ, ଉପାଧକ୍ଷା
ଶ୍ରୀଯୁକ୍ତ ବରିୟାମ ସିଂ ସାଲୁଜା, ଅଧକ୍ଷ
ଶ୍ରୀଯୁକ୍ତ ବିଶନାଥ ଖାଲଖୋ, କାର୍ଯ୍ୟନିର୍ବାହୀ ଅଧିକାରୀ
ଓ ସମସ୍ତ କାଉନସିଲର ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି।

**AFFIDAVIT**
I, Ram Kumar Agrawal, S / O - Tara Chand Agarwal, resident of AT - Civil Township, Rourkela, PS - Raghunathpali, Dist - Sundargarh, Odisha, declare by this affidavit No - 74AA131808, dated - 30.08.2025, that now onwards I shall be known as **RAM KUMAR AGARWAL** for all future porpuses.

**AFFIDAVIT**
By virtue of an affidavit sworn before Executive Magistrate, Nayagarh, CF.NO-1/2, dated 14-11-2022 I, **PABANA LENKA**, S/o Late Matia Lenka permanent resident of Village At- Badagorada, PO- Sarankul, Dist- Nayagarh, State- Odisha, declare that I have changed my name from **PRANA NATH LENKA** (Old name) to **PABANA LENKA** (New name). Pabana Lenka & Prana Nath Lenka, S/o Late Matia Lenka is same & one person. Henceforth, I shall be known as **PABANA LENKA** for all future purposes.
Sd-( **PABANA LENKA** )

**AFFIDAVIT**
I, Mamta Agrawal, D/O - Brij Bhan Gupta, resident of AT - Civil Township, Rourkela, PS - Raghunathpali, Dist - Sundargarh, Odisha,declare by this affidavit No - 74AA131809, dated -30.08.2025,that now onwards I shall be known as **MAMTA AGARWAL** for all future purposes.

**CHANGE OF NAME**
By virtue of an affidavit sworn before Executive Magistrate Bhubaneswar, dated 30/08/2025, I **AKSHAYA KUMAR SUKAL**, resident of Plot No-131/2699, Ekamra Vihar, Sundarpada, Po-Oldtown, PS-Airfield, Bhubaneswar, Dist-Khordha, Pin-751002, Odisha declare by this affidavit CF No.71/2025 that I have changed the name of my son from **Ayush Omkar** (old name) to **Ayush Omkar Sukla** (new name). Henceforth, he shall be known as **AYUSH OMKAR SUKLA** (new name) for all purposes.
**AKSHAYA KUMAR SUKAL**
Deponent

**AFFIDAVIT**
I KILLAMSETTY SIVARANJANI, W/o KILLAMSETTY JAIDEV (K.JAIDEV) resident of MAIN Road, Near Indian Book Store, Po/PS- Jeypore, Dist-Koraput, Odisha -764001, Odisha declare by this Affidavit No.3580, Dated - 29/08/2025, that now onwards I shall be known as **K SIBARANJANI** for all future purpose.

**AFFIDAVIT**
I, Minakshi Sahu, aged about 37 years, W/o- Sibaram Sahu, resident of At- Bada Sahi, Haridakhandi, Berhampur, Dist- Ganjam, Pin- 760002, Odisha declared by this affidavit No. 1763, dtd- 29/08/2025 that now onwards I shall be known as **MEENAKSHI SAHU** for all future purposes.

**AFFIDAVIT**
By virtue of an affidavit no. 5644, dtd. 25.08.2025 sworn before the Executive Magistrate, Bangonunda, Dist.- Balangir, I, Chanda Tahani, have changed my name from Chanda Yadav to Chanda Tahani. Henceforth I shall be known as **Chanda Tahani** for all purposes.
**Chanda Tahani**

**AFFIDAVIT**
I, Somaresh Samal, aged about 51 years, S/o- Dipti Prakash Samal, resident of At- Kapaleswar, PO- Choudwar, Dist- Cuttack, Pin- 754071, Odisha declared by this affidavit No. 1784, dtd- 01/09/2025 that now onwards I shall be known as **SAMARESH SAMAL** for all future purposes.

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025033, ତା.୨୧.୦୮.୨୦୨୫ରିଖ
**କାର୍ଯ୍ୟର ନାମ :** ଭଦ୍ରକ ରେଳ ଷ୍ଟେସନର ପୁନଃବିକାଶ ସମ୍ବନ୍ଧୀୟ ବିଦ୍ୟୁତୀକରଣ ଏବଂ ଦୂରସଂଘର କାର୍ଯ୍ୟ ସହିତ ରିୟର ସାଇଡ୍ ଷ୍ଟେସନ ଭବନର ନିର୍ମାଣ, ଫୁଟ୍ ଓଭର ବ୍ରିଜ୍ (FOB)ର ନିର୍ମାଣ, ପ୍ଲାଟଫର୍ମର ନିର୍ମାଣ/ ନବୀକରଣ, ବର୍ତ୍ତମାନର ସଂରଚନାକୁ ଭାଙ୍ଗିବା ଏବଂ ସ୍ଥାନାନ୍ତର କରିବା, ଉପଯୋଗୀ ସାମଗ୍ରୀଗୁଡ଼ିକର ସ୍ଥାନାନ୍ତରଣ, ପରିଚଳନ କ୍ଷେତ୍ରର ଉନ୍ନୟନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 4340.99 ଲକ୍ଷ, **EMD :** ₹ 23,20,500/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.09.2025ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉର୍ଦ୍ଧ୍ୱ ଆକାଉଣ୍ଟସଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରେ 2a ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-90/CI/25-26

**AFFIDAVIT**
I, Mohsina Parveen, W/o Mohammed Gouse, At- Pardeshipada, Po- Bhawanipatna, Ps-Town Bhawanipatna, Dist- Kalahandi, Pin- 766001, State- Odisha, declare by this affidavit No- 1976, dated 30/08/2025 that now onwards I shall be known as Mohasina Parveen for all future purposes.
Sd- ( Mohasina Parveen )

**AFFIDAVIT**
I, Vasudha, aged about 40 years, W/o- Sumit Mittal, resident of At- QTR NO- ME 101, Vedanta Meadows, Jharsuguda, Pin- 768201, Odisha declare by this affidavit No. 07, dtd- 30/06/2025, that now onwards I shall be known as **VASUDHA SINGHAL** for all future purposes.

**Notice (for Minor)**
By virtue of an affidavit sworn before The court of Executive Magistrate, Betnoti, Mayurbhanj, dated 01-08-2025 I, Biswanatha Hembram, AT- Gargadia (Dhadasahi, PO- Agria, PS- Baisinga, Dist- Mayurbhanj, PIN- 757025 declare that I have changed the name,Date of birth, father's name, mother's name and adress of my grand daughter from Chandini Sing, Date of Birth 04.04.2010, D/O (L) Kundu Sing and (L) Gita Sing At Baliapita, PO: Durgapur, PS: Baisinga, Betnoti Block, Mayurbhanj District to Sukanti Hembram, Date of Birth 21.03.2011, D/O (L). Kundu Hembram ( Father), (L) Geeta Hembram ( Mother) At Gargadia ( Dhadasahi), PO; Agria, PS: Baisinga. Dist. Mayurbhanj PIN 757025, Odisha. Henceforth, she shall be known as Sukanti Hembram for all purposes.
**Biswanatha Hembram**

**AFFIDAVIT**
By virtue of an affidavit No. 7599 sworn before the Executive Magistrate, Jajpur, dated- 05/08/2025. I, **Shaikh Mustaque Ali,** S/o- Shaik Ahmed Ali, resident of Vill/Po- Adangapurus-ottampur, Ps- Jajpur Sadar, Dist- Jajpur, Odisha, Pin- 755007, I have changed my name from **Shaikh Mustaque Ali** (Old name) to **Shaik Mustaque Ali** (New name) for all future purposes.

## ରାଜସ୍ୱ ସଂଗ୍ରହରେ କୋରାପୁଟ ମ୍ୟୁନିସିପାଲଟି ପୁରସ୍କୃତ



କୋରାପୁଟ,୧।୯(ସମିସ): କୋରାପୁଟ ମ୍ୟୁନିସିପାଲଟି ରାଜସ୍ୱ ସଂଗ୍ରହରେ ପୁରସ୍କୃତ ହୋଇଛି। ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ ମ୍ୟୁନିସିପାଲଟିକୁ ପୁରସ୍କୃତ କରିଛନ୍ତି। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଏବଂ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ପ୍ରମାଣପତ୍ର ସହ ୩ କୋଟି ଟଙ୍କାର ପ୍ରୋତ୍ସାହନ ଅନୁଦାନ ରାଶିର ଚେକ୍ ଗ୍ରହଣ କରିଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ବାବୁ ସିଂ, ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ମ୍ୟୁନିସିପାଲଟି ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିବାରୁ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମିଳିଥିବା ୩ କୋଟି ଟଙ୍କାର ପ୍ରୋତ୍ସାହନ ଅନୁଦାନ ରାଶି ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ବିନିଯୋଗ କରାଯିବ। ଏକ ସ୍ୱତନ୍ତ୍ର ବୈଠକ କରାଯାଇ କାଉନ୍ସିଲର ମାନଙ୍କ ମତାମତକୁ ଭିତ୍ତିକରି ମିଳିଥିବା ଅନୁଦାନ ରାଶିର ବିନିଯୋଗ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ସେଠୀ କହିଛନ୍ତି।

## ଲଗାଣ ବର୍ଷାରେ ଭାଙ୍ଗିଲା ବୃଦ୍ଧାଙ୍କ ଘର



କୁନ୍ଦୁରା, ୧।୯ (ସମିସ): କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ଆମ୍ବଗୁଡ଼ା ମଣିମା ହରିଜନ (୭୭)ଙ୍କ ଘର କାନ୍ଥ ଭାଙ୍ଗି ଯାଇଛି। ସେହି ଭଙ୍ଗା ଘରେ ଖୋଲାମେଲାରେ ରହୁଛନ୍ତି ସେ। ସେହି ଘରଟି ୩୫ ହଜାର ଟଙ୍କା ସମୟର ଇନ୍ଦିରା ଆବାସ ଘର ଓ ଯାହାକି ୨୦ ବର୍ଷରୁ ଅଧିକ ହେଲାଣି। ଘର କାନ୍ଥ ସହ କାଠ, କବାଟ ଝରକା ବହୁ ଦୁର୍ବଳ ହୋଇଯାଇଛି। କାନ୍ଥର ପଲସ୍ତରା ଛାଡ଼ି ଯାଇଛି। ଯେଉଁ କାନ୍ଥ ଭାଙ୍ଗିଛି, ତାହା ଆଉ ଗୋଟିଏ ଦୁଇଟି ବଡ଼ ବର୍ଷା ହେଲେ ସମ୍ପୂର୍ଣ୍ଣ ଭାଙ୍ଗି ଯିବ ଅଳ୍ପକେ ଠିଆ ହୋଇଛ। ମଣିମା ଏକାକି ରହୁଛନ୍ତି। ସେହି ଘରେ ରୋଷେଇ କରିବା, ଖାଇବା, ଶୋଇବା ଓ ନିଜର ଯାହାକିଛି ଖାଦ୍ୟସାମଗ୍ରୀ, ଲୁଗାପଟା ଆଦି ରହୁଛି। ତାଙ୍କର ଗୋଟିଏ ପୁଅ ଥିଲେ ବି ସେ ତାଙ୍କ ପରିବାର ସହ ଅଲଗା ରହୁଛନ୍ତି। ପରିଣତି ବୟସ ଆଗଭଳି ଆଉ କାମ ଧନ୍ଦା କରି ପାରନ୍ତି ନାହିଁ। ସରକାରୀ ସହାୟତା କହିଲେ ଅନ୍ତ୍ୟୋଦୟ ଯୋଜନାରେ ମାସକୁ ୩୫ କିଲୋ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ଏକ ହଜାର ପାଉଛନ୍ତ। ସେହି ପଇସା ଓ ଚାଉଳରେ କଷ୍ଟେ ମଷ୍ଟେ ଚଳି ଯାଆନ୍ତି। ଭାଙ୍ଗି ଯାଇଥିବା କାନ୍ଥ ମରାମତି କରିବାକୁ ଆଉ ତାଙ୍କ ପାଖରେ ସକ୍ଷମ ନାହିଁ। ଘର ବହୁ ପୁରୁଣା ହୋଇଥିବାରୁ ରହିବାକୁ ମଧ୍ୟ ଉପଯୋଗୀ ନାହିଁ। ଅନ୍ୟ କିଛି ବିକଳ୍ପ ନ ଥିବାରୁ ବାଧ୍ୟ ହୋଇ ସେଠାରେ ମୁଣ୍ଡ ଗୁଞ୍ଜିଛନ୍ତି। ଘର ଭାଙ୍ଗି ଯାଇଥିଲେ ବି ତାଙ୍କ ପାଖରେ ପ୍ରଶାସନ ପହଞ୍ଚି ନାହିଁ ବୋଲି ୱାଡର୍ ସଭ୍ୟା ମାଣିକ ସାନ୍ତା ପଞ୍ଚାୟତରେ ସୂଚନା ଦେଇଛନ୍ତି ଓ ତହସିଲ କାର୍ଯ୍ୟାଳୟକୁ ଯୋଗାଯୋଗ କରି ପଲିଥିନ୍ ଯୋଗାଇ ଦେବା ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ଆବାସ ଘରଟିଏ ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ କାଳି ଚରଣ ସ୍ୱାଇଁଙ୍କୁ ପଚାରିବାରୁ ଘର ଯୋଗାଇ ଦେବା ପଞ୍ଚାୟତ ନିକଟରେ କ୍ଷମତା ନାହିଁ। ନୂତନ ଭାବେ ସର୍ଭେ କରି ଦିଆଯାଇଛି। ସେ ନେଇ ବ୍ଲକ ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇ ପାରିବେ ବୋଲି କହିଛନ୍ତି।

## ଅସ୍ଥାୟୀ ପାରା ବନ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ



ବୈପାରୀଗୁଡ଼ା, ୧।୯(ସମିସ): ସ୍ଥାୟୀ ନିଯୁକ୍ତି ଦାବିରେ ଅସ୍ଥାୟୀ ପାରା ବନ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ବୈପାରୀଗୁଡା ବନାଞ୍ଚଳ ଅନ୍ତର୍ଗତ ସମସ୍ତ ଅସ୍ଥାୟୀ ପାରା ବନ କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି ଦାବିରେ ଏହି ଆନ୍ଦୋଳନ ହେଉଛି। ଏନେଇ ସ୍ଥାନୀୟ ବନାଞ୍ଚଳ ଅଧିକରୀ ସନ୍ଦେପ ପାଣିଗ୍ରାହୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ଦାବି ପୂରଣ ନହେବାରୁ ପୁଣି ଥରେ ସଂଘର କର୍ମକର୍ତ୍ତାମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲେଇବେ। ସେମାନଙ୍କ ଦାବି ମଧ୍ୟରୁ ଅସ୍ଥାୟୀ ପାରା ବନ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା, ୨୪ ଘଣ୍ଟା ବଦଳରେ ଆଠ ଘଣ୍ଟା ଡ୍ୟୁଟି ଭଳି ବିଭିନ୍ନ ଦାବି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ। ବୈପାରୀଗୁଡ ବନାଞ୍ଚଳର. ଅନ୍ତର୍ଗତ ଦଶମନ୍ତପୁର, ମାଠପୋଡା, ବାଲିଗାଁ ଓ ବୈପାରୀଗୁଡା ୪ ସେକ୍ସନ ରହିଛି। ଏଥିରେ ମୋଟ ୨୪ ଜଣ ପାରା ଅସ୍ଥାୟୀ ବନ କର୍ମଚାରୀ ନିଯୁକ୍ତି ହୋଇଛନ୍ତି ଏବଂ କାର୍ଯ୍ୟ ସମ୍ପାଦନ କରୁଛନ୍ତି। କିନ୍ତୁ ନିକଟରେ ରାଜ୍ୟ ସରକାର ୫୭ ହଜାର ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ଘୋଷଣା କରିଥିବା ବେଳେ ପାରା ବନ କର୍ମଚାରୀ ଏଥିରୁ ବାଦ ପଡ଼ିଛନ୍ତି। ଏଥିଲାଗି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ବୈପାରୀଗୁଡ଼ା ଅସ୍ଥାୟୀ ବନ କର୍ମଚାରୀ ସଂଘ ସଭାପତି ଦମ୍ବୁରୁ ମାଝୀ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି।

### ନିମ୍ନମାନର କାର୍ଯ୍ୟ ଅଭିଯୋଗ

# ବର୍ଷାରେ ଭାଙ୍ଗିଗଲା ନବନିର୍ମିତ ଡ୍ରେନ୍

କୋଷାଗୁମୁଡା,୧।୯ (ସମିସ):

ବିନା ଲୁହା ଛଡ଼ରେ ନିମ୍ନମାନର ବଜୁରୀ ଓ ଚିପ୍ସରେ ଏକ ସପ୍ତାହରେ ନିର୍ମାଣ ହୋଇଥିବା ଡ୍ରେନ। ବର୍ଷାରେ ଏହା ଭାଙ୍ଗି ଯାଇଛି। ଏଭଳି ଘଟଣା ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ମୋତିଗାଁ ପଞ୍ଚାୟତ ସଦର ମହକୁମାରେ ଦେଖିବାକୁ ମିଳିଛ। ଲୋକଙ୍କ କହିବା ପ୍ରକାରେ ସପ୍ତାହ ତଳେ ମୁଖ୍ୟ ରାସ୍ତା କଡ଼ରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ କରୁଥିବା ଠିକା ସଂସ୍ଥା ସମ୍ପୂର୍ଣ୍ଣ ନିମ୍ନମାନର କରିଥିବା ଯୋଗୁଁ ଏହି ଦୁଇ ଦିନ ତଳେ ହୋଇଥିବା ବର୍ଷା ଯୋଗୁଁ ଡ୍ରେନ୍ ପାଚେରୀ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଡ୍ରେନ୍ ପାଚେରୀ ଭାଙ୍ଗି ପଡିଥିବା ଖବର ପାଇ ଠିକା ସଂସ୍ଥା ତରବରିଆ ଭାବରେ ଚିପ୍ସ ବଦଳରେ ରାସ୍ତାରେ ବ୍ୟବହାର ହେଉଥିବା ବଜୁରୀ ଓ ସିମେଣ୍ଟ ଗୋଳାଇ ଭାଙ୍ଗିଥିବା ଡ୍ରେନର ମରାମତି କରିଛି। ଏହି ଡ୍ରେନେଜରେ ଲୁହା ଛଡ଼ ବ୍ୟବହାର ହୋଇଥିଲେ ଡ୍ରେନଟି ବର୍ଷାରେ ଭାଙ୍ଗି ନଥାନ୍ତା ବୋଲି ମୋତିଗାଁର ସମାଜସେବୀ ରାମଚନ୍ଦ୍ର ନାୟକ, ସରପଞ୍ଚ ନବିନା ନାୟକଙ୍କ ସହ ଅଭିଯୋଗ କରିଥିବା ଗ୍ରାମବାସୀ ନବୀନ ହରିଜନ, ଦୁତିକା ହରିଜନ, ସୁର୍ଯ୍ୟ ବିନ୍ଧାଣି, ଚମରୁ ବିନ୍ଧାଣି, ଫୁଲସିଙ୍ଘ ହରିଜନ, ସଂସାଇ ହରିଜନ, ମାଧବ ଗୌଡ଼, ବୋଲା ଭତ୍ରା, ଜିନ ଗୌଡ, ବିଷମ ଗୌଡ଼, ଗଡ଼ିଆ ଜେନା କହିଛନ୍ତି। ଏହି ଡ୍ରେନ ନିର୍ମାଣ ସମୟରେ ବିଭାଗ ଯନ୍ତ୍ରୀଙ୍କ ଦେଖା ନଥିଲା ବୋଲି ଗ୍ରାମବାସୀ କହିଛନ୍ତି। ଏହି ବିଷୟରେ ବିଭାଗ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ସୁଦ୍ଧା ଫୋନ ଉଠାଇବା ଯୋଗୁଁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଏହାକୁ ନେଇ ଠିକା ସଂସ୍ଥାର ସୁପରଭାଇଜରଙ୍କୁ ପଚାରିବାରୁ ଛୋଟ ଡ୍ରେନରେ ଲୁହା ଛଡ଼ ପଡିବ ନାହିଁ ବୋଲି ବିଭାଗ ଯନ୍ତ୍ରୀ କହିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ହେଲେ କୋଷାଗୁମୁଡା ଜଗନ୍ନାଥ ମନ୍ଦିରଛକ ଠାରୁ ସନ୍ତୋଷପୁର, ଟେମ୍ରା, ହୋଇ ମୋତିଗାଁ ହୋଇ ତାରାଗାଁକୁ ଯାଇଥିବା ଏହି ପ୍ରଶସ୍ତ ୨୫ କିଲୋମିଟର ପିଚୁ ରାସ୍ତା ମଧ୍ୟରେ କେବଳ ଉପାନ୍ତ ମୋତିଗାଁର ହିଁ ଡ୍ରେନ ଛୋଟ ଓ ନିମ୍ନମାନର କାହିଁକି ପ୍ରସ୍ତୁତ କରାଯାଇଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତା ନିର୍ମାଣ ଚାଲିବା ଦିନରୁ ନିମ୍ନମାନର ହେଉଥିବା ନେଇ ଗଣମାଧ୍ୟମ ପତ୍ରିକାରେ ବାରମ୍ବାର ଖବର ପ୍ରକାଶିତ ହୋଇଛି। କିନ୍ତୁ ବେପରୁଆ ଭାବେ ଠିକା ସଂସ୍ଥା ଓ ବିଭାଗର ମଧୁଚନ୍ଦ୍ରିକାରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ସାଧାରଣରେ ଶୁଣିବାକୁ ମିଳୁଛି।



## ଗଣେଶ ମେଢ଼ ଭସାଣି ଉତ୍ସବ

ସେମିଲିଗୁଡା.୧।୯ (ସମିସ): କୋରାପୁଟ ଜିଲ୍ଲା ସେମିଲିଗୁଡା ସହରରେ ଗଣେଶ ମେଢ ବିସର୍ଜନ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ସହରରେ ଚଳିତ ବର୍ଷ ବିଭିନ୍ନ ସାହିରେ ଗଣେଶ ପୂଜା ହୋଇଥିଲା। ପାଞ୍ଚ ଦିନରୁ ପୂଜା ଆଡମ୍ବରରେ ପାଳିତ ହେଇଥିବା ବେଳେ ରବିବାର ସଂଧ୍ୟାରେ ଗଣେଶ ମୂର୍ତ୍ତିର ବିସର୍ଜନ ଶୋଭାଯାତ୍ରା ହୋଇଥିଲା। ଗଣେଶ ମୂର୍ତ୍ତି ଗାଡ଼ିରେ ସହରର ପରିକ୍ରମା କରିଥିଲା। ଯୁବକ, ମହିଳାମାନେ ନୃତ୍ୟ କରି ଗଣେଶ ମେଢକୁ ଭସାଣି ସ୍ଥାନ ପର୍ଯ୍ୟନ୍ତ ନେଇଥିଲେ।

ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ବିସର୍ଜନ ପାଇଁ ଗହଳି ଲାଗିଥିଲା। ମୂର୍ତ୍ତି ଗୁଡ଼ିକୁ ଜାନୀ ଗୁଡ଼ା, ପିତାଗୁଡ଼ା, ଘାଟ ଗୁଡ଼ା ନଦୀରେ ବିସର୍ଜନ କରାଯାଇଥିଲା।

## ଦିଲ୍ଲୀ ପବ୍ଲିକ୍ ସ୍କୁଲରେ ଜାତୀୟ କ୍ରୀଡ଼ା ଦିବସ

ଦାମନଯୋଡ଼ି, ୧।୯; ନାଲ୍‌କୋ ଟାଉନ୍‌ସିପ ସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲରେ ଅଗଷ୍ଟ ୨୯ରୁ ୩୧ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଦିବସ ୨୦୨୫ ପାଳିତ ହୋଇଯାଇଛି। ହକି ଖେଳାଳି ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମବାର୍ଷିକୀକୁ ମନେ ପକାଇ କ୍ରୀଡ଼ା ଏବଂ ଶାରୀରିକ କାର୍ଯ୍ୟକଳାପର ଉପକାରିତାକୁ ଗୁରୁତ୍ୱ ଦେବା ପାଇଁ ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଏ। ଏହି ଅବସରରେ ଡିପିଏସ୍ ଅଧ୍ୟକ୍ଷା ସୁଶ୍ରୀ ସୁଜାତା ପାଣିଙ୍କ ସହିତ ଅନ୍ୟ ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି ଡିପିଏସରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡ଼ା ଦିବସ ପ୍ରତିଜ୍ଞା ସହିତ ବିଭିନ୍ନ କ୍ରୀଡ଼ା ଆୟୋଜନ କରାଯାଇଥିଲା। ଅଗଷ୍ଟ ୩୧ ତାରିଖରେ ଏକ ସାଇକଲ ରାଲି ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକଳାପ ଅଧ୍ୟକ୍ଷା ସୁଜାତା ପାଣି, ପ୍ରଧାନ ଶିକ୍ଷକ ଏସ୍‌ଏସ ଗିରିଧର, ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଅଞ୍ଜନା ମହାପାତ୍ର ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ନବକିଶୋର ପଣ୍ଡାଙ୍କ ଉପସ୍ଥିତିରେ ଏବଂ କର୍ମଚାରୀ ମଧୁସୂଦନ ପରିଡା ଓ ତୁଷାରକାନ୍ତ ପତିଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

## ରାଜ୍ୟସ୍ତରୀୟ ନାଟକ ଉତ୍ସବ ଉଦ୍‌ଯାପିତ

ଉମରକୋଟ,୧।୯ (ସମିସ) : ନବରଙ୍ଗପୁର ଜିଲାର ଅଗ୍ରଣୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ ଭାରତୀ କଳା ନିକେତନ, ଉମରକୋଟ ଦ୍ୱାରା ୪ ଦିବସୀୟ ତଥା ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଚତୁର୍ଥ ରଜନୀରେ କୋଣ୍ଡାଗାଁ ରୋଡ଼ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଅପରାହ୍ନରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ବାହିନୀପତି ଓ ଅତିଥି ଭାବେ କବାଡି ସିନେମାର କଳାକାର ଜିତେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ତଥା ନବରଙ୍ଗପୁର ଜିଲା ପାଇଁ କଳା କ୍ଷେତ୍ରରେ ଗୌରବ ଆଣିଥିବା ଶିଶୁ କଳାକାର ସାଇ ଅନୁଷ୍କା ମହାରଣାଙ୍କୁ ଭାରତୀ ଶିଶୁ ପ୍ରତିଭା ସମ୍ମାନ ଏବଂ ଦୀପଶିଖା ନାୟକଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ଭାବେ ଏମ. ମାଧବ ପାତ୍ର,ରବୀନ୍ଦ୍ର ନାଥ ମହାରଣାଙ୍କୁ ଶ୍ରେଷ୍ଠ ମଞ୍ଚ ନିର୍ଦ୍ଦେଶକ ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଗୋପାଳ ମହାରଣାଙ୍କ ନାଟକ ପଞ୍ଚମ ବେଦ ଭାରତୀ କଳା ନିକେତନର କଳାକାରମାନଙ୍କ ଦ୍ୱାରା ନିଖୁଣ ଭାବେ ପରିବେଷିତ ହୋଇଥିଲା। ନାଟକଟିକୁ ମଧୁସ୍ମିତା ମହାରଣା ନିର୍ଦ୍ଦେଶନା ଦେଇଥିବା ବେଳେ ଏମ ମାଧବ ପାତ୍ର ସଂଗୀତ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ଭୂମିକାରେ ବିଦ୍ୟୁତ କୁମାର ପାତ୍ର, ବିବେକାନନ୍ଦ ପଟନାୟକ, ଗଣେଶ ପ୍ରସାଦ ରଣା, ଦୀପଶିଖା ନାୟକ, ବୀରେନ୍ଦ୍ର କୁମାର ସାହୁ ଏବଂ ଶିଶୁ କଳାକାର ଭାବେ ସାଇ ଅନୁଷ୍କା ମହାରଣା ଅଭିନୟ କରିଛନ୍ତି। ମଞ୍ଚ ପରିଚାଳନା ସାଗର କୁମାର ପରିଡା ଓ ସନ୍ତୋଷ କୁମାର ପରିଡା କରିଥିବା ସ୍ଥଳେ ଅଧ୍ୟାପକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଏମ. ମଧୁ ଛନ୍ଦା ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଛନ୍ତି। ତୃତୀୟ ରଜନୀରେ କୋଣ୍ଡାଗାଁ ରୋଡ଼ ସ୍ଥିତ କଲ୍ୟାଣ ମଣ୍ଡପରେ କବି ସମ୍ମିଳନୀ ଆୟୋଜିତ ହୋଇଥିଲା।



## ପାନାବେଡା ପୂଜାରୀ ସଂଘର ନୂଆଁଖାଇ ଭେଟ୍‌ଘାଟ

ଚନ୍ଦାହାଣ୍ଡି,୧।୯ (ସମିସ):

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ସଦର ସ୍ଥିତ ବଜାର ପଡିଆ ଠାରେ ପାନାବେଡା ପୂଜାରୀ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ପାନାବେଡା ପୂଜାରୀ ସଂଘର ସଭାପତି ହର ପୂଜାରୀଙ୍କ ସଭାପତିତ୍ୱରେ ଆୟୋଜିତ ପାନାବେଡା ପୂଜାରୀ ସଂଘର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସର୍ବ ପ୍ରଥମେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଖମ୍ବେଶ୍ୱରୀ, ମା' ପାଟଦି ପାଟରାଣୀ, ମା' ପାଟେନ ଏବଂ ମା 'ଖଲିଗଡେନ ସମେତ ଅଞ୍ଚଳର ପ୍ରମୁଖ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। କୁରେ ପତ୍ରରେ ନୂଆଚୁଡା ଓ ନବାନ୍ନ ସେବନ କରି ସମସ୍ତେ ଜୁହାର ଭେଟଘାଟ ହୋଇଥିଲେ। ପାନାବେଡା ପୂଜାରୀ ସଂଘ ହେବା ପରେ ଅଞ୍ଚଳରେ ଦେବଦେବୀଙ୍କ ପୂଜା ପର୍ବାଣୀ ଯାତ୍ରା ସୁଚାରୁରୂପେ ହେଉଥିବା ବେଳେ ଆଗାମୀ ଦିନରେ ହେବାକୁଥିବା ମା' ଖଲି ଗଡେନଙ୍କ ପୂଜା କିପରି ଭାବରେ ଶାନ୍ତିଶୃଙ୍ଖଳା ଭାବରେ ପାଳନ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପାନାବେଡାର ଦୁଲବ ପୂଜାରୀ, କରୁଣା ପୂଜାରୀ, ରବୀନ୍ଦ୍ର ପୂଜାରୀ, ମୀନକେତନ ପୂଜାରୀ, ମଣିରାମ ପୂଜାରୀ, ଭୁଜବଳ ଝାଙ୍କର, ମନସଏ ପୂଜାରୀ, ଟେକ୍ରାମ ମାଝୀ, କାର୍ତ୍ତିକ ପୂଜାରୀ, ଶେଖର ପୂଜାରୀ, ପ୍ରେମ ପୂଜାରୀ, ଉଗ୍ରେସନ ପୂଜାରୀ, ଶୋଭାଚନ୍ଦ୍ର ପୂଜାରୀ, ସମ୍ପତ ପୂଜାରୀ, ଲଚମନ ମାଝୀ, ମାନ ପୂଜାରୀ, କଦମ ପୂଜାରୀ, ଭୋବ ପୂଜାରୀ, ମଧୁ ପୂଜାରୀ, କୃଷ୍ଣଚନ୍ଦ୍ର ଦଳେଇ, ହରିସିଂ ପୂଜାରୀ, ଦେବି ପୂଜାରୀ, ମଣିରାମ ମାଝୀ, ହୀରାଚନ ପୂଜାରୀ, ମାଧବ ଧୁରୁଆ, ବୃନ୍ଦାବନ ପୂଜାରୀ, ଦୁର୍ଯ୍ୟୋଧନ ପୂଜାରୀ ଗଣେଶ ପୂଜାରୀ, ଶ୍ୟାମସୁନ୍ଦର ନେତାମ, ଧନୁରାମ ପୂଜାରୀ, ଯଦୁନାଥ ପୂଜାରୀ, ଖମ୍ବେଶ୍ୱର ମାଝୀଙ୍କ ସମେତ ସମସ୍ତ ପୂଜାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଗ୍ରାମର ଶିରା, ଗାଉତିଆ, ଚଳାନ, ଗଣ୍ଡା ମାନେ ଯୋଗ ଦେଇଥିଲେ। ଶେଷରେ ପାନାବେଡା ପୂଜାରୀ ସଂଘ ସମ୍ପାଦକ ଦୁଲବ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିନ୍ ଓ ଆଡେସା ପକ୍ଷରୁ କୁଇଜ୍ ପ୍ରତିଯୋଗିତା

ସେମିଲିଗୁଡା/ଦାମନଯୋଡି, ୧।୯ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡି ସ୍ଥିତ ନବରତ୍ନ ଉଦ୍ୟୋଗ ନାଲ୍‌କୋ ଶିଳ୍ପାଞ୍ଚଳ ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ରବିବାର ଇଞ୍ଜିନିୟର ଦିବସ ଉପଲକ୍ଷେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କୁଇଜ୍ ପ୍ରତିଯୋଗିତାରେ ସରସ୍ୱତୀ ବିଦ୍ୟା ମନ୍ଦିର ସମେତ ଦିଲ୍ଲୀ ପବ୍ଲିକ ସ୍କୁଲ, ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟ ମାଲୁସାନ୍ତା ଓ ଏସଭିଏମ ମଥାଲପୁଟ ଉଭୟ କନିଷ୍ଠ ଓ ବିରଷ୍ଠ ବର୍ଗର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଡିପ୍ଲୋମା ଇଂଜିନିୟର ଆସୋସିଏସନ୍ ନାଲକୋ (ଡିନ ର) ସଭାପତି କୈଳାସ ଚନ୍ଦ୍ର ସେନାପତି, ସଂପାଦକ ପ୍ରଭାତ କୁମାର ସାହୁ ଓ ଆଡେସା ସୁନାବେଡ଼ାର ବିଜୟ , ମନୋଜ ଏବଂ ଏସ୍‌ଭିଏମର ଡ. ନରେଶ ଚନ୍ଦ୍ର ସାହୁ ଏଥିରେ ପୌରହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର କୁମାର ନାହାକ, ତରୁଣ କୁମାର ନାୟକ, ମାନସ ସାହୁ, ଅଶୋକ ପଣ୍ଡା , ଅନାମ ଚରଣ ନାୟକ, ଏନ୍ ସାଇ କ୍ରୀଷ୍ଣା, କମଳା କାନ୍ତ ରାଉତ,ଜଗନ୍ନାଥ ମହାପାତ୍ର , ଚିନ୍ମୟ ସ୍ୱାଇଁ, ରଞ୍ଜିତ ନାୟକ ଓ ଶଙ୍କର୍ଷଣ ବିଶ୍ୱାଳ ଏବଂ ଏସ୍‌ଭିଏମର ରାଜୀବ ନାୟକ, ସୌମ୍ୟ ରଞ୍ଜନ ବେଉରା, ସୁନିଲ ଦାସ, ଦିବ୍ୟ ଲୋଚନ ପଣ୍ଡା, ସନ୍ତୋଷ କୁମାର ତ୍ରିପାଠୀ ଓ ଆଡେସାର ସମ୍ଭୁ ଓ ଅରୁଣ ଏହି ପ୍ରତିଯୋଗିତା ପରିଚାଳନା କରିଥିଲେ। ଅନେକ ଦିନ ବ୍ୟବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ନିମନ୍ତେ ଅଭିଭାବକ ମହଲରେ ବେଶ ଆଗ୍ରହ ପରିଲକ୍ଷିତ ହୋଇଛି। କନିଷ୍ଠ ବର୍ଗରେ ୭୫ରୁ ଅଧିକ ଓ ବିରଷ୍ଠ ବର୍ଗରେ ୧୨୫ରୁ ଅଧିକ ମୋଟ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ରୋଟାରୀ କ୍ଲବ ଓ ଏନସିସିର ଚାରାରୋପଣ କାର୍ଯ୍ୟକ୍ରମ

ଜୟପୁର,୧।୯ (ସମିସ) : ବିଶ୍ୱର ପରିବେଶ ସୁରକ୍ଷା ନେଇ ଚାରାରୋପଣ ଜରୁରୀ ହୋଇପଡିଛି। ଆଜି ଜୟପୁର ରୋଟାରୀ କ୍ଲବ୍ ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ଏସିସିସି କାର୍ଯ୍ୟାଳୟ ଠାରେ ଚାରାରୋପଣ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୦୦ରୁ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କ୍ଲବ ସଭାପତି ଅମର ବୁଧୱାର, ସମ୍ପାଦକ ନାରାୟଣ ନିଶଙ୍କ, ଅନ୍ୟାନ୍ୟ ସଦସ୍ୟ ଏବଂ ବିକ୍ରମଦେବ ମହାବଦ୍ୟାଳୟର ଏନସିସି ଛାତ୍ରଛାତରୀ ମାନେ ଉପସ୍ଥିତି ରହି ଚାରାରୋପଣ କରିଥିଲେ। ଏହି ଅବସରରେ ଏସିସିସି କମାଣ୍ଡିଂ ଅଧିକାରୀ କର୍ଣ୍ଣେଲ ପ୍ରିତି ରଞ୍ଜନ ଦାଶ, ବିଦ୍ୟାଳୟର ଏସସିସି ପ୍ରଶିକ୍ଷକ କ୍ୟାପେଟନ ଡ. ଲକ୍ଷ୍ମଣ ପାତ୍ର ଏବଂ ବନ ଅଧିକାରୀ ମାନଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା। ଏହି ଅବସରରେ କ୍ଲବର ସାମାଜିକ ସେବା ନିର୍ଦ୍ଦେଶକ ଏନ. ଶିବାଜୀ , ନିଶାନ ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



### ● ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

## ଗଞ୍ଜାନୀ ଶାଶ୍ୱତ ପୁରୁଷ, ମୁନୀ ଜାନୀ ମହିଳା ଚାମ୍ପିଅନ୍




କୋରାପୁଟ,୧।୯(ସମିସ): ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ୪ର୍ଥ ଜିଲ୍ଲା ସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। କୋରାପୁଟ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଅତିରିକ୍ତ ଏସ୍‌ପି ଅମ୍ରିତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମିନି, ସବ ଜୁନିୟର, ଜୁନିୟର,ସିନିୟର ଓ ଭେଟେରାନ ବର୍ଗରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପୁରୁଷ ବର୍ଗରେ ଗଞ୍ଜାନୀ ଶାଶ୍ୱତ ଚମ୍ପିୟାନ ହୋଇଥିବା ବେଳେ ସ୍ମୃତି ରଞ୍ଜନ ଥାମ୍ବା ରନର ହୋଇଥିଲେ। ମହିଳା ବର୍ଗରେ ମୁନୀ ଜାନୀ ଚାମ୍ପିଅନ୍ ହୋଇଥିବା ବେଳେ ରାଜେଶ୍ୱରୀ ଖରା ରନର ହୋଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କୋରାପୁଟ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନର ସଭାପତି ମୋତି ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ପାଦକ ଶୈଳେନ୍ଦ୍ର ଚୋଧୁରୀ ଯୋଗଦେଇ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ଗିରିଶ ବେହେରା, ମାଧବ ରଥ, ସନ୍ତୋଷ ବେବର୍ତ୍ତା, ରମେଶ ଚନ୍ଦ୍ର ସ୍ୱାଇଁ, ଗୌରୀ ଜେନା, ପ୍ରଦୀପ କୁମାର ପଟ୍ଟନାୟକ ଓ ବସନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।।

## ଶିଶୁଙ୍କ ବେଶଭୂଷା ପ୍ରତିଯୋଗିତା

ଜୟପୁର,୧।୯(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ଗଠିତ ସାମାଜିକ ଗଣମାଧ୍ୟମର ଏ.କେ.ଏସ ପକ୍ଷରୁ ଜୟନଗର ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଗତ ଜନ୍ମାଷ୍ଟମୀ ଅବସରରେ ଶିଶୁ ମାନଙ୍କୁ ନେଇ ଆୟୋଜିତ ରାଧାକୃଷ୍ଣ ବେଶଭୁଷା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ଏବଂ ଅଭିଭାବକଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅବିଭକ୍ତ କୋରାପୁଟ ଜିଲ୍ଲାର ୪ଟି ଜିଲ୍ଲାର ବିଜେତା ଶିଶୁ ପ୍ରତିଯୋଗୀ ଏବଂ ଅଭିଭାବକ, ପରିବାର ଲୋକମାନେ ଉପସ୍ଥିତ ରହିଥିଲେ। ଏଥିରେ ଗ୍ରୁପ୍‌ର ପ୍ରତିଷ୍ଠାତା ଦେବେନ୍ଦ୍ର କୁମାର ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ଜଗଦୀଶ ବେହେରା, ଗୁରୁ କାହ୍ନୁଚରଣ ପ୍ରଧାନ, ଖାଣ୍ଟି କୋରାପୁଟିଆର ରାଜେଶ ସାହୁ, ସୁରେଶ ପଣ୍ଡା, ଅଭୟ, କଳାକାର ଚନ୍ଦନ ସାହୁ, ପ୍ରତୀକ୍ଷା ପାତ୍ର, ସାମ୍ବାଦିକ ପଦ୍ମନାଭ ହୋତା, ସୁପ୍ରିତ ପୂଜାରୀ, ସୁକାନ୍ତ ବେହେରା, ମଧୁସ୍ମିତା ମିଶ୍ର, ଅଶୋକ ପଲେଇ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ବର୍ଗରେ କୃଷ୍ଣ, ରାଧା, ରାଧାକୃଷ୍ଣ ସହ ଯୋଶଦା, ନନ୍ଦ ଆଦି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଆଜି ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଆକାଶବାଣୀର ବରିଷ୍ଠ ସାମୟିକ ଉଦ୍‌ଘୋଷକ ତଥା କବି ରଘୁନାଥ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଜୟନ୍ତ ପଟ୍ଟନାୟକ, କାଳୀଚରଣ ଦେବଶର୍ମା, ଗଣେଶ୍ୱର ବିଶୋଇ, ପଦ୍ମିନୀ ପାତ୍ର, ଟ୍ୟୁଙ୍କଲ ମିଶ୍ର, ସୁବାସ ସାହୁ, ସାଇପ୍ରସାଦ ଆଚାରୀ, ଜିତୁ ଭଟ୍ଟ, ବବିତା ନାୟକ, ଗଣେଶ ଭତ୍ର, ପପୁନ, ଉମାକାନ୍ତ ମହାରଣା ପ୍ରମୁଖ ଏଡ୍‌ମିନ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସମସ୍ତ ଶିଶୁ ପ୍ରତିଯୋଗୀଙ୍କୁ ସମ୍ମାନିତ କରିଥିଲେ।



# ଦୁର୍ଗୀରେ ଚୋରଙ୍କ ଆତଙ୍କ



ଦୁର୍ଗୀ, ୨।୯(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀରେ ଚୋରଙ୍କ ଆତଙ୍କ ଦେଖା ଦେଇଛି। ରବିବାର ମଧ୍ୟ ରାତ୍ରିରେ କିଛି ଦୁର୍ବୃତ୍ତ ଦୋକାନ ଗୃହ ସହ ଦୁଇ ତାଲା ବନ୍ଦ ଘରେ କଳା କନା ବୁଲାଇଛନ୍ତି । ସୂଚନା ପ୍ରକାରେ ସ୍ଥାନୀୟ ପଣ୍ଡା ସାହିରେ ରହୁଥିବା ଯୁଗଳ ପଣ୍ଡାଙ୍କ ଘର ସହ ବସଷ୍ଟାଣ୍ଡର ଶିଶିର ପାଣିଗ୍ରାହୀଙ୍କ ଦୋକାନ ଗୃହ ଓ ତାଙ୍କ ପଡୋଶୀ ବଙ୍ଗାଳି ଡାକ୍ତରଙ୍କ ଘରେ ଚୋର ମାନେ ପଶିଥିଲେ। ଶ୍ରୀ ଲାଲୁଙ୍କ ନଗଦ ୩ ହଜାର ଟଙ୍କା ଚୋରି କରିଥିବା ବେଳେ ଆଉ ଦୁଇଙ୍କ ଘରୁ କିଛି ନ ପାଇ ଚମ୍ପଟ ମାରିଥିଲେ। ତାଲା ବନ୍ଦ ଥିବା ଘରର ସୁଯୋଗ ନେଇ କିଛି ଦୁର୍ବୃତ୍ତ ଯୋଜନା ବଦ୍ଧ ଭାବେ ମଧ୍ୟରାତ୍ରିରେ ତାଲାଭାଙ୍ଗି ଘରେ ପଶି ସମସ୍ତ ବ୍ୟବହାର ହେଉଥିବା ଆସବା ପତ୍ର, ବସ୍ତ୍ର, ଦାମିକା ଜିନିଷ ଗୁଡାକ ଫିଙ୍ଗା ଫିଙ୍ଗି କରି ଦେଇଥିଲେ। ସେହି ଦୋକାନ ଗୃହରେ ବ୍ୟବସ୍ଥିତ ହୋଇଥିବା ସିସି ଟିଭି କ୍ୟାମେରାରେ ଏକ ଧଳା ରଙ୍ଗର ଟିସାର୍ଟ ମୁହଁରେ ଘୋଡେଇଥିବା ସହ କ୍ୟାମେରାରେ ନଂ ଆସିବା ପାଇଁ କୌଶଳ କ୍ରମେ ଛତାକୁ ବ୍ୟବହାର କରି ଦୁଇ ଜଣ ଚୋର ଅତି ଚତୁରାତର ସହିତ ଚୋରି କରିବାକୁ ଆସିଥିବା ଦୃଶ୍ୟ କଏଦ ହୋଇଛି। ପ୍ରକାଶ ଥାଉକି, ଅତୀତରେ ମଧ୍ୟ ଦୁର୍ଗୀ ଗ୍ରାମର ତିନି ଜଣଙ୍କ ଘରେ ଚୋରମାନେ ଚୋରି କରିବାରେ ସକ୍ଷମ ହୋଇଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ କହିବା କଥା ଅନୁଯାୟୀ ଏହି ଅଞ୍ଚଳରେ ଜଣାଶୁଣା ଲୋକ ହିଁ ଏହି କାଣ୍ଡ ଭିଆଉଛନ୍ତି। ପ୍ରମାଣ ଅଭାବରୁ ଆସାମୀଙ୍କୁ ଧରିବା ସମ୍ଭବ ହୋଇପାରୁନି ବୋଲି ଚର୍ଚ୍ଚା ଚାଲିଛି। ଗତକାଲିର ଚୋରିକୁ ନେଇ ବିଷମକଟକ ଥାନାରେ ଏତଲା ଦେଲା ପରେ ଘଟଣାସ୍ଥଳରେ ବିଷମକଟକ ଥାନା ଏଏସଆଇ ପ୍ରୀତିରଞ୍ଜନ ବାରିକ, ସୁଶାନ୍ତ ପେରେପକାଙ୍କ ସହ ସାଇଣ୍ଟିଫିକ ଟିମ ପହଞ୍ଚି ଅନୁଧ୍ୟାନ କରିଛନ୍ତି । ଖୁବଶୀଘ୍ର ଚୋର ଧରା ପଡିବେ ବୋଲି ପୋଲିସ ପକ୍ଷରୁକୁହାଯାଇଛି। ଦିନକୁ ଦିନ ଦୁର୍ଗୀରେ ମଧ୍ ଚୋରି ମାମଲା ବୃଦ୍ଧି ପାଉଥିବାରୁ ପୁଲିସ ପକ୍ଷରୁ ପାଟ୍ରୋଲିଙ୍ଗ ବ୍ୟବସ୍ଥା କଡ଼ାକଡି କରିବାକୁ ସାଧାରଣରେ ଦାବି ହେଉଛି।

## ଚିକିତ୍ସା ଅବହେଳାରୁ ଗର୍ଭବତୀ ଆଶାକର୍ମୀଙ୍କ ମୃତ୍ୟୁ ଅଭିଯୋଗ

# କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତା ଅବରୋଧ

ଉମରକୋଟ,୨।୯ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ଚିକିତ୍ସା ଅବହେଳାରୁ ଜଣେ ଆଶାକର୍ମୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଉମରକୋଟ ବ୍ଲକ ବଡ଼ବାସନୀ ଗ୍ରାମର ଆଶାକର୍ମୀ ଦୟମତି ଭତ୍ରା ପ୍ରସବ ଯନ୍ତ୍ରଣା ଅନୁଭବ ହେବା ପରେ ରବିବାର ଦିନ ପ୍ରାୟ ୩ଟା ବେଳେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସିଥିଲେ। ତେବେ ଦୟମତିଙ୍କୁ ୩ ଘଣ୍ଟା ଚିକିତ୍ସା କରିବା ପରେ ଡକ୍ଟର ସାଗରିକା ସ୍ୱାଇଁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନବରଙ୍ଗପୁରକୁ ରେଫର କରି ଦେଇଥିଲେ। ତେବେ ନବରଙ୍ଗପୁର ଯିବା ସମୟରେ ବାଟରେ ଦୟମତିର ମୃତ୍ୟୁ ହୋଇ ଯାଇଥିଲା। ତେବେ ପରିବାର ଲୋକେ ଦୟମତିର ଶବକୁ ବଡ ବାସିନୀ ଗ୍ରାମକୁ ରାତିରେ ନେଇ ଚାଲି ଯାଇଥିଲେ। ଆଜି ସକାଳୁ ଶତାଧିକ ଗ୍ରାମବାସୀ, ପରିବାର ଲୋକେ ଓ ଶତାଧିକ ଆଶାକର୍ମୀ ଏକ ବିରାଟ ଶୋଭାଯାତ୍ରାରେ ମୃତ ଆଶା କର୍ମୀଙ୍କ ଶବକୁ କୋକେଇ ସହାୟତାରେ ଦୀର୍ଘ ୫ କିଲୋମିଟର୍ ରାସ୍ତା ଚାଲି ଚାଲି ଉମରକୋଟ ଆଣି ଡିଏନକେ ମେଡିକାଲ ଛକ ଠାରେ ରଖି କ୍ଷତି ପୂରଣ ଦାବିକରି ରାସ୍ତା ଅବରୋଧ କରିଥିଲେ। ଫଳରେ ଉମରକୋଟ ଓ ନବରଙ୍ଗପୁର ରାସ୍ତା ମଧ୍ୟରେ ଯାନବାହାନ ଚଳାଚଳ ବନ୍ଦ ହୋଇ ଯାଇଥିଲା। ଖବର ପାଇ ଉମରକୋଟ ପୋଲିସ ଘଟଣା ସ୍ଥଳରେ ପହଁଚିଥିଲେ। ଆନ୍ଦୋଳନକାରୀଙ୍କ ଦାବି ଥିଲା ଚିକିତ୍ସାରେ ଅବହେଳା କରିଥିବା ଡକ୍ଟର ସାଗରିକା ସ୍ୱାଇଁଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ମୃତ ଆଶାକର୍ମୀଙ୍କୁ କେନ୍ଦ୍ର ସରକାର ୫୦ ଲକ୍ଷ ଏବଂ ରାଜ୍ୟ ସରକାର ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ଦାବି କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉମରକୋଟ ପୌର ପରିଷଦର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୁଜାରୀ, ଉମରକୋଟ ଥାନା ଆଇଆଇସି ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗ ଅନୁଯାୟୀ ତଦନ୍ତ କରାଯିବ ଓ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ, କ୍ଷତିପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖା ଯିବ, ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ ଓ ମୃତ ଆଶାକର୍ମୀଙ୍କ ଝିଅକୁ ବାତ୍ସଲ୍ୟ ଯୋଜନାରେ ମାସକୁ ୪ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଲିଖିତ ମାଧ୍ୟମରେ ପ୍ରତିଶ୍ରୁତି ପ୍ରଦାନ କରାଯିବା ପରେ ଦୀର୍ଘ ୪ ଘଣ୍ଟା ପରେ ଆନ୍ଦୋଳନକାରୀମାନେ ରାସ୍ତା ରୋକକୁ ପ୍ରତ୍ୟାହାର କରିଥିଲେ। ଗର୍ଭବତୀ ଆଶା କର୍ମୀଙ୍କ କ୍ଷତି ପୂରଣ ଦାବିରେ ଜିଲା ଆଶାକର୍ମୀ ସଂଘର ସମ୍ପାଦିକା ଗୀତାଞ୍ଜଳି ହରିଜନ, ଜିଲା ମଜଦୁର ସଂଘ ସଭାପତି ପରମେଶ୍ୱର ବିଷୋୟୀ, ସାମାଜିକ କର୍ମୀ ହାରାବତୀ ଗଣ୍ଡ ଓ ଶତାଧିକ ଆଶାକର୍ମୀ ରହିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଥାନ ଅଧିକାରୀ ରମାକାନ୍ତ ସାଏ, ଏସଆଇ ଶିବଜି ପ୍ରସାଦ ପଣ୍ଡା, ଅକ୍ଷୟ ମିଶ୍ର ଉପସ୍ଥିତ ଥିଲେ। ଏହିଭଳି ଗୁରୁତର ଅଭିଯୋଗ ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଡିଏମ ଏନ.ସି ବେହେରା ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି କେଉଁ ପରିସ୍ଥିତିରେ ଗର୍ଭବତୀ ଆଶାକର୍ମୀଙ୍କ ମୃତ୍ୟୁ ହୋଇଥିଲା ତାହାର ତଦନ୍ତ କରିଛନ୍ତି। ଘଟଣାକୁ ନେଇ ଡକ୍ଟର ସାଗରୀକା ସ୍ୱାଇଁଙ୍କୁ ପଚାରିବାରୁ ସେ କରି ଅଭିଯୋଗକୁ ଦୃଢ଼ ଖଣ୍ଡନ କରିଛନ୍ତି। ଡା. ସାଗରିକା ସ୍ୱାଇଁ କହିଛନ୍ତି, ଦୟମତିଙ୍କ ଶନିବାର ଦିନ ଠାରୁ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥଲେ ହେଁ ରବିବାର ଦିନ ଭୀଷଣ ବ୍ଲିଡ଼ିଂ ଅବସ୍ଥାରେ ଉମରକୋଟ ହସ୍ପିଟାଲକୁ ଆସିଥିଲେ। ଆସିବା ମାତ୍ରେ ସେ ପରୀକ୍ଷା କରି ଉପଯୁକ୍ତ ଚିକିତ୍ସା କରିଥିଲେ। ଗୁରୁତର ଥିବାରୁ ରକ୍ତ ବୋତଲ ଲଗାଇ ରୋଗୀଙ୍କୁ ନବରଙ୍ଗପୁର ପଠାଇଥିଲେ। ତେଣୁ ଚିକିତ୍ସାରେ କୌଣସି ଅବହେଳା ହୋଇନାହିଁ ବୋଲି ସଗାରିକା ସ୍ୱାଇଁ କହିଛନ୍ତି।



## ● ବସୁନି କଲ୍ୟାଣ ବିଭାଗର ଡିପିସି ବୈଠକ

# ଜିଲ୍ଲାପାଳଙ୍କୁ ଭେଟିଲେ କଲ୍ୟାଣ ବିଭାଗ ଶିକ୍ଷକ ସଂଘ

ରାୟଗଡ଼ା, ୨।୯(ସମିସ): ପଦୋନ୍ନତିର ସମୟସୀମା ଅତିକ୍ରାନ୍ତ କରିଥିଲେ ସୁଦ୍ଧା ଆଜି ଯାଏଁ ପଦୋନ୍ନତି ହୋଇନାହିଁ। ଦୀର୍ଘଦିନ ଧରି କଲ୍ୟାଣ ବିଭାଗର ଡିପିସି ବୈଠକ ବସୁନି। ଫଳରେ ଶିକ୍ଷକମାନଙ୍କ ପଦୋନ୍ନତିର ସମସ୍ୟା ସହ ଏମଏସିପି /ଆରଏସିପି ମଞ୍ଜୁରୀ ହୋଇପାରୁ ନ ଥିବା ଭଳି ସମସ୍ୟା ଲାଗି ରହିଛି । ତେଣୁ ଏହାର ସମାଧାନ ପାଇଁ ଆଜି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଯୁଗ୍ମ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, ରାୟଗଡ଼ା ଜିଲ୍ଲା ଶାଖା। ଶିକ୍ଷକ ମାନଙ୍କ ପଦୋନ୍ନତି ହୋଇନଥିବା ସମ୍ପର୍କରେ ଜାଣିବା ପରେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଯଥାଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଶିକ୍ଷକ ମାନଙ୍କୁ ପ୍ରତିଶୃତି ଦେଇଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ (ଏସଏସଡି) ଶିକ୍ଷକ ମାନଙ୍କ କହିବା ମୁତାବକ ହେଡ୍ ସେବକ ପଦବୀ ପାଇଁ ୨୦ରୁ ଅଧିକ ଶିକ୍ଷକଙ୍କ ପଦୋନ୍ନତି ହେବ। ଟିଜିଟି ବିଜ୍ଞାନ, ଟିଜିଟି କଳା ଶିକ୍ଷକ ମାନଙ୍କ ମଧ୍ୟ ପଦୋନ୍ନତି ହେବ। ତେଣୁ ଖାଲି ପଡିଥିବା ହେଡ୍ ସେବକ ପଦବୀ ପୂରଣ ହେଲେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରିବ ବୋଲି ଶିକ୍ଷକ ମାନେ ମତବ୍ୟକ୍ତ କରିଛନ୍ତି। ସଂଘର ସଭାପତି ତିରୁମୁଲା ବୋଡନାଙ୍କ ସହ ସଂଘର ସଦସ୍ୟ ମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ।

# ଜିଲ୍ଲା ପ୍ରଶାସନର ଯୁଗ୍ମ ଅଭିଯୋଗ ଶୁଣାଣି



ପଦ୍ମଗିରି, ୧।୯(ସମିସ): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଦମଗିରି ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଅଧ୍ୟକ୍ଷତା କରିଥିବା ବେଳେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଡିଏଫଓ ସାଇ କିରଣ, ଉପ ଜିଲ୍ଲାପାଳ ଅଶ୍ୱିନି ଏଏଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୪୫ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ଆବାସ ସମସ୍ୟା ଓ ରାସନ୍ କାର୍ଡ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର ସମ୍ମିଳନୀ



ରାୟଗଡ଼ା,୨।୯(ସମିସ): ଓଡ଼ିଶା ରାଜ୍ୟ ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘର ରାୟଗଡ଼ା ମଣ୍ଡଳ ସ୍ତରୀୟ ଏକ ବୈଠକ ରବିବାର ଦିନ ପାରଳାଖେମୁଣ୍ଡି ସ୍ଥିତ ବନଦୁର୍ଗା ମନ୍ଦିର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଟିପିଏସଓଡିଏଲ ଶାଖାର ସାଧାରଣ ସଂପାଦକ ଇଂ. ରଶ୍ମିରଂଜନ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବରେ ଉପସଭାପତି ଇଂ.ସରୋଜ କୁମାର ମିଶ୍ର ଓ ରାଜ୍ୟ କୋଷାଧ୍ୟକ୍ଷ ଇଂ.ମହେଶ୍ୱର ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସଭ୍ୟ ଇଂ.ସୁନୀଲ କୁମାର ରାଉତ ଯୋଗ ଦେଇ ସଂଘର ସଭ୍ୟମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବୈଠକରେ ସଭ୍ୟମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ବିଭିନ୍ନ ସମସ୍ୟା ଏବଂ ଦୀର୍ଘ ଦିନର ଯୁକ୍ତିଯୁକ୍ତ ନ୍ୟାର୍ଯ୍ୟ ଦାବି ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ସେହିପରି ବୈଠକରେ ସମସ୍ତ ସଭ୍ୟମାନେ ଟାଟା ପାୱାର ମ୍ୟାନେଜମେଣ୍ଟ , ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା, ପାତର ଅନ୍ତର ନୀତି ଆପଣେଇବା, ପ୍ରତିଶୋଧ ପରାୟଣ ମନୋଭାବ ରଖି କାର୍ଯ୍ୟାନୁଷ୍ଠାନ ଉଦ୍ୟମ କରିବା ଓ ଦୀର୍ଘ ଦିନର ନ୍ୟାର୍ଯ୍ୟ ଦାବିଗୁଡିକୁ ପୂରଣ ନ କରିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହି ବୈଠକରେ ରାୟଗଡ଼ା ଓ ଗଜପତି ଜିଲ୍ଲା (ରାୟଗଡ଼ା, ଗୁଣପୁର ଓ ପାରଳାଖେମୁଣ୍ଡି ଡିଭିଜନ)ର ସମସ୍ତ ସଭ୍ୟ ଯୋଗ ଦେଇଥିଲେ। ବୈଠକରେ ସଂଘର କୋର କମିଟି ସଦସ୍ୟ ଇଂ.ପୂର୍ଣ୍ଣଚନ୍ଦ୍ର ପାଢୀ, ରାୟଗଡ଼ା ଡିଭିଜନ ସଂପାଦକ ଇଂ. ଅରବିନ୍ଦ କିରଣ ପଣ୍ଡା, ଗୁଣପୁର ଡିଭିଜନ ସଂପାଦକ ଇଂ ଜିତେନ୍ଦ୍ର କୁମାର ରାୟ, ପାରଳାଖେମୁଣ୍ଡି ଡିଭିଜନ ସମ୍ପାଦକ ଇଂ ଦିଲିପ କୁମାର ଲେଙ୍କାଙ୍କ ସମେତ ଅନ୍ୟ ବରିଷ୍ଠ ସଭ୍ୟମାନେ ଉପସ୍ଥିତ ରହିଥିଲେ। ରାୟଗଡ଼ା ମଣ୍ଡଳର ସଂଘ ସହକାରୀ ସାଧାରଣ ସଂପାଦକ ଇଂ. ମହମ୍ମଦ ରଜିଉଲ୍ଲା ସଂଘର କେନ୍ଦ୍ରୀୟ ନେତୃତ୍ୱ ମଣ୍ଡଳି ମାଧ୍ୟମରେ ଟାଟାପାୱାର ପରିଚାଳନା ବର୍ଗଙ୍କୁ ଅନୁରୋଧ କରିଛନ୍ତି ଯେ, ସଂଘର ସମସ୍ତ ଯୁକ୍ତିଯୁକ୍ତ ନ୍ୟାର୍ଯ୍ୟ ଦାବିଗୁଡିକ ଯଥାଶୀଘ୍ର ପୂରଣ କରିବା ସହିତ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଉନ୍ନତ ଓ ଗୁଣାତ୍ମକ ମାନର ସେବା ପହଞ୍ଚାଇବା ଏବଂ ଯନ୍ତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ। ଦାବି ପୂରଣ ନହେଲେ ଆଗାମୀ ଦିନରେ ସଂଘର ପକ୍ଷରୁ ଦୃଢ ପ୍ରତିବାଦ ଓ ବିରୋଧ କରାଯିବ ବୋଲି ରଜିଉଲ୍ଲା ଚେତାବନୀ ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର



ନବରଙ୍ଗପୁର,୨।୯ (ସମିସ): ସୋମବାର ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର , ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ସନ୍ତୋଷ କୁମାର ପଣ୍ଡା, ଡିଡବ୍ଲୁଓ ପଲକ। ରବୀନ୍ଦ୍ର, ନବରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନିଲ କୁମାର ଖୋରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୫୮ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୫୧ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୭ ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ନବରଙ୍ଗପୁର ପୌର ପରିଷଦରେ ଆଜିର ଆୟୋଜିତ ଏହି ଜନ ଶୁଣାଣି ଶିବିରରେ ପୌର କର୍ମଚାରୀ ରାମ ଶଙ୍କର ଦାସ , ଚିତରଞ୍ଜନ କର, ଜ୍ୟୋତି ପରିଚ୍ଛା , ସାନୁ ପ୍ରହରାଜ, ଟୁନା ଦାସ ,ରାଜେଶ୍ କୁମାର ତ୍ରିପାଠୀ, ଅଶୋକ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ବହୁ ପୌର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ଶିବିରର ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

## ● ସାଇଲକ୍ଷ୍ମୀ ନଗରବାସୀଙ୍କୁ ମିଳୁନି ମୌଳିକ ସୁବିଧା

# ସମାଧାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ରାୟଗଡ଼ା,୨।୯(ସମିସ):ରାୟଗଡ଼ା ପୌରାଞ୍ଚଳରେ ରହି ମଧ୍ୟ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ଥିବା ସାଇ ଲକ୍ଷ୍ମୀ ନଗର ବାସିନ୍ଦା ଆଜି ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଆଜି ରାୟଗଡ ସଦର ମହକୁମା ଠାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ସାଇ ଲକ୍ଷ୍ମୀ ନଗର ଅଞ୍ଚଳର ବାସିନ୍ଦା ପହଞ୍ଚି ଅଞ୍ଚଳରେ ରହିଥିବା ସମସ୍ୟା ଗୁଡିକ ଜଣାଇବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଞ୍ଚଳବାସୀଙ୍କ ଅସୁବିଧା ସମ୍ପର୍କରେ ଜାଣିବା ପରେ ଜିଲ୍ଲାପାଳ ରାୟଗଡ଼ା ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାର ଏବଂ ରାୟଗଡ଼ା ବିଡିଓଙ୍କ ପ୍ରତିନିଧିଙ୍କୁ ଡାକି ସାଇ ଲକ୍ଷ୍ମୀ ନଗରର ବାସିନ୍ଦା ମାନେ କରିଥିବା ଅଭିଯୋଗ ସମ୍ପର୍କରେ ପଚାରିଥିଲେ ଏବଂ ସାଇ ଲକ୍ଷ୍ମୀ ନଗରରେ ରହିଥିବା ସମସ୍ୟା ଗୁଡିକର ଯଥାଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ସାଇ ଲକ୍ଷ୍ମୀ ନଗର ବାସିନ୍ଦାଙ୍କ କହିବା ମୁତାବକ ଅଞ୍ଚଳରେ ପ୍ରାୟ ୨୦୦ ଘର ରହିଛି। ଦୀର୍ଘ ୧୫ ଧରି ଏହି ଅଞ୍ଚଳରେ ବସବାସ କରୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଆମେ ମୌଳିକ ସୁବିଧାର ବଞ୍ଚିତ ରହିଛୁ। ଅଞ୍ଚଳରୁ ମେନ୍ ରୋଡକୁ ଆସିବା ପାଇଁ ପକ୍କା ରାସ୍ତା ନାହିଁ। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନାହିଁ। ଆଲୋକୀକରଣର ସୁବ୍ୟବସ୍ଥା ନଥିବା ଯୋଗୁଁ କିଛି ଅଞ୍ଚଳ ଅନ୍ଧାରରେ ବିତୁଛି। ବିଧାୟକ ପାଣ୍ଠିରୁ କିଛି ସୋଲାର ଲାଇଟ୍ ଅଞ୍ଚଳରେ ଲାଗିଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ପକ୍କା ରାସ୍ତା ନ ଥିବା ଯୋଗୁଁ ବର୍ଷା ଦିନେ ଯାତାୟତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଆବଶ୍ୟକ ସମୟରେ ଆମ୍ବୁଲାନ୍ସ ମଧ୍ୟ ଆସିପାରୁନାହିଁ। ଅଞ୍ଚଳର ସମସ୍ୟା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଧାୟକ, ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରାଯାଇଛି। ଏଥି ସହ ସାଇ ପ୍ରିୟା ନଗର ସହ ସାଇ ଲକ୍ଷ୍ମୀ ନଗର ପାଖାପାଖି ଥିବାରୁ ଏହି ଅଞ୍ଚଳକୁ ରାୟଗଡ଼ା ପୌରପରିଷଦ ଅଧିନରେ ସାମିଲ କରାଗଲେ ଅଞ୍ଚଳର ବିକାଶ ହେବ ବୋଲି ଲୋକେ ମତବ୍ୟକ୍ତ କରିଛନ୍ତି।

# ରାମଚନ୍ଦ୍ର ନଗର ପୂଜା କମିଟି ପକ୍ଷରୁ ଚାରା ବଣ୍ଟନ





କୋଲନରା,୨।୯(ସମିସ): ରାୟଗଡ଼ା ବ୍ଲକ ଅନ୍ତର୍ଗତ ପେଣ୍ଟା ପଞ୍ଚାୟତ ସ୍ଥିତ ଶ୍ରୀରାମ ଚନ୍ଦ୍ର ନଗର ଗଣେଶ ପୂଜା କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରଯାଇଥିଲା। ଏହି ଅବସରରେ ଏକ ନିଆରା ଢଙ୍ଗରେ ପୂଜା କମିଟିର କର୍ମକର୍ତ୍ତାମାନେ ପରିବେଶର ସୁରକ୍ଷା ପାଇ ଚାରା ବଣ୍ଟନ କରାଯାଇଥିଲା। ଜେକେ କାଗଜ କଳ, ସିଏସ୍ ଆର୍ ପକ୍ଷରୁ ଆବଶ୍ୟକ ଅନୁସାରେ ଚାରା ଯୋଗାଇ ଦେବା ସହ ରାମଚନ୍ଦ୍ର ନଗର ପୂଜା କମିଟି ସହ ମିଶି ଜନସାଧାରଣଙ୍କୁ ଚାରା ବାଣ୍ଟିଥିଲେ।

# ନିୟମଗିରି ପର୍ବତ ସଂଲଗ୍ନ ୩ ବ୍ଲକରେ ସର୍ଭେ କାର୍ଯ୍ୟକ୍ରମ

ରାୟଗଡ଼ା,୨।୯(ସମିସ): ଆଜି ଠାରୁ ପୁଣିଥରେ ନିୟମଗିରି ପର୍ବତ ସଂଲଗ୍ନ ବ୍ଲକ ଯଥା କଲ୍ୟାଣ ସିଂପୁର, ବିଷମ କଟକ ଓ ମୁନିଗୁଡା ବ୍ଲକ୍‌ରେ ବାଦ ପଡ଼ିଥିବା ହିତାଧିକାରୀଙ୍କୁ ଚିହ୍ନଟ କରି ତାଲିକାଭୁକ୍ତ କରିବା ପାଇଁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଆଦେଶ କ୍ରମେ ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନାରେ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ ଡଙ୍ଗରିଆ କନ୍ଧ ହିତାଧିକାରୀଙ୍କୁ ଜାତିଗତ ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ବାର୍ଷିକ ଆୟ ପ୍ରମାଣପତ୍ର ଏବଂ ଜଙ୍ଗଲ ଜମି ପଟ୍ଟା, ଆଧାର କାର୍ଡ, ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଷମକଟକ ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ମଙ୍ଗଳ ଅଧିକାରୀ ଜଗବନ୍ଧୁ ମେହେର ଓ ଅନ୍ୟ କର୍ମଚାରୀ, କଲ୍ୟାଣ ସିଂପୁର ବ୍ଲକର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଙ୍ଗଳ ସାମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାଶ ଓ କର୍ମଚାରୀ,ଉପସ୍ଥିତ ରହି ସଚେତନତା କରିଥିଲେ। ସେହିପରି ମୁନିଗୁଡା ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୈଳାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବିଭିନ୍ନ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। କଲ୍ୟାଣସିଂପୁର ବ୍ଲକର ପାର୍ସଲୀ ଠାରେ ଅନୁଷ୍ଠିତ ଶିବିରରେ ୧୪ଟି ନୂତନ ଆଧାର ସଂଯୋଗ, ୧୦ଟି ଜବ୍‌କାର୍ଡ, ୧୦ଟି ଜନ୍ମପ୍ରମାଣ ପତ୍ର ଜେନେରେଟ କରାଯାଇଛି। ସେହିପରି ବିଷମ କଟକ ବ୍ଲକର ଖମ୍ବେଶି ଗ୍ରାମରେ ଅନୁଷ୍ଠିତ ଶିବିରରେ ମଧ୍ୟ ୨ ଜନ୍ମ ପ୍ରମାଣ ପତ୍ର, ୩ ସିକିଲ ସେଲ ଚିହ୍ନଟ ହୋଇଥିଲା। ଏଥିରେ ୨୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲା। ୨୦ ଜଣଙ୍କ ଆଧାର କାର୍ଡ, ୨ଜଣ ପେନସନ ଯୋଜନାରେ ଆବେଦନ, ୮ ଜଣଙ୍କୁ ନୂତନ ଖାଉଟି କାର୍ଡରେ ଅନ୍ତର୍ଭୁକ୍ତ ପାଇଁ ଆବେଦନ କରିଛନ୍ତି। ଏହି ଶିବିରରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ମୁନିଗୁଡା ବ୍ଲକର ମୁନିଖୋଲ ଗ୍ରାମ ପଞ୍ଚାୟତର ମର୍କେବଣ୍ଡିଲ ଗ୍ରାମରେ ଅନୁଷ୍ଠିତ ଶିବିରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ୫୯ଜଣକର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ମଧୁବାବୁ ପେନସନ ଯୋଜନାରେ ୭ଜଣକର ଆବେଦନ ଗ୍ରହଣ କରାଯଇଥିଲା। ଶିକ୍ଷା ବିଭାଗ ତରଫରୁ ବିଦ୍ୟାଳୟକୁ ଯାଇ ନଥିବା ୭ଜଣକୁ ଚିହ୍ନଟ କରାଯାଇଛି। ଖାଉଟି କାର୍ଡ ପାଇଁ ୭ଟି ଆବେଦନ ଗ୍ରହଣ କରାଯାଇଥିଲା ବେଳେ ପ୍ରଧାନମନ୍ତ୍ରୀ ଜନମନ ଗୃହ ପାଇଁ ୪ଟି ଆବେଦନ କରିଥିଲେ ବୋଲି ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

# ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି





କୋରାପୁଟ,୨।୯(ସମିସ): ସ୍ଥାନୀୟ ସଦ୍‌ଭାବନା ସଭା ଗୃହରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମୋନଜ ସତ୍ୟବାନ ମହାଜନ ଏବଂ ଅରକ୍ଷୀ ଅଧିକ୍ଷକ ରୋହିତ ବର୍ମା ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ମୁଖ୍ୟତ ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଲୋକେ ଦାଖଲ କରିଥିଲେ। ଲାଇନ ବିଭାଗ ଅଧିକାରୀ ମାନେ ଅଭିଯୋଗ ଗୁଡିକର ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜିର ଅଭିଯୋଗ ଶୁଣାଣି ଶିବିରରେ ମୋଟ ୫୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୪ ଏବଂ ଗୋଷ୍ଠୀଗତ ୧୭ଟି ଅଭିଯୋଗ ଆସିଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ତପନ କୁମାର ନାଏକ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର. ପ୍ରବେଶନାରୀ ଆଇଏଏସ ସନ୍ତୋଷ କୁମାର ପାତ, ଡିଏଫଓ କେଭି ଭାସ୍କର ରାଓ. ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ମୁକ୍ତି କାନ୍ତ ଖଟୁଆ, ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, କୋରାପୁଟ ବିଡିଓ ଦେବାଶିଷ ଗୌଡ଼, ବ୍ଲକ ଅଧକ୍ଷା ନମିତା ମାଝୀ ସହକାରୀ ଜିଲ୍ଲାପାଳ, ତହସିଲଦାର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାଣୀ ପାଢ଼ୀ, ସିଡିପିଓ ସାବିତ୍ରୀ ସାହୁ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଡମ୍ପିଂୟାର୍ଡ ସାଜିଛି ଐତିହ୍ୟ ସମ୍ପନ୍ନ ପାତ୍ରବନ୍ଧ

# ଦୁର୍ଗନ୍ଧରେ ଫାଟିପଡୁଛି ନନ୍ଦପୁର ରାଜରାସ୍ତା

ନନ୍ଦପୁର, ୨।୯ (ସମିସ): ନନ୍ଦପୁର ବ୍ଲକ ସଦର ମହକୁମାରେ ରହିଛି ଐତିହ ସମ୍ପନ୍ନ ପାତ୍ର ବନ୍ଧ। ରାଜା ରାଜୁଡ଼ା ସମୟର ଏହି ଜଳାଶୟ ପାତ୍ର ଏବେ ଡମ୍ପିଂୟାର୍ଡ ପାଲଟିଛି। ପାତ୍ର ବନ୍ଧର ଉନ୍ନତୀକରଣ ସହ ପଙ୍କ ସଫା ପାଇଁ ମଧ୍ୟ ସରକାରୀ ଅନୁଦାନର ଅର୍ଥ ଖର୍ଚ୍ଚ ହେଲା। ହେଲେ ପାତ୍ର ବନ୍ଧ ଉଦ୍ଧାର ହୋଇ ପାରିଲାନି। ଏବେ ଏହି ଅଞ୍ଚଳ ଏବେ ଡମ୍ପିଂୟାର୍ଡ ପାଲଟିଛି। ପାତ୍ର ବନ୍ଧ ଆବର୍ଜନା କୁଣ୍ଡରେ ପରିଣତ ହୋଇଛି। ନନ୍ଦପୁର ସଦର ମହକୁମାର ହାଟ ପଦା ବନ୍ଧ ମଧ୍ୟ ପତିତ ରହିବା ସହ ଜବରଦଖଲକାରୀଙ୍କ ହାତକୁ ଚାଲିଯାଇଛି। ପ୍ରତି ବୁଧବାର ସାପ୍ତାହିକ ହାଟରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ହାଟ ବ୍ୟବସାୟୀ ସହ ଲୋକେ ପାନୀୟ ଜଳ ବ୍ୟବହାର କରି ଆସୁଥିଲେ। ବର୍ତ୍ତମାନ ପରିତ୍ୟକ୍ତ ସହ ଅଳିଆ କୁଣ୍ଡରେ ପରିଣତ ହୋଇଛି। ଏହି ଦୁଇ ବନ୍ଧର ପୁନରୁଦ୍ଧାର ନେଇ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆଢୁଆଳରେ ରହିଥିବା ଅଭିଯୋଗ ହୋଇଛି। ଗତ ଦୁଇରୁ ତିନି ମାସ ହେବ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଦୁର୍ଗନ୍ଧରେ ସହର ବସ୍ତି ଫାଟି ପଡୁଛି। ପ୍ରଶାସନର ଅବହେଳା ପାଇଁ ଏଭଳି ହୋଇଥିବା ବରିଷ୍ଠ ନେତା ଜୟରାମ ଭୋଇ କହିଛନ୍ତି। ଜନସାଧାରଣ ଓ ବ୍ୟବସାୟ ଅନୁଷ୍ଠାନ ଏଥିରେ କର୍ତ୍ତବ୍ୟ ରହିଛି ବୋଲି ସାମାଜିକ କର୍ମୀ ମୁନା ଦଳପତି କହିଛନ୍ତି । ନନ୍ଦପୁର ସହର ଏକ ପର୍ଯ୍ୟଟନ ସହର। ହଜାର ହଜାର ପର୍ଯ୍ୟଟକ ନନ୍ଦପୁର ଆସୁଛନ୍ତି। ରାଜନୈତିକ ଇଚ୍ଛାଶକ୍ତି ଅଭାବ ସହ ପ୍ରଶାସନଙ୍କ ଅବହେଳା ଯୋଗୁଁ ନନ୍ଦପୁର ସଦର ମହକୁମାରେ ଦୁର୍ଗନ୍ଧମୟ ପରିବେଶ ହୋଇଛି ବୋଲି କୁହାଯାଇଛି।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୨୫ ● ପାଉଣ୍ଡ ୧୧୯.୨୨
- ୟୁରୋ ୧୦୩.୩୧ ● ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୭,୦୫୦ (ନୂଆଦିଲ୍ଲୀ)
- ରୁପା : ୧,୨୮,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୦,୩୬୪.୦୦
- ନିଫ୍ଟି ୨୪,୬୨୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଟ୍ରମ୍ପ୍ ଟାରିଫ୍ ମାଡ଼; 'ଟଙ୍କା' ଘାଇଲା

ନୂଆଦିଲ୍ଲୀ,୧।୯ (ଏଜେନ୍ସି)



- ୧ ଡଲାର = ୮୮.୨୫ ଟଙ୍କା
- ସର୍ବନିମ୍ନ ସ୍ତରକୁ ଖସିଲାଣି ଭାରତୀୟ ମୁଦ୍ରା
- ୨୦୨୫ରେ ଟଙ୍କା ମୂଲ୍ୟରେ ୨.୯୪% ହ୍ରାସ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱାରା ଲାଗୁ କରାଯାଇଥିବା ଟାରିଫ୍ ବା ବାଣିଜ୍ୟ ଶୁଳ୍କର ପ୍ରଭାବ ଏବେ ଭାରତ ଉପରେ ଅନୁଭୂତ ହେବାରେ ଲାଗିଛି। ଫଳସ୍ୱରୂପ ଭାରତୀୟ ମୁଦ୍ରା 'ଟଙ୍କା' ଧରାଶାୟୀ ହେବାରେ ଲାଗିଛି। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। କାରଣ ଟ୍ରମ୍ପ୍ ଟାରିଫ୍‌ରେ ଘାଇଲା ହୋଇଛି 'ଟଙ୍କା'। ଏବେ ଭାରତ ସରକାରଙ୍କ ଆଗରେ ସବୁଠାରୁ ବଡ଼ ଚିନ୍ତାର ବିଷୟ ଯେ ଆଗାମୀ ମାସଗୁଡ଼ିକରେ ଟଙ୍କା ପ୍ରତି ଡଲାର ତୁଳନାରେ ୯୦ର ଗୁରୁତ୍ୱପୂର୍ଣ୍ଣ ସ୍ତର ତଳକୁ ଖସିଯାଇପାରେ।

ଏକ ରିପୋର୍ଟ ଅନୁଯାୟୀ, ମୁଦ୍ରା ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି ଯେ, ଟଙ୍କା ମୂଲ୍ୟ ଦୁର୍ବଳ ହେବାର ମୁଖ୍ୟ କାରଣ ହେଉଛି ଆମେରିକା ଦ୍ୱାରା ଭାରତ ଉପରେ ଲଗାଯାଇଥିବା ୫୦ ପ୍ରତିଶତ ଉଚ୍ଚ ଶୁଳ୍କ। ବ୍ଲୁମବର୍ଗର ତଥ୍ୟ ଅନୁଯାୟୀ, ଅଗଷ୍ଟରେ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୦.୭% ହ୍ରାସ ହୋଇଛି। ଚଳିତ ବର୍ଷ ଏପର୍ଯ୍ୟନ୍ତ, ଡଲାର ତୁଳନାରେ ଟଙ୍କା ୨.୯୪ ପ୍ରତିଶତ ଦୁର୍ବଳ ହୋଇଛି। ଗତ ତିନି ବର୍ଷ ମଧ୍ୟରେ ଏହି ସମୟରେ ଭାରତୀୟ ମୁଦ୍ରା ମୂଲ୍ୟରେ ସବୁଠାରୁ ବଡ଼ ହ୍ରାସ ବୋଲି ବିବେଚନା କରାଯାଉଛି। ଅଗଷ୍ଟ ମାସ କ୍ରମାଗତ ଭାବେ ଚତୁର୍ଥ ମାସ ଥିଲା ଯେତେବେଳେ କି ଡଲାର ତୁଳନାରେ ଟଙ୍କା ଅଧିକ ଦୁର୍ବଳ ହୋଇଥିଲା। ଜୁଲାଇରେ ଏହା ୨.୧୫%, ଜୁନରେ ୦.୨୦% ଏବଂ ମେ'ରେ ୧.୨୯% ହ୍ରାସ ପାଇଥିଲା। ବିଶେଷଜ୍ଞମାନେ କହିଛନ୍ତି ଯେ ଶୁଳ୍କ ଉପରେ ଅନିଶ୍ଚିତତା, ଷ୍ଟକ୍ ବଜାରରୁ ବିଦେଶୀ ନିବେଶ ପ୍ରତ୍ୟାହାର, ମାସ ଶେଷରେ ତେଲ ଚାହିଦା ଏବଂ ଟଙ୍କା-ୟୁଆନ ଗତିଶୀଳତା ଏଥିପାଇଁ ଦାୟୀ। ଏହି ରିପୋର୍ଟରେ ଡିବିଏସ୍ ବ୍ୟାଙ୍କର ରାଧିକା ରାଓ କହିଛନ୍ତି ଯେ, ଅନ୍ୟାନ୍ୟ ଆଞ୍ଚଳିକ ମୁଦ୍ରା ପରିବର୍ତ୍ତେ ଶୁଳ୍କ ପାର୍ଥକ୍ୟ ଏବଂ ଷ୍ଟକ ବଜାରରୁ ବିଦେଶୀ ନିବେଶ ପ୍ରତ୍ୟାହାର ଯୋଗୁଁ ଟଙ୍କା ମୂଲ୍ୟରେ ଏଭଳି ଦୁର୍ବଳ ସ୍ଥିତି ଦେଖିବାକୁ ମିଳିଛି।

ବ୍ୟାଙ୍କ ଅଫ୍ ବରୋଦାର ଅର୍ଥନୀତିଜ୍ଞ ଅଦିତି ଗୁପ୍ତା କହିଛନ୍ତି ଯେ ଟଙ୍କାର ଉପରେ ଚାପ ଅଳ୍ପ ସମୟ ମଧ୍ୟରେ ହ୍ରାସ ପାଇବାର ଆଶା କରାଯାଉଛି ନାହିଁ। ତଥାପି, ଆର୍‌ବିଆଇ ଟଙ୍କା ମୂଲ୍ୟ ସ୍ଥିର କରିବା ପାଇଁ ସ୍ପଟ୍ ବଜାରରେ ହସ୍ତକ୍ଷେପ କରିପାରିବ। ସେ କହିଛନ୍ତି, ୯୦ ସ୍ତର ଏକ ଗୁରୁତ୍ୱପୂର୍ଣ୍ଣ ମନସ୍ତାତ୍ତ୍ୱିକ ସ୍ତର। ଅନ୍ୟ ଜଣେ ମୁଦ୍ରା ବଜାର ବିଶେଷଜ୍ଞ କହିଛନ୍ତି ଯେ ଏକ ନିର୍ଦ୍ଦିଷ୍ଟ ସ୍ତରରେ ଟଙ୍କାକୁ ସୁରକ୍ଷା ଦେବା ପାଇଁ ରିଜର୍ଭ ବ୍ୟବହାର କରିବା ପରିବର୍ତ୍ତେ, ଆରବିଆଇ ଏହାକୁ ବାହ୍ୟ ଚାପକୁ ମୁକ୍ତ ଭାବରେ ପ୍ରତିଫଳିତ କରିବାକୁ ଅନୁମତି ଦେଇପାରିବ। ଟଙ୍କାର ଦୁର୍ବଳତା କିଛି ପରିମାଣରେ ଶୁଳ୍କ ଯୋଗୁଁ ରପ୍ତାନି ଉପରେ ଚାପକୁ ହ୍ରାସ କରିପାରିବ। ଏହା ଭାରତୀୟ ସାମଗ୍ରୀକୁ ବିଦେଶରେ ଅଧିକ ପ୍ରତିଯୋଗିତାକ୍ଷମ କରିଥାଏ। ବିଶେଷଜ୍ଞମାନେ କହିଛନ୍ତି ଯେ ଡଲାର ତୁଳନାରେ ଟଙ୍କାର ପ୍ରଦର୍ଶନ ଘରୋଇ ଏବଂ ବାହ୍ୟ କାରଣ ଉପରେ ନିର୍ଭର କରିବ। ଆମେରିକାରେ ସୁଧ ହାରର ଦିଗ, ପୋର୍ଟଫୋଲିଓ ପ୍ରବାହ ଏବଂ ଶୁଳ୍କ ଉପରେ ଆଲୋଚନା ନିର୍ଣ୍ଣୟ କରିବ ଯେ ଡଲାର ତୁଳନାରେ ଟଙ୍କା ୯୦ ତଳକୁ ଯିବ କି ନାହିଁ।

## ଘରୋଇ ଏଲ୍‌ପିଜି ଗ୍ରାହକଙ୍କୁ ଅଣଦେଖା

# ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟରେ ୫୧ ଟଙ୍କା ହ୍ରାସ

ନୂଆଦିଲ୍ଲୀ,୧।୯ (ଏଜେନ୍ସି): ମାସ ଆରମ୍ଭରୁ ଘରୋଇ ଏଲ୍‌ପିଜି ସିଲିଣ୍ଡର ଗ୍ରାହକଙ୍କୁ ଲାଗିଛି ବଡ଼ ଝଟ୍‌କା। କାରଣ ଉଚ୍ଚ ରନ୍ଧନ ଗ୍ୟାସ୍ ଦରରୁ ଗ୍ରାହକଙ୍କୁ ମିଳିନି ଆଶ୍ୱସ୍ତି। ହେଲେ ସରକାର ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ଉପଭୋକ୍ତାଙ୍କୁ ବଡ଼ ଧରଣର ଆଶ୍ୱସ୍ତି ଦେଇଛନ୍ତି। ରାଷ୍ଟ୍ରାୟତ୍ତ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ପୁଣି ଥରେ ଗ୍ୟାସ ସିଲିଣ୍ଡର ମୂଲ୍ୟରେ ହ୍ରାସ ଘଟାଇଛନ୍ତି। ଏଥର ମୂଲ୍ୟ ସିଲିଣ୍ଡର ପିଛା ୫୧ ଟଙ୍କା ହ୍ରାସ କରାଯାଇଛି। ହେଲେ ରନ୍ଧନ ଗ୍ୟାସ୍ ମୂଲ୍ୟରେ ଏହି ହ୍ରାସ କେବଳ ୧୯ କିଲୋଗ୍ରାମ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର କ୍ଷେତ୍ରରେ କରାଯାଇଛି। ମୂଲ୍ୟରେ ଏହି ପରିବର୍ତ୍ତନ ପରେ ନୂଆଦିଲ୍ଲୀରେ ୧୯ କିଲୋଗ୍ରାମ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୧୫୮୦ ଟଙ୍କା ହୋଇଛି। ବର୍ତ୍ତମାନ ଦିଲ୍ଲୀରେ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୧୬୩୧.୫୦ ଟଙ୍କା ରହିଛି। ନୂତନ ମୂଲ୍ୟ ସେପ୍ଟେମ୍ବର ୧ ରୁ ଲାଗୁ ହୋଇଛି। ଅପରପକ୍ଷେ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ଘରୋଇ ଏଲପିଜି ଗ୍ୟାସ ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ କରିନାହାନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଚଳିତବର୍ଷର ମାର୍ଚ୍ଚ ମାସ ବ୍ୟତୀତ ଜାନୁଆରୀ ପହିଲାଠାରୁ ୧୯ କିଲୋଗ୍ରାମ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ମୂଲ୍ୟ ନିରନ୍ତର ହ୍ରାସ କରାଯାଉଛି। ଜାନୁଆରୀ ପହିଲାରେ ଏହା ୧୪.୫୦ ଟଙ୍କା ହ୍ରାସ କରାଯାଇଥିଲା। ଏହା ପରେ ଫେବୃଆରୀରେ ମଧ ମୂଲ୍ୟ ୭ ଟଙ୍କା ହ୍ରାସ ପାଇଥିଲା। ତଥାପି, ମାର୍ଚ୍ଚ ପହିଲାରେ ମଧ ମୂଲ୍ୟ ୬ ଟଙ୍କା ବୃଦ୍ଧି କରାଯାଇଥିବାବେଳେ ଏପ୍ରିଲ ୧ ରେ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୪୧ ଟଙ୍କା ହ୍ରାସ କରାଯାଇଥିଲା। ଏହାପରେ, ମେ' ୧ ରେ ୧୪ ଟଙ୍କା ଏବଂ ଜୁନ୍ ୧ ରେ ୨୪ ଟଙ୍କା ହ୍ରାସ କରାଯାଇଥିଲା। ଜୁଲାଇ ୧ ରେ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟରେ ୫୮.୫୦ ଟଙ୍କା ଏକ ବଡ଼ ହ୍ରାସ କରାଯାଇଥିଲା। ଏହାପରେ, ଅଗଷ୍ଟ ୧ ରେ ଆଉ ଏକ ୩୩.୫୦ ଟଙ୍କା ହ୍ରାସ କରାଯାଇଥିଲା।

# ଆମେରିକା ଉପରୁ ଶୁଳ୍କ କମାଇବ ଭାରତ: ଟ୍ରମ୍ପ୍

ୱାଶିଂଟନ୍,୧।୯ (ଏଜେନ୍ସି)




ବିଶ୍ୱରେ ଭାରତ ଉପରେ ସର୍ବାଧିକ ଟାରିଫ୍ ଲାଗୁ କରି ବେଶ ସମାଲୋଚନାର ଶିକାର ହେଉଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଆଉ ଏକ ବୟାନ ଦେଇ ଚର୍ଚ୍ଚାରେ ରହିଛନ୍ତି। ଟ୍ରମ୍ପ୍ ଦାବି କରିଛନ୍ତି ଯେ, ଭାରତ ଏବେ ଆମେରିକା ଉପରେ ଶୁଳ୍କ ହ୍ରାସ କରିବାକୁ ପ୍ରସ୍ତାବ ଦେଇଛି, କିନ୍ତୁ ଏଥିରେ ବହୁତ ଡେରି ହୋଇଯାଇଛି। ଭାରତ ସହିତ ବାଣିଜ୍ୟ ସମ୍ପର୍କକୁ 'ଏକ ପାକ୍ଷିକ' ବୋଲି ବର୍ଣ୍ଣନା କରି ସେ କହିଛନ୍ତି ଯେ ଭାରତ ଆମେରିକାକୁ ବହୁତ ସାମଗ୍ରୀ ବିକ୍ରି କରେ, କିନ୍ତୁ ଆମେରିକା ଭାରତକୁ ବହୁତ କମ୍ ସାମଗ୍ରୀ ବିକ୍ରି କରିବାକୁ ସକ୍ଷମ।

ଟ୍ରମ୍ପ ତାଙ୍କର ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି ଯେ ଭାରତ ଆମେରିକୀୟ ସାମଗ୍ରୀ ଉପରେ ବହୁତ ଅଧିକ ଶୁଳ୍କ ଲଗାଇଛି, ଯାହା ଫଳରେ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଭାରତରେ ସାମଗ୍ରୀ ବିକ୍ରି କରିବା କଷ୍ଟକର ହୋଇପଡିଛି। ଏହା ଏକ ସମ୍ପୂର୍ଣ୍ଣ ଏକପାଖିଆ ବିପର୍ଯ୍ୟୟ ହୋଇଛି। ସେ ଏହା ମଧ କହିଛନ୍ତି ଯେ ଭାରତ ଏହାର ଅଧିକାଂଶ ତେଲ ଏବଂ ସାମରିକ ଉପକରଣ ଆମେରିକାରୁ ନୁହେଁ, ରୁଷରୁ କିଣେ। ଟ୍ରମ୍ପ ଏହାକୁ ଏକ ବର୍ଷ ପୁରୁଣା ସମସ୍ୟା ବୋଲି କହିଥିଲେ ଏବଂ କହିଥିଲେ ଯେ ଭାରତ ପୂର୍ବରୁ ଶୁଳ୍କ ହ୍ରାସ କରିବା ଉଚିତ ଥିଲା। ଟ୍ରମ୍ପ୍‌ଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ କିଛି ଘଣ୍ଟା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏସ୍‌ସିଓ ଶିଖର ସମ୍ମିଳନୀ ସମୟରେ ଚୀନରେ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଭେଟିଛନ୍ତି।

ଠିକ୍ ଏହି ସମୟରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି ଯେ ଭାରତ-ଆମେରିକା ବନ୍ଧୁତା ଏକ ବିଶେଷ ସମ୍ପର୍କ। ଏହା ଏକବିଂଶ ଶତାବ୍ଦୀର ସବୁଠାରୁ ବିଶେଷ ସହଭାଗିତା। ସେ କହିଛନ୍ତି ଯେ ଏହି ମାସରେ ଉଭୟ ଦେଶ ସେମାନଙ୍କର ଲୋକ, ପ୍ରଗତି ଏବଂ ନୂତନ ସମ୍ଭାବନା ଉପରେ ଧ୍ୟାନ ଦେଉଛନ୍ତି। ନୂତନ ପ୍ରଯୁକ୍ତିବିଦ୍ୟା, ବ୍ୟବସାୟ, ପ୍ରତିରକ୍ଷା ଏବଂ ପାରସ୍ପରିକ ସମ୍ପର୍କ ସହିତ ଏହି ବନ୍ଧୁତା ଆହୁରି ଗଭୀର ହେଉଛି। ମାର୍କୋ ରୁବିଓ କହିଛନ୍ତି- ଏହି ବନ୍ଧୁତା ଉଭୟ ଦେଶର ଲୋକଙ୍କ ପ୍ରେମ ଏବଂ ବିଶ୍ୱାସ ଉପରେ ଚାଲିଥାଏ। ଉଭୟ ଦେଶ ଏକାଠି ନୂତନ ସୁଯୋଗ ଅନୁସନ୍ଧାନ କରୁଛନ୍ତି, ଯେପରିକି ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଏବଂ ସଂସ୍କୃତିରେ ପରସ୍ପରକୁ ସମର୍ଥନ କରିବା।

# ନୂଆ ରେକର୍ଡ ସ୍ତରରେ ସୁନା, ରୁପା

ଭୁବନେଶ୍ୱର,୧।୯ (ଏଜେନ୍ସି)



- ୧୦ ଗ୍ରାମ ପିଛା ୧.୦୫ ଲକ୍ଷ ଟପିଲା
- ରୁପା କିଲୋ ୧.୨୮ ଲକ୍ଷ ଉପରେ
- ୨୨ କ୍ୟାରେଟ୍ ସୁନା ୯୭,୫୦୦ ଟଙ୍କା ଛୁଇଁଲା

ସୁନା ଅମୁଲ ମୂଲ। ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଦର। ଆମେରିକା ଦ୍ୱାରା ସାରା ବିଶ୍ୱ ଉପରେ ଲାଗୁ ହୋଇଥିବା ବାଣିଜ୍ୟ ଶୁଳ୍କ ଏବଂ ବିଶ୍ୱ ବଜାରରେ ଅନିଶ୍ଚିତତା କାରଣ ଯୋଗୁ ଦୌଡୁଛି ସୁନା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଦୈନିକ ପୁରୁଣା ସ୍ଥାନରେ ପ୍ରତିଷ୍ଠା ହେଉଛି ସୁନା ଦରର ନୂଆ ରେକର୍ଡ। ଦିନକୁ ନୂଆ ନୂଆ ରେକର୍ଡ ସ୍ତରରେ ପହଞ୍ଚୁଛି ଏହି ହଳଦିଆ ଧାତୁ। ହେଲେ ଏଥିରେ ରୁପା ବି ପଛରେ ପଡିନି। ଏବେ ସୁନା ସହ ରୁପା ଦର ମଧ ସବୁ ରେକର୍ଡ ପାର୍ କରିଯାଇଛି। ଇତିମଧ୍ୟରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ୧.୦୫ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଏମ୍‌ସିଏକ୍ସରେ ସୁନା ମୂଲ୍ୟ ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି ପ୍ରଥମ ଥର ପାଇଁ ପ୍ରତି ୧୦ ଗ୍ରାମ ୧,୦୫,୭୨୯ ଟଙ୍କାର ନୂତନ ସର୍ବୋଚ୍ଚ ସ୍ତର ଛୁଇଁଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୫,୮୭୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ମଧ ୧୦ ଗ୍ରାମ ପିଛା ପ୍ରଥମ କରି ୯୭,୦୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୨୮,୯୦୦ ଟଙ୍କା ସ୍ତର ଟପି ନୂଆ ଇତିହାସ ରଚିଛି। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ୍ ରିଜର୍ଭ ଦ୍ୱାରା ନୀତିଗତ ସୁଧ ହାରରେ ହ୍ରାସ ସମ୍ଭାବନା ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ନେଇ ଲାଗିରହିଥିବା ଅନିଶ୍ଚିତତା ଯୋଗୁଁ ସୁନା ଏବଂ ରୁପା ମୂଲ୍ୟରେ ଏହି ବୃଦ୍ଧି ଦେଖାଯାଇଥିବା କୁହାଯାଉଛି।

ସୋମବାର ଦିନ ସପ୍ତାହର ପ୍ରଥମ ବ୍ୟବସାୟ କାରବାରରେ ଏମ୍‌ସିଏକ୍ସରେ ସୁନାର ମୂଲ୍ୟ ୧,୦୩,୮୯୯ ଟଙ୍କାରେ ପହଞ୍ଚିଥିଲା। ପରେ ଦିନ ୧୨ଟା ସମୟରେ ଏହା ୧,୦୫,୭୨୯ ଟଙ୍କା ଉଚ୍ଚତମ ସ୍ତରରେ ଛୁଇଁଥିଲା। ରାଜଧାନୀ ନୂଆଦିଲ୍ଲୀରେ ପ୍ରତି ୧୦ ଗ୍ରାମ ପିଛା ସୁନା ମୂଲ୍ୟରେ ୧୮୩୦ ଟଙ୍କା ବୃଦ୍ଧି ଘଟିଥିବା ଜଣାପଡିଛି। କେବଳ ସୁନା ନୁହେଁ, ରୂପାର ମୂଲ୍ୟ ମଧ ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ବହୁ ଗୁଣ ବୃଦ୍ଧି ପାଇଥିଲା। ସେହିପରି ରୁପା ମୂଲ୍ୟରେ ପ୍ରାୟ ୩୦୦୦ ଟଙ୍କା ପ୍ରତି କିଲୋଗ୍ରାମ ପିଛା ବୃଦ୍ଧି ଘଟି ୧,୨୪,୯୯୦ ଟଙ୍କାରେ ପହଞ୍ଚିଛି।

# ଟିସିଏ କଲ୍ୟାଣୀ ନୂଆ ସିଜିଏ

ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ଭାରତୀୟ ସିଭିଲ୍ ଆକାଉଣ୍ଟସ୍ ସେବା (ଆଇସିଏଏସ୍)ର ୧୯୯୧ ବ୍ୟାଚ୍ ଅଧିକାରୀ ଟି.ସି.ଏ. କଲ୍ୟାଣୀ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗରେ ନୂତନ ଆକାଉଣ୍ଟସ୍ ମହାନିୟନ୍ତ୍ରକ (ସିଜିଏ) ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହି ସମ୍ମାନଜନକ ପଦବୀରେ ଅବସ୍ଥାପିତ ହୋଇଥିବା ୨୯ ତମ ଅଧିକାରୀ।



ଶ୍ରୀମତୀ କଲ୍ୟାଣୀ ଲେଡି ଶ୍ରୀରାମ କଲେଜରୁ ରାଜନୀତି ବିଜ୍ଞାନରେ ବି.ଏ. ସହିତ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣ ପଦକ ବିଜେତା। ସେ ଜବାହାରଲାଲ ବିଶ୍ୱବିଦ୍ୟାଳୟରୁ ଅନ୍ତର୍ଜାତୀୟ ରାଜନୀତିରେ ଏମ୍‌ଏ ଏବଂ ପଶ୍ଚିମ ୟୁରୋପୀୟ ଅଧ୍ୟୟନରେ ଏମ୍‌ଫିଲ୍ ମଧ ହାସଲ କରିଛନ୍ତି। ୩୪ବର୍ଷରୁ ଅଧିକ ସମୟ ଧରି ବିଶିଷ୍ଟ ସେବା ସହିତ କଲ୍ୟାଣୀ ସାର୍ବଜନୀନ ଆର୍ଥିକ ପରିଚାଳନା, ଆକାଉଣ୍ଟିଂ, ଶାସନ ଏବଂ ପ୍ରଶାସନରେ ବ୍ୟାପକ ବିଶେଷଜ୍ଞତା ଆଣିଛନ୍ତି।

## ଏସ୍‌ସିଓ ସମ୍ମିଳନୀରେ ଭାରତ-ଚୀନ୍ ବାଣିଜ୍ୟ ଚୁକ୍ତିନାମା

# ଲିପୁଲେଖ ବାଣିଜ୍ୟ ପଥ ବ୍ୟବହାରକୁ ନେଇ ନେପାଳର ଆପତ୍ତି

ନୂଆଦିଲ୍ଲୀ,୧।୯ (ଏଜେନ୍ସି): ଏସ୍‌ସିଓ ସମ୍ମିଳନୀ ଅବସରରେ ଭାରତ ଏବଂ ଚୀନ୍ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ପ୍ରକଳ୍ପ ଉପରେ ସହଯୋଗ ବୃଦ୍ଧି, ବିଭିନ୍ନ କ୍ଷେତ୍ରରେ ରଣନୈତିକ ବିଶ୍ୱାସ ଏବଂ ସହଯୋଗକୁ ମଜବୁତ କରିବା ବିଷୟରେ ଆଲୋଚନା କରିଥିଲେ। ଏଥିରେ ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ତିଆନଜିନରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିଥିଲେ। ଲିପୁଲେଖକୁ ବାଣିଜ୍ୟ ପଥ ଭାବରେ ବ୍ୟବହାର କରିବା ପାଇଁ ଭାରତ ଏବଂ ଚୀନ୍ ମଧ୍ୟରେ ହୋଇଥିବା ଚୁକ୍ତିନାମା ଉପରେ ଓଲି ଆପତ୍ତି ଉଠାଇଥିଲେ। ନେପାଳ ଲିପୁଲେଖକୁ ନିଜର ଅଞ୍ଚଳ ବୋଲି କହୁଛି। ଭାରତ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ଏହା ସଠିକ୍ ନୁହେଁ କିମ୍ବା ଐତିହାସିକ ତଥ୍ୟ ଏବଂ ପ୍ରମାଣ ଉପରେ ଆଧାରିତ ନୁହେଁ। ନେପାଳ ବିଶ୍ୱାସ କରେ ଯେ ଚୀନ୍ ଏହି କ୍ଷେତ୍ରରେ ନେପାଳକୁ ସହଯୋଗ କରିବ। ତଥାପି, ଚୀନ୍ ନେପାଳ ପ୍ରଧାନମନ୍ତ୍ରୀଙ୍କ ଆପତ୍ତି ଉପରେ କୌଣସି ମନ୍ତବ୍ୟ ଦେଇନାହିଁ। ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ଜାରି ସରକାରୀ ବିବୃତ୍ତିରେ ଏହି ପ୍ରସଙ୍ଗର କୌଣସି ଉଲ୍ଲେଖ କରାଯାଇ ନାହିଁ। ପ୍ରଧାନମନ୍ତ୍ରୀ ଓଲିଙ୍କ ସଚିବାଳୟ କହିଛି ଯେ ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ଏବଂ ସହଯୋଗକୁ ମଜବୁତ କରିବା ପାଇଁ ମଧ ସହମତ ହୋଇଛନ୍ତି।

ବୈଠକ ପରେ ଚୀନ୍‌ରେ ଥିବା ନେପାଳୀ ଦୂତାବାସ ଏକ ବିବୃତ୍ତି ଜାରି କରିଥିଲା। ଏଥିରେ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ଓଲି ବିଆର୍‌ଆଇ ପ୍ରକଳ୍ପ ଅଧୀନରେ ପୂର୍ବରୁ ଚାଲିଥିବା ସମସ୍ତ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ଆଶା କରିଛନ୍ତି। ଓଲି ସାର, ପେଟ୍ରୋଲିୟମ୍, ଅନୁସନ୍ଧାନ, ମାନବ ସମ୍ବଳ, ବିକାଶ, ଜଳବାୟୁ ପରିବର୍ତ୍ତନ ମୁକାବିଲା ଭଳି କ୍ଷେତ୍ରରେ ସମର୍ଥନ ପାଇଁ ଚୀନ୍‌କୁ ନିବେଦନ କରିଛନ୍ତି। ଚୀନ୍‌ର ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଜିନପିଙ୍ଗ ଓଲିଙ୍କୁ କହିଛନ୍ତି ଯେ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ ଉପରେ ଚୀନ୍-ନେପାଳ ସହଯୋଗ ନିରନ୍ତର ପ୍ରଗତିଶୀଳ ହେଉଛି ଏବଂ ଉଭୟ ଦେଶର ଲୋକମାନେ ପରସ୍ପରର ନିକଟତର ହେଉଛନ୍ତି। ଜିନପିଙ୍ଗ କହିଛନ୍ତି ଯେ ଉଭୟ ପକ୍ଷ ପାରସ୍ପରିକ ରଣନୈତିକ ବିଶ୍ୱାସ ବୃଦ୍ଧି କରିବା ଉଚିତ ଏବଂ ପରସ୍ପରର ମୂଳ ସ୍ୱାର୍ଥ ଏବଂ ପ୍ରମୁଖ ଚିନ୍ତାଧାରା ସହିତ ଜଡିତ ପ୍ରସଙ୍ଗଗୁଡ଼ିକୁ ସମର୍ଥନ କରିବା ଉଚିତ। ସେ ଆହୁରି କହିଛନ୍ତି ଯେ ସେମାନେ ଶିଳ୍ପ, କୃଷି ଏବଂ ପଶୁପାଳନ, ନୂତନ ଶକ୍ତି, ପରିବେଶ ସୁରକ୍ଷା, ତୈଳ ଏବଂ ଗ୍ୟାସ୍, କୃତ୍ରିମ ବୁଦ୍ଧିମତ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ଆଇନ ପ୍ରବର୍ତ୍ତନ ଏବଂ ସୁରକ୍ଷା କ୍ଷେତ୍ରରେ ସହଯୋଗକୁ ପ୍ରୋତ୍ସାହିତ କରିବା ଉଚିତ। ଓଲି କହିଛନ୍ତି ଯେ ନେପାଳ-ଚୀନ୍ ସମ୍ପର୍କ ଅନେକ ଉତ୍ଥାନ-ପତନ ଦେଖିଛି ଏବଂ ସମୟ ସହିତ ଆହୁରି ମଜବୁତ ହୋଇଛି। ଉଭୟ ପକ୍ଷ ସର୍ବଦା ପରସ୍ପରକୁ ସମ୍ମାନ ଏବଂ ବିଶ୍ୱାସ କରିଆସିଛନ୍ତି ଏବଂ ପରସ୍ପରର ଚିନ୍ତାଧାରା ପ୍ରତି ଯତ୍ନ ନେଇଛନ୍ତି। ଚୀନ୍ ସହିତ ସହଯୋଗ ନେପାଳର ଆର୍ଥିକ ଏବଂ ସାମାଜିକ ବିକାଶକୁ ପ୍ରୋତ୍ସାହିତ କରିଛି।

# ଚଳନ୍ତି ଖାତା ନିଅଣ୍ଟ ୨.୪ ବିଲିୟନ ଡଲାରକୁ ହ୍ରାସ

**ରିଜର୍ଭ ବ୍ୟାଙ୍କ ତଥ୍ୟ**

ନୂଆଦିଲ୍ଲୀ,୧।୯ (ଏଜେନ୍ସି): ଜୁନ୍ ତ୍ରୈମାସିକରେ ଭାରତର ଚଳନ୍ତି ଖାତା ନିଅଣ୍ଟ (ସିଏଡି) ୨.୪ ବିଲିୟନ ଡଲାରକୁ ହ୍ରାସ ପାଇଛି। ଏହା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୦.୨ ପ୍ରତିଶତ ଥିଲା, ଯାହା ଗତ ବର୍ଷ ସମାନ ଅବଧିରେ ୮.୬ ବିଲିୟନ ଡଲାର (ଜିଡିପିର ୦.୯ ପ୍ରତିଶତ) ଥିଲା। ୨୦୨୪-୨୫ ପାଇଁ ଭାରତ ୨୩.୩ ବିଲିୟନ ଡଲାର (ଜିଡିପିର ୦.୬ ପ୍ରତିଶତ) ସିଏଡି ରେକର୍ଡ କରିଛି। ଏହା ୨୦୨୩-୨୪ ରେ ୨୬ ବିଲିୟନ ଡଲାର (ଜିଡିପିର ୦.୭ ପ୍ରତିଶତ)ରୁ କମ୍। ରିଜର୍ଭ ବ୍ୟାଙ୍କ ଏକ ବିବୃତ୍ତିରେ କହିଛି ଯେ ଭାରତର ଚଳନ୍ତି ଖାତା ବାଲାନ୍ସ ୨୦୨୫-୨୬ର ପ୍ରଥମ ତ୍ରୈମାସିକରେ ୨.୪ ବିଲିୟନ ଡଲାର କ୍ଷତି ରେକର୍ଡ କରିଛି। ସେହି ସମୟରେ, ୨୦୨୪-୨୫ର ପ୍ରଥମ ତ୍ରୈମାସିକରେ ଏହା ୮.୬ ବିଲିୟନ ଡଲାର ଥିଲା ଏବଂ ୨୦୨୪-୨୫ ର ଚତୁର୍ଥ ତ୍ରୈମାସିକରେ ୧୩.୫ ବିଲିୟନ ଡଲାର (ଜିଡିପି ର ୧.୩ ପ୍ରତିଶତ) ବଳକା ଥିଲା। ଏହି ତ୍ରୈମାସିକରେ ପଣ୍ୟଦ୍ରବ୍ୟ ବାଣିଜ୍ୟ ନିଅଣ୍ଟ ୬୮.୫ ବିଲିୟନ ଡଲାର ଥିଲା।

# ବେଦାନ୍ତ ଲାଞ୍ଜିଗଡ଼ ପକ୍ଷରୁ ମାସିକ ମେଗା ସ୍ୱାସ୍ଥ୍ୟ ଶିବିର


ଲାଞ୍ଜିଗଡ଼, ୧।୯ (ସମିସ): ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଏହାର ସିଏସଆର ସ୍ୱାସ୍ଥ୍ୟସେବା ପଦକ୍ଷେପ ପ୍ରକଳ୍ପ ଆରୋଗ୍ୟ ଅଂଶ ଭାବରେ ସମ୍ପ୍ରତି ଲାଞ୍ଜିଗଡ଼ ବ୍ଲକର ୧୩ଟି ଗ୍ରାମକୁ କଭର କରି କାନକୁଟ୍ରୁ ଗ୍ରାମ ପଞ୍ଚାୟତରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ଶିବିରରେ ପ୍ରାୟ ୪୦୦ ହିତାଧିକାରୀଙ୍କୁ ମାଗଣା ପରାମର୍ଶ, ରୋଗ ଚିହ୍ନଟ ଏବଂ ଔଷଧ ପ୍ରଦାନ କରି ଗ୍ରାମୀଣ ସମ୍ପ୍ରଦାୟକୁ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲା। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଏକ ଉତ୍ସର୍ଗୀକୃତ ଦଳ ମାଗଣା ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ପ୍ରଦାନ କରିଥିଲେ ଏବଂ ପ୍ରତିରୋଧକ ଯତ୍ନ ଏବଂ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ସମ୍ପର୍କରେ ମଧ ସଚେତନତା ସୃଷ୍ଟି କରିଥିଲେ, ଯାହା ଦୂରଦୂରାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ସାହାଯ୍ୟ କରିଥିଲା। ସାମୁଦାୟିକ କଲ୍ୟାଣ ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତାର ଅଂଶ ଭାବରେ, କମ୍ପାନୀ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ନିୟମିତ ଅତ୍ୟାବଶ୍ୟକ ଚିକିତ୍ସା ସେବା ସୁନିଶ୍ଚିତ କରିବା ପାଇଁ ମାସିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥାଏ।




ବେଦାନ୍ତର ଆଲୁମିନା ବ୍ୟବସାୟର ସିଇଓ ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି: ସ୍ୱାସ୍ଥ୍ୟସେବା ଏକ ମୌଳିକ ଅଧିକାର, ତଥାପି ଅନେକ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଏହାର ପ୍ରାପ୍ୟତା ଏକ ଚ୍ୟାଲେଞ୍ଜ ହୋଇ ରହିଛି। କଳାହାଣ୍ଡି ଜିଲ୍ଲାରେ, ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ, ଆମେ ବାର୍ଷିକ ୬୦,୦୦୦ରୁ ଅଧିକ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରୁ।

# ଭାରତରେ ଡାଟା ସେଣ୍ଟର ନିର୍ମାଣ କରିବ ଓପନ୍‌ଏଆଇ

ନୂଆଦିଲ୍ଲୀ,୧।୯ (ଏଜେନ୍ସି)




**୫୦୦ ବିଲିୟନ ଡଲାରର ନିବେଶ**

ଚାଟଜିପିଟି ନିର୍ମାତା ଓପନଏଆଇ ଭାରତରେ ଅତି କମ୍‌ରେ ୧ ଜିଡବ୍ଲ୍ୟୁ କ୍ଷମତା ବିଶିଷ୍ଟ ଏକ ଡାଟା ସେଣ୍ଟର ସ୍ଥାପନ କରିବାକୁ ଯୋଜନା କରିଛି। ଏଥିପାଇଁ କମ୍ପାନୀ ଏକ ସ୍ଥାନୀୟ ପାର୍ଟନର ଖୋଜୁଛି। ସୂଚନାନୁଯାୟୀ, ମାଇକ୍ରୋସଫ୍ଟ-ସମର୍ଥିତ ଓପନଏଆଇ ଆନୁଷ୍ଠାନିକ ଭାବରେ ଭାରତରେ ଏକ ଆଇନଗତ ଫାର୍ମ ଭାବରେ ପଞ୍ଜିକୃତ ହୋଇଛି ଏବଂ ଏକ ସ୍ଥାନୀୟ ଦଳ ନିର୍ମାଣ ଆରମ୍ଭ କରିଛି। କମ୍ପାନୀ ଅଗଷ୍ଟରେ କହିଥିଲା ଯେ ଏହା ଏହାର ଦ୍ୱିତୀୟ ସର୍ବବୃହତ ଉପଭୋକ୍ତା ବଜାରରେ ନିଜର ଉପସ୍ଥିତି ବୃଦ୍ଧି କରିବା ପାଇଁ ଏହି ବର୍ଷ ଶେଷ ସୁଦ୍ଧା ନୂଆଦିଲ୍ଲୀରେ ଏହାର ପ୍ରଥମ କାର୍ଯ୍ୟାଳୟ ଖୋଲିବ।

ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ, ନୂତନ ଡାଟା ସେଣ୍ଟର ଏସିଆରେ ଓପନଏଆଇର ଷ୍ଟାରଗେଟ୍ ବ୍ରାଣ୍ଡେଡ୍ ଏଆଇଭିତ୍ତିଭୂମି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପ୍ରମାଣିତ ହୋଇପାରେ। ତଥାପି, ଭାରତ ପ୍ରକଳ୍ପର ସଠିକ୍ ସ୍ଥାନ ଏବଂ ସମୟସୀମା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସିଇଓ ସାମ୍ ଅଲ୍ଟମ୍ୟାନ୍ ସେପ୍ଟେମ୍ବରରେ ଭାରତ ଗସ୍ତ ସମୟରେ ଏ ବିଷୟରେ ବିସ୍ତୃତ ସୂଚନା ଦେଇପାରନ୍ତି। ଷ୍ଟାରଗେଟ୍ ସମ୍ପର୍କରେ ଜାନୁଆରୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ।

ଏହି ପ୍ରକଳ୍ପକୁ ସଫ୍ଟବ୍ୟାଙ୍କ, ଓପନଏଆଇ ଏବଂ ଓରାକେଲ ସମର୍ଥନ କରୁଛନ୍ତି । ଏଥରେ ୫୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ନିବେଶ ପ୍ରସ୍ତାବ ରହିଛି। ଓପନଏଆଇ ଗତ ସପ୍ତାହରେ ଏକ ପ୍ରମୁଖ ପଦକ୍ଷେପ ଘୋଷଣା କରିଥିଲା, ଯାହା ଅଧୀନରେ ଭାରତରେ ଛାତ୍ର ଏବଂ ଶିକ୍ଷକମାନଙ୍କୁ ୬ ମାସ ପାଇଁ ୫ ଲକ୍ଷ ମାଗଣା ଚାଟଜିପିଟି ଲାଇସେନ୍ସ ଦିଆଯିବ। ଏହି ଯୋଜନାରେ ସରକାରୀ ସ୍କୁଲ (ଶ୍ରେଣୀ ୧ ରୁ ୧୨), ଇଞ୍ଜିନିୟରିଂ ଏବଂ ବୈଷୟିକ ପ୍ରତିଷ୍ଠାନ ଏବଂ କେ-୧୨ ଶିକ୍ଷକମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଓପନଏଆଇ ଉପାଧ୍ୟକ୍ଷ (ଶିକ୍ଷା) ଲିଆ ବେଲସ୍କି କହିଛନ୍ତି, ଆମେ ବିଶ୍ୱାସ କରୁଛୁ ଯେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାକୁ ପରିବର୍ତ୍ତନ କରିବାର ସମ୍ଭାବନା ରଖିଛି। ଏଆଇ ଏକ ବ୍ୟକ୍ତିଗତ ଜୀବନବ୍ୟାପୀ ଶିକ୍ଷକ ଏବଂ ଶିକ୍ଷଣ ଏଜେଣ୍ଟ ହୋଇପାରିବ। ଏହି ପଦକ୍ଷେପକୁ ଓପନଏଆଇ ଲର୍ଣ୍ଣିଂ ଆକ୍ସିଲେରେଟର କୁହାଯାଏ ଏବଂ ଏହା ଭାରତ-ଫାଷ୍ଟ କାର୍ଯ୍ୟକ୍ରମ।

## ଆଜିର ରାଶିଫଳ

**ମେଷ:** ଅଟକି ଥିବା କାର୍ଯ୍ୟ ପୂରଣ କରିବେ । ଆପଣଙ୍କ ପାଇଁ ସମୟ ବହୁତ ଭଲ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ଦାନଧର୍ମରେ ସମୟ ଅତିବାହିତ ହେବ ।

**ବୃଷ:** କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କଠାରୁ ପ୍ରଶଂସିତ ହେବେ । ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ଉଧାର ଟଙ୍କା ଫେରି ପାଇବେ ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ । ଆର୍ଥିକ ମାମଲାରେ ସାବଧାନ ରହିବେ । କଥା କହିବା ସମୟରେ ସଂଯମତା ରକ୍ଷା କରନ୍ତୁ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**କର୍କଟ:** ସାହିତ୍ୟ ସମାବେଶରେ ପ୍ରଶଂସିତ ହୋଇପାରନ୍ତି । ସମୟର ସଦୁପଯୋଗ କରନ୍ତୁ । ପାରିବାରିକ କଳହ ଦେଖା ଦେବ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**ସିଂହ:** ଆୟ ବ୍ୟୟ ସମାନ ହେବ । ଅକସ୍ମାତ୍ ଧନ ଲାଭ ଯୋଗ ରହିଛି । ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ । ବିଦ୍ୟାର୍ଥୀମାନେ ପଢ଼ାମନସ୍କ ହେବେ । ନିବେଶରୁ ଲାଭ ମିଳିବ ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ନିଜ ଟାର୍ଗେଟ୍‌କୁ ପୂରା କରନ୍ତୁ । ନୂତନ ଯାନବାହନ କ୍ରୟ କରିପାରନ୍ତି । ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଉତ୍ତମ ବୁଦ୍ଧିରେ କାର୍ଯ୍ୟ ପୂରା କରିବେ । ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି । ସକାରାତ୍ମକ ଚିନ୍ତାଧାରାରେ ଆଗକୁ ବଢ଼ନ୍ତୁ ।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ । ଆୟ ଅନୁସାରେ ବ୍ୟୟ ଅଧିକ ହେବ । ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ । ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ । ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ । କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି । ଦୂରସ୍ଥାନ ଯାତ୍ରା କରିପାରନ୍ତି । ରାଜନେତାଙ୍କ ପାଇଁ ଦିନଟି ଭଲ ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ । ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ । ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ । ଦିନଟି ବେଶ୍ ହସଖୁସିରେ ବିତିବ ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ । ଆର୍ଥିକ ସମସ୍ୟା ରହିବନି । ଅନ୍ୟକୁ ଉଧାର ଦେଇ ଠକି ପାରନ୍ତି । ଆୟ ଅନୁସାରେ ଅଧିକ ବ୍ୟୟ ହେବ । ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ ।

**ମୀନ:** ପାରିବାରିକ ମତଭେଦ ଦେଖା ଦେଇପାରେ । ଅନ୍ୟକୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ । ମହିଳାମାନେ ଅଯଥା ଖର୍ଚ୍ଚ କରିବେ । ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ ।

## ଆଜିର ଇତିହାସ

- ୧୯୧୯ - ଇଟାଲୀରେ ସର୍ବସାଧାରଣଙ୍କୁ ମତଦାନ ଅଧିକାର ଦିଆଗଲା ।
- ୧୯୪୫- ଭିଏତନାମ ସ୍ୱାଧୀନ ହୋଇଥିଲା ।
- ୧୯୬୯ - ବିଶ୍ୱର ପ୍ରଥମ ଏଟିଏମ୍ ନ୍ୟୁୟର୍କରୁ ଆରମ୍ଭ ହେଲ ।
- ୧୯୯୮ - ସ୍ୱିସ୍ ଏୟାର୍ ବିମାନ ଦୁର୍ଘଟଣାରେ ୨୨୯ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା ।
- ୨୦୦୯ - ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇ. ଏସ୍. ରାଜଶେଖର ରେଡ୍ଡୀଙ୍କୁ ନେଇ ଯାଉଥିବା ବିମାନ ଦୁର୍ଘଟଣାଗ୍ରସ୍ତ ।

# ପୁଣି ଫେରିବ ରଣବୀର-ଆଦିତ୍ୟ ଯୋଡ଼ି

ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ ଆଦିତ୍ୟ ଧରଙ୍କ ଫିଲ୍ମ 'ଧୁରନ୍ଧର'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଇତିମଧ୍ୟରେ ଆଦିତ୍ୟ ରଣବୀରଙ୍କୁ ନେଇ ଆଉ ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି ବୋଲି ଜଣାପଡ଼ିଛି । ଏହି ଯୋଡ଼ି ପୌରାଣିକ ବିଷୟବସ୍ତୁ ଉପରେ ଏକ ଫିଲ୍ମ ନିର୍ମାଣ କରୁଛନ୍ତି । ତେବେ ଏହି ଫିଲ୍ମର ଟାଇଟଲ୍ 'ଦ ଇମୋର୍ଟାଲ ଅଶ୍ୱଥାମା' ହେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । 'ଉରି: ଦ ସର୍ଜିକାଲ୍ ଷ୍ଟ୍ରାଇକ୍'ପରେ ଆଦିତ୍ୟ ଭିକି କୌଶଳଙ୍କୁ ନେଇ 'ଦ ଇମୋର୍ଟାଲ ଅଶ୍ୱଥାମା' ଫିଲ୍ମ ନିର୍ମାଣ କରିଥାନ୍ତେ । କିନ୍ତୁ ମହାମାରୀ ପରେ ବକ୍ସ ଅଫିସ୍ ସ୍ଥିତିକୁ ଦେଖି ଆଦିତ୍ୟ ଏହି ଫିଲ୍ମକୁ ବନ୍ଦ କରି ଦେଇଥିଲେ । ତେବେ ପୁଣିଥରେ ଆଦିତ୍ୟ ରଣବୀରଙ୍କୁ ନେଇ ସେହି ଫିଲ୍ମ ନିର୍ମାଣ କରିବେ ଏହାର ଆଶା ଖୁବ୍ କମ୍ ଲାଗୁଛି । 'ଧୁରନ୍ଧର' ଫିଲ୍ମ ସମୟରେ ଆଦିତ୍ୟ ଓ ରଣବୀରଙ୍କ ମଧ୍ୟରେ ଏକ ଭଲ ବଣ୍ଡିଂ ଦେଖିବାକୁ ମିଳିଥିଲା । ତେବେ ଆସନ୍ତା ବର୍ଷ ଆରମ୍ଭରେ ଆଦିତ୍ୟ ତାଙ୍କର ଏହି ନୂଆ ଫିଲ୍ମର କାହାଣୀ ଉପରେ କାମ ଆରମ୍ଭ କରିଦେବେ । ଏହାର କାହାଣୀ ଲେଖା ସରୁ ସରୁ ରଣବୀର 'ଡନ୍-୩'ର ସୁଟିଂ ସାରି ଦେଇଥିବେ । ୨୦୨୭ ଆରମ୍ଭରୁ ଏହାର ସୁଟିଂ ଆରମ୍ଭ ହୋଇପାରେ । 'ଧୁରନ୍ଧର' ଫିଲ୍ମର ଆଉ ୩୫-୪୦ ଦିନର ସୁଟିଂ ବାକି ଅଛି । ଫିଲ୍ମ ନିର୍ମାତା ଏହାକୁ ଡିସେମ୍ବର ୫ରେ ରିଲିଜ୍ କରିବା ପାଇଁ ଯୋଜନା ରଖିଛନ୍ତି । ଏଥିରେ ରଣବୀରଙ୍କ ସହ ଆର୍. ମାଧବନ୍, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ୍ ରାମପାଲ, ସାରା ଅର୍ଜୁନ୍ ପ୍ରମୁଖ ନଜର ଆସିବେ ।



# ଶ୍ରୀଫଳ ପାଇଁ ଦିନଟିଏ



ବିଶ୍ୱର ସର୍ବାଧିକ ଉପାଦେୟ ବୃକ୍ଷ ହେଉଛି ନାରିକେଳ ବା ନଡ଼ିଆ । ସ୍ୱାସ୍ଥ୍ୟ ଓ ସଂସ୍କୃତି ପ୍ରତି ଏହାର ଅବଦାନ ଅତୁଳନୀୟ । ଏହାର ଉପାଦେୟତା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ସେପ୍ଟେମ୍ବର ୨ ତାରିଖରେ ବିଶ୍ୱ ନାରିକେଳ ବା ନଡ଼ିଆ ଦିବସ ପାଳନ କରାଯାଏ । ୨୦୦୯ ସେପ୍ଟେମ୍ବର ୨ ତାରିଖରେ 'ଏସିଆ ପ୍ୟାସିଫିକ୍ କୋକୋନଟ୍ କମ୍ୟୁନିଟି' ଗଠନ କରାଯାଇଥିଲା । ଏହାର ପ୍ରତିଷ୍ଠା ଦିବସ ଉପଲକ୍ଷେ 'ବିଶ୍ୱ ନାରିକେଳ ଦିବସ' ପାଳନ କରାଯାଏ । ନଡ଼ିଆ ଚାଷ ଓ ତା'ର ଉତ୍ପାଦନ କିପରି ବୃଦ୍ଧି କରାଯାଇ ପାରିବ, ତାହା ଉପରେ ଗୁରୁତ୍ୱ ପ୍ରଦାନ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ । ଏହାସହ ସ୍ୱାସ୍ଥ୍ୟ ପାଇଁ ନଡ଼ିଆର ଆବଶ୍ୟକତା ବିଷୟରେ ବି ସଚେତନତା ସୃଷ୍ଟି କରାଯାଇଥାଏ । ଭାରତରେ ଏହି ଦିବସକୁ କୋକୋନଟ୍ ଡେଭଲପ୍‌ମେଣ୍ଟ ବୋର୍ଡ ଦ୍ୱାରା ନଡ଼ିଆ ଚାଷ କରାଯାଉଥିବା ଅଞ୍ଚଳଗୁଡ଼ିକରେ ପାଳନ କରାଯାଉଛି । ଭାରତୀୟ ସଂସ୍କୃତିରେ ନଡ଼ିଆ ବା ଶ୍ରୀଫଳର ଗୁରୁତ୍ୱ ଯଥେଷ୍ଟ ଅଧିକ । 'ଶ୍ରୀ' ଶବ୍ଦର ଅର୍ଥ ହେଉଛି 'ଶ୍ରେଷ୍ଠ'। ଫଳମାନଙ୍କ ଭିତରେ ନଡ଼ିଆ ଶ୍ରେଷ୍ଠ ହୋଇଥିବାରୁ ଏହାର ନାମ ଶ୍ରୀଫଳ । ଈଶ୍ୱରଙ୍କୁ ସର୍ବଦା ଭଲ ବା ଶ୍ରେଷ୍ଠ ଦ୍ରବ୍ୟ ହିଁ ଅର୍ପଣ କରାଯିବାର ବିଧି ରହିଛି । ତେଣୁ ପ୍ରତ୍ୟେକ ପୂଜା ପାଠରେ ନଡ଼ିଆର ବ୍ୟବହାର ହୋଇଥାଏ । ସେହିଭଳି ସବୁ ଦେବଦେବୀଙ୍କୁ ଆବାହନ କରିବାବେଳେ ନଡ଼ିଆର ଆବଶ୍ୟକତା ପଡ଼ିଥାଏ । ଭାରତରେ ମନ୍ଦିରରେ ପ୍ରମୁଖ ଦାନ ଭାବରେ ନଡ଼ିଆକୁ ଗ୍ରହଣ କରାଯାଏ । ବିବାହ, ବ୍ରତୋପନୟନ, ପର୍ବପର୍ବାଣି, ନୂତନ ଯାନବାହନ କ୍ରୟବେଳେ ମଧ୍ୟ ଭଗବାନଙ୍କ ପାଖରେ ଶ୍ରୀଫଳ ସମର୍ପଣ କରାଯାଏ । ଶୁଭ କଳସ ସ୍ଥାପନା ହେଉ କି ଭୋଗ କିମ୍ବା ପ୍ରସାଦରେ ନାସିଲଗା ନଡ଼ିଆ ବ୍ୟବହାର ତ ନିଶ୍ଚୟ ହୋଇଥାଏ । ସେହିଭଳି ନଡ଼ିଆ ଗଛର ସମସ୍ତ ଅଙ୍ଗ ଆମ କାମରେ ଲାଗେ । ନଡ଼ିଆ ରସରୁ ତେଲ, ନଡ଼ିଆକତାରୁ ବିଭିନ୍ନ ପ୍ରକାର ସାମଗ୍ରୀ ଓ ସାଜସରଞ୍ଜାମ ପ୍ରସ୍ତୁତ ହୋଇଥାଏ । ନଡ଼ିଆ ଗଛର ଗଣ୍ଡିକୁ ଖୁଣ୍ଟ ରୂପରେ ଏବଂ ବାହୁଙ୍ଗାକୁ ଛପର ରୂପରେ ବ୍ୟବହାର କରାଯାଏ । ଦକ୍ଷିଣ ଭାରତରେ ନଡ଼ିଆର ଉପଯୋଗ ବହୁ ଅଧିକ ସେଥିପାଇଁ ସେଠାରେ ଏହାକୁ 'ସବୁଜ ସୁନା' ବୋଲି କୁହାଯାଏ । ସମୁଦ୍ରକୂଳିଆ ଲୁଣିଆ ଅଞ୍ଚଳ ନଡ଼ିଆ ଚାଷ ପାଇଁ ଭଲ ହୋଇଥାଏ । ନଡ଼ିଆ ଯୋଗୁଁ ସମୃଦ୍ଧ ହୋଇଥିବା ଅଞ୍ଚଳରେ ଦକ୍ଷିଣ ପୂର୍ବ ଏସିଆ, ଇଣ୍ଡୋନେସିଆ, ଭାରତ, ଅଷ୍ଟ୍ରେଲିଆ ପ୍ରଶାନ୍ତ ମହାସାଗର ଦ୍ୱୀପପୁଞ୍ଜ, ଦକ୍ଷିଣ ଆମେରିକା, ଆଫ୍ରିକା ଆଦି ରହିଛି । ଆମ ଦେଶରେ ତାମିଲନାଡୁ, କେରଳ ଏବଂ କର୍ଣ୍ଣାଟକ ଅଧିକ ପରିମାଣରେ ନଡ଼ିଆ ଉତ୍ପାଦନ କରାଯାଏ । ଆମ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରଚୁର ନଡ଼ିଆଗଛ ଦେଖିବାକୁ ମିଳେ । ପୁରୀ ଜିଲ୍ଲାର ସାକ୍ଷୀଗୋପାଳରେ ଏଥିପାଇଁ ସ୍ୱତନ୍ତ୍ର ବଜାର ରହିଛି । ମହାଦେବଙ୍କ ତ୍ରିନୟନ ପରି ଶ୍ରୀଫଳର ମଧ୍ୟ ତିନୋଟି ଆଖି ଥାଏ । କିନ୍ତୁ ଏକ ଆଖି ନଡ଼ିଆ ଅତି ଶୁଭ ବୋଲି ବିଶ୍ୱାସ ରହିଛି । ଏହାକୁ ଠାକୁର ଘରେ ରଖି ପୂଜା କଲେ ଧନ ରତ୍ନର ବୃଦ୍ଧି ପାଏ ବୋଲି ବିଶ୍ୱାସ ରହିଛି ।

# ମାନବ ଶୃଙ୍ଖଳରେ ଶ୍ରୀଗଣେଶ ପ୍ରତିକୃତି

ଗଣେଶ ପୂଜା ଲାଗି ଉତ୍ସବମୁଖର ପୁରଠୁ ପଲ୍ଲୀ । ଇତିମଧ୍ୟରେ ଅନେକ ସ୍ଥାନରେ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଏବେବି ଅନେକ ପୂଜାମଣ୍ଡପରେ ବିଘ୍ନ ବିନାଶକ ପୂଜା ପାଉଛନ୍ତି । ତେବେ ଗଣେଶ ପୂଜା ଅବସରରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର୍ କରାଯାଇଛି । ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । କିଛି କଲେଜ ପିଲା ଏକତ୍ର ହୋଇ ଭଗବାନ ଗଣେଶଙ୍କର ଏକ ଆକର୍ଷଣୀୟ ରୂପ ତିଆରି କରିବାକୁ ଚେଷ୍ଟା କରିଛନ୍ତି । ଏହି ଯୁବକମାନେ ଏକ ବିଶାଳ ହ୍ୟୁମାନ ଚେନ୍ ବା ମାନବ ଶୃଙ୍ଖଳ ତିଆରି କରିଛନ୍ତି । ତେବେ ଗଣେଶଙ୍କର ଏକ ଆକର୍ଷଣୀୟ ଆକୃତି ତିଆରି କରିବା ଲାଗି ସେମାନେ ଏକତ୍ର ହୋଇଛନ୍ତି । ସେମାନେ ଏହି ପ୍ରତିକୃତିଟିକୁ ତିଆରି କରିବା ପାଇଁ ରଙ୍ଗୀନ ପୋଷାକ ମଧ୍ୟ ପିନ୍ଧିଛନ୍ତି । ଏହା ସେମାନଙ୍କର ଭକ୍ତି, ଏକତା ଏବଂ ସୃଜନାତ୍ମକ ଜ୍ଞାନ କୌଶଳକୁ ପ୍ରତିଫଳିତ କରିଛି । ଏହିପରି ଭାବେ ସେମାନେ ମନ୍ତ୍ରମୁଗ୍ଧ କଲା ଭଳି ଗଣେଶଙ୍କର ଏକ ସୁନ୍ଦର ପ୍ରତିମୂର୍ତ୍ତି କରିଛନ୍ତି । ଇନଷ୍ଟାଗ୍ରାମରେ ଏହାର ଭିଡିଓକୁ କେଶବ ଆର୍ ପେଟେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି । ଅନେକ ଏହାକୁ 'ଦିବ୍ୟ ଦୃଶ୍ୟ' ବୋଲି କହିଛନ୍ତି । ଅନ୍ୟପଟେ ଆଉ କେହି କେହି ଯୁବକମାନଙ୍କର ଏଭଳି ପ୍ରୟାସକୁ ପ୍ରଶଂସା କରିଛନ୍ତି ।



## ସୁବର୍ଣ୍ଣା

# ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବ ଗୋମିନି



ଭାରତ ଏକ କୃଷି ପ୍ରଧାନ ଦେଶ । ଏଠାରେ ଲୋକମାନେ ଚାଷ କାର୍ଯ୍ୟ ସହିତ ଗାଈ, ଛେଳି, କୁକୁଡ଼ା ଆଦି ପାଳନ କରି ଜୀବିକା ନିର୍ବାହ କରନ୍ତି । ହେଲେ ବର୍ତ୍ତମାନ ଗୋପାଳନ କରିବା କଷ୍ଟକର କାମ ଭାବି ଅନେକ ଏଥିରୁ ମୁହଁ ଫେରାଇ ନେଉଛନ୍ତି । ଆଉ କିଛି ଦେଶୀ ଗାଈ ବଦଳରେ ଜର୍ସି ଗାଈ ପାଳନରୁ ରୋଜଗାର କରୁଛନ୍ତି । ତେଣୁ ଆଧୁନିକ କୌଶଳରେ ଦେଶୀ ଗାଈ ସଂରକ୍ଷଣ ଦିଗରେ ସଚେତନ କରିବା, ସେମାନଙ୍କ ଦେଖାରଖା ତଥା ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ଗୋମିନି' ନାମକ ପ୍ଲାଟ୍‌ଫର୍ମ ଶୁଭାରମ୍ଭ ହୋଇଛି । ଗୋମିନିର ସଂସ୍ଥାପକ ତଥା ସିଇଓ ହେଉଛନ୍ତି ଅର୍ଜୁନ ଶର୍ମା । ସେ ଗୌରୀ ଶଙ୍କରଙ୍କ ସହିତ ମିଳିତ ଭାବେ ଏହି ମଡେଲ କରିଛନ୍ତି । ଏହା ଜରିଆରେ ସହରାଞ୍ଚଳବାସୀ ଗାଈ ସହିତ ଯୋଡ଼ି ହୋଇ ଶୁଦ୍ଧ ଏ୨ କ୍ଷୀର ଏବଂ ପଞ୍ଚଗବ୍ୟ ଉତ୍ପାଦ ପାଇପାରିବେ । ଅବଶ୍ୟ ଗୋମିନି ଏକ ସ୍ୱତନ୍ତ୍ର ମଡେଲ ଆପଣାଇଛି । ଯାହାକି ସହରୀ ପରିବାର ଗାଈର ମାଲିକ ହେଲେ ବି ଗାଈଙ୍କ ଦେଖାରଖା ଗ୍ରାମୀଣ ମହିଳା ଏବଂ ଚାଷୀମାନେ କରିବେ । ମହିଳାଙ୍କୁ ଏଥିପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ମଧ୍ୟ ଦିଆଯିବ । ଗାଈଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆର୍‌ଏଫ୍‌ଆଇଡି ଟ୍ୟାଗ୍ ଏବଂ ବ୍ଲକ୍‌ଚେନ୍ ଆଧାରିତ ଏନ୍‌ଏଫ୍‌ଟି ସହିତ ଯୋଡା ଯାଇଛି । ଗାଈମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଜାଣିବାକୁ ଆଇଓଟି ଉପକରଣ ଲଗାଯାଇଛି । ଏହା ସେମାନଙ୍କର ଖାଦ୍ୟପେୟ ଏବଂ ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖିବ । ଏଆଇ ଜରିଆରେ ମୋବାଇଲ୍ କିମ୍ବା କମ୍ପ୍ୟୁଟର ଯୋଗେ ଗାଈ ଅସୁସ୍ଥତା ଅନୁଭବକୁ ଦେଖି ମାଲିକ ପ୍ରାଥମିକ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେଇ ପାରିବେ । ଭବିଷ୍ୟତରେ 'ଗୋମିନି' ଲୋକଙ୍କୁ ସଶକ୍ତ କରିବା ସହ ଜୈବିକ ଚାଷକୁ ଅଧିକ ପ୍ରାଧାନ୍ୟ ଦେବ ।

# ଏ ମାସର ଚାଷ

**ଆମ ରାଜ୍ୟର ଅଧିକାଂଶ ଲୋକମାନେ ଚାଷ କାର୍ଯ୍ୟ କରି ଜୀବିକା ନିର୍ବାହ କରନ୍ତି । ତେବେ ସେପ୍ଟେମ୍ବର ମାସଟି ସବୁଜ ପନିପରିବା ଚାଷ ପାଇଁ ସବୁଠୁ ଉପଯୁକ୍ତ ସମୟ । ଏହି ମାସରେ କେଉଁ କେଉଁ ମୁଖ୍ୟ ଚାଷ କରାଯାଇପାରିବ ଜାଣିବା...**

ଧାନର ପିଲ ଦେବା, ଥୋଡ଼ ହେବା, ଫୁଲ ବାହାରିବା ଓ କ୍ଷୀର ଢୋକିବା ଅବସ୍ଥା ସଙ୍କଟକାଳୀନ ଅବସ୍ଥା । ଏହି ସମୟରେ ପାଣି ରହିବା ଏକାନ୍ତ ଆବଶ୍ୟକ ।

ମକା ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଜରୁରି । ଏମାସରେ ଡାଲିଜାତୀୟ ଫସଲରେ ପତ୍ରଛଦା ଓ ସିଁବାଳୁଆ ପୋକ ନିୟନ୍ତ୍ରଣ କରିବା ମୁଖ୍ୟକାର୍ଯ୍ୟ । ଅଳସୀ ବୁଣା ଶୀଘ୍ର ଶେଷ କରନ୍ତୁ ।

କପା ଫସଲରେ ବକରା ନ ଝଡ଼ିବା ପାଇଁ ପ୍ରତି ୪ରୁ ୫ ଲିଟର ପାଣିରେ ୧ ମିଲି ଏନ୍‌ଏଏ (ହରମୋନ୍) ମିଶାଇ ସିଞ୍ଚନ କରନ୍ତୁ । ଆଖୁ ଫସଲରେ ରୋଗପୋକ ପର୍ଯ୍ୟବେକ୍ଷଣ କରନ୍ତୁ । ଅନୁମୋଦିତ ନିୟନ୍ତ୍ରଣ ପ୍ରଣାଳୀ ଗ୍ରହଣ କରନ୍ତୁ । ରବି ଚାଷ ପାଇଁ ଫସଲ ଖସଡ଼ା ପ୍ରସ୍ତୁତ କରନ୍ତୁ । ମାଟିର ବତର ଦେଖି ଏ ମାସର ଶେଷ ସପ୍ତାହ ବେଳକୁ ଅଣଜଳସେଚିତ ସୋରିଷ ବୁଣିପାରିବେ ।

ଏହି ସମୟରେ ତାପମାତ୍ରା ମୁଖ୍ୟତଃ ୨୫ ଡିଗ୍ରୀ ସେଲ୍‌ସିୟସରୁ ୩୦ ଡିଗ୍ରୀ ମଧ୍ୟରେ ରହିଥାଏ । ତେଣୁ ଶୀତଦିନିଆ ପନିପରିବା ଚାଷ ପାଇଁ ଯଥା- ପତ୍ରକୋବି, ଫୁଲକୋବି, ସିମଳା ଲଙ୍କା, ବାଇଗଣ, ଲାଉ ଆଦି ପାଇଁ ତଳି ପକାନ୍ତୁ । ନର୍ସରୀ ପ୍ରସ୍ତୁତ କରିବାକୁ ମାଟିକୁ ଅତି କମ୍‌ରେ ଛଅ ଇଞ୍ଚ ଉଚ୍ଚରେ ଶଯ୍ୟା କରନ୍ତୁ । ବିହନ ବୁଣିବା ପରେ ଏହା ଉପରେ ବାଉଁଶର ସଂରଚନା କରି ପଲିଥିନ୍ ଢାଙ୍କି ଦେବା ଜରୁରି । ଏହା ଦ୍ୱାରା ଅଚାନକ ବର୍ଷା, ଅଧିକ ଆର୍ଦ୍ରତା, ରୋଗପୋକ ପ୍ରକୋପରୁ ଚାରାକୁ ସୁରକ୍ଷା ମିଳିଥାଏ ।



# ମାଟିର ଉର୍ବରତା ବଢ଼ାଏ ଲେମ୍ବୁ ଚୋପା

**ଚାଷ ପାଇଁ ଜଳ ଓ ଉର୍ବର ମାଟି ଅପରିହାର୍ଯ୍ୟ । ଏହା ଦ୍ୱାରା ଫସଲ ବୃଦ୍ଧି ଭଲ ହୁଏ । ହେଲେ ଗଛ ଲଗାଇବା ପୂର୍ବରୁ ମାଟି ପରିଚାଳନା ନ କଲେ ଫସଲରେ ରୋଗ ପୋକ ଲାଗିଥାଏ । ଏହା ଦ୍ୱାରା ଫସଲ ବୃଦ୍ଧିରେ ବାଧା ଉପୁଜିଥାଏ । ତେଣୁ ଫସଲକୁ ରୋଗପୋକ ଆକ୍ରମଣରୁ ରକ୍ଷା କରିବା ପାଇଁ ଅଳ୍ପ ଖର୍ଚ୍ଚରେ ଜୈବିକ ଉପାୟରେ ମାଟିର ଉର୍ବରକୁ ବଢ଼ାଇ ପାରିବେ । ଏଥିପାଇଁ ଲେମ୍ବୁ ଚୋପାର ବିଶେଷ ଭୂମିକା ରହିଛି । ଏହା ମଧ୍ୟ ପରିବେଶ ଅନୁକୂଳ ।**

- ଦୈନନ୍ଦିନ ବ୍ୟବହୃତ ଲେମ୍ବୁ ଚୋପା ବର୍ଜ୍ୟ ନୁହେଁ । ଏଥିରେ ନାଇଟ୍ରୋଜେନ୍, ଫସ୍‌ଫରସ୍, ପଟାସିୟମ ଆଦି ପୋଷକତତ୍ତ୍ୱ ରହିଥାଏ । ତେଣୁ ଲେମ୍ବୁ ଚୋପାକୁ ଶୁଖାଇ ତାକୁ ଗୁଣ୍ଡ କରି ମାଟିରେ ମିଶାଇବା ଦ୍ୱାରା ଗଛର ବିକାଶ ହୁଏ । ସେହିପରି ଲେମ୍ବୁ ଚୋପାର ସୁଗନ୍ଧରେ ପିମ୍ପୁଡି, ମାଛି ତଥା ଅନ୍ୟାନ୍ୟ କୀଟ ଦୂର ହୋଇଥାନ୍ତି ।
- ଲେମ୍ବୁ ଚୋପା ପକାଇବା ଦ୍ୱାରା ଖତ ଶୀଘ୍ର ସଢ଼ିବା ସହ ଏହାର ଗୁଣବତ୍ତା ଭଲ ରୁହେ । ତେଣୁ ଖତରେ ଲେମ୍ବୁ ଚୋପାକୁ ଛୋଟ ଛୋଟ ଖଣ୍ଡ କରି ପକାଇ ପାରିବେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଲେମ୍ବୁ ଖୋଳରେ ଅଳ୍ପ ମାଟି ଭର୍ତ୍ତି କରି ସେଥିରେ ବିହନ ରଖିବା ଦ୍ୱାରା ଚାରା ଅଙ୍କୁରିତ ହୋଇଥାଏ । ଏହା ପରେ ପୁରା ଲେମ୍ବୁ ଚୋପାକୁ ମାଟିରେ ପୋତି ପାରିବେ । ଟମାଟୋ, ଗୋଲାପ, ବ୍ଲୁବେରୀ, ଆଦି ଗଛ ଲଗାଇବାକୁ ଚାହୁଁଥିଲେ ମାଟିରେ ଲେମ୍ବୁ ଚୋପାର ଗୁଣ୍ଡ ମିଶାଇ ପାରିବେ । ଏହା ପ୍ରାକୃତିକ ରୂପେ ଅମ୍ଳକ୍ଷାରସ୍ତରକୁ ନିୟନ୍ତ୍ରଣ କରିଥାଏ ।
- କେବଳ ସେତିକି ନୁହେଁ, ଲେମ୍ବୁ ଚୋପାରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫଙ୍ଗାଲ ଗୁଣ ଥାଏ । ତେଣୁ ଚୋପାକୁ ଗୁଣ୍ଡ କରି ମାଟିରେ ମିଶାଇଲେ ଏହା ଚେରକୁ ସଢ଼ିବାକୁ ଦିଏ ନାହିଁ । ଫିମ୍ପିଜନିତ ସମସ୍ୟା ଦୂର କରିଥାଏ ।



## କୃଷି ପାଠଶାଳା

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରିଦିଅନ୍ତୁ । ବର୍ଷାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକ ପ୍ରୟୋଗ ସାମୁହିକ ସ୍ଥଗିତ ରଖନ୍ତୁ । ଶସ୍ୟଜାତୀୟ ଫସଲ, ମକା, ଚିନାବାଦାମ ଏବଂ ପନିପରିବା ଆଦି ଚାଷ ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡ଼ା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି । ତେଣୁ ବର୍ଷା ଛାଡ଼ିଗଲା ପରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ ।
- ଶୁଖିଲା ପାଗ ଦେଖି ଆଖୁ ଫସଲରେ ନାଲି ଶଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି କାର୍ବେଣ୍ଡାଜିମ୍ ୧୨% +ମାଙ୍କୋଜେବ ୬୩% ଡବ୍ଲ୍ୟୁ ପି, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ମାଛ ପୋଖରୀରୁ ଅଧିକ ଜଳ ନିଷ୍କାସନ କରନ୍ତୁ । ମାଛ ଯେପରି ବାହାରକୁ ନ ଆସିବେ ତାର ଯତ୍ନ ନିଅନ୍ତୁ । ଶିକାରୀ ଓ ଅଦରକାରୀ ମାଛ ନିରାକରଣ ପାଇଁ ହେକ୍ଟର ପ୍ରତି ୧.୫ କେଜି ମହୁଆ କେକ ୧ ମିଟର ଗଭୀର ପାଣିରେ ପ୍ରୟୋଗ କରନ୍ତୁ ।



## ଏସିଆ କପ୍ ହକି

# ଲିଗ୍ ଶୀର୍ଷରେ ଭାରତ, ମାଲେସିଆ




ରାଜଗିର,୧।୯ (ଏଜେନ୍ସି)

ବିହାର ୟୁନିଭର୍ସିଟି ସ୍ପୋର୍ଟ କମ୍ପ୍ଲେକ୍ସଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ଆଜି ଖେଳାଯାଇଥିବା ପୁଲ୍-ଏ'ର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ୧୫-୦ ଗୋଲ ବ୍ୟବଧାନରେ କାଜାଖସ୍ଥାନକୁ ପରାସ୍ତ କରି ଶୀର୍ଷସ୍ଥାନ ହାସଲ କରିଛି। ପୂର୍ବରୁ ଜାପାନକୁ ଗୋଲ ବ୍ୟବଧାନରେ ପଛରେ ପକାଇ ଚୀନ୍ ଦ୍ୱିତୀୟସ୍ଥାନ ଅଧିକାର କରିଥିଲା। ଗ୍ରୁପ-ଏ'ର ମୁକାବିଲା ପୂର୍ବରୁ ଗ୍ରୁପ୍-ବି'ର ସମସ୍ତ ଲିଗ୍ ମ୍ୟାଚ୍ ଶେଷ ହୋଇଥିଲା। ଏଥିରେ ମାଲେସିଆ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ପ୍ରଥମ ଓ ଦକ୍ଷିଣ କୋରିଆ ୨ଟି ମ୍ୟାଚ୍ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହା ଫଳରେ ବୁଧବାରଠାରୁ ଆରମ୍ଭ ହେଉଥିବା ସୁପର-୪ ମୁକାବିଲା ଲାଗି ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ଯଥାକ୍ରମେ ଗ୍ରୁପ୍-ଏ'ରୁ ଭାରତ ଓ ଚୀନ୍, ଗ୍ରୁପ୍-ବି'ରୁ ମାଲେସିଆ ଓ ଦକ୍ଷିଣ କୋରିଆ ସୁପର-୪ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

### ● ଘରୋଇ ଦଳର ହ୍ୟାଟ୍ରିକ୍ ବିଜୟ

ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବା ଭାରତ ଗ୍ରୁପ୍-ଏ'ରେ ୩ଟି ଯାକ ମ୍ୟାଚ୍ ଜିତି ହ୍ୟାଟ୍ରିକ୍ ବିଜୟ ହାସଲ କରିଛି। ଆଜି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ଦଳ କାଜାଖସ୍ତାନକୁ ୧୫-୦ ବିରାଟ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ଏହି ମୁକାବିଲାରେ ଭାରତ ପକ୍ଷରୁ ଅଭିଷେକ ୪ଟି, ଜୁଗରାଜ ସିଂହ ଓ ସୁଖଜିତ ସିଂହ ୩ଟି ଲେଖାଏଁ ଗୋଲ ଦେଇଥିଲେ। ଭାରତ ପ୍ରଥମ ମ୍ୟାଚ୍‌ରେ ଚୀନ୍‌କୁ ୪-୩, ଜାପାନକୁ ୩-୨ ଗୋଲରେ ପରାସ୍ତ କରି କଷ୍ଟସାଦ୍ଧ ବିଜୟ ହାସଲ କରିଥିଲା। ଏହି ଦୁଇଟି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ହରମନପ୍ରୀତ୍ ସିଂହ ପ୍ରଥମରେ ୩ଟି ଓ ଦ୍ୱିତୀୟରେ ୨ଟି ଗୋଲ ସ୍କୋର କରିଥିଲେ। ଶେଷ ମ୍ୟାଚ୍‌ରେ କାଜାଖସ୍ଥାନକୁ ପରାସ୍ତ କରି ଭାରତ ହ୍ୟାଟ୍ରିକ୍ ବିଜୟ ସହ ପ୍ରଥମ ସ୍ଥାନରେ ରହି ସୁପର-୪କୁ ଉନ୍ନିତ ହୋଇଛି। ସେହିପରି ଚୀନ୍ ପ୍ରଥମ ମ୍ୟାଚ୍‌ରେ ଭାରତଠାରୁ ହାରିଯିବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ୧୩-୧ ଗୋଲ ବ୍ୟବଧାନରେ କାଜାକସ୍ତାନକୁ ପରାସ୍ତ କରିଥିଲା। ଶେଷରେ ଶକ୍ତିଶାଳୀ ଜାପାନ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖି ଚୀନ୍ ଗ୍ରୁପ୍-ଏ' ପଏଣ୍ଟ ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଉଭୟ ଚୀନ ଓ ଜାପାନ ଦଳର ପଏଣ୍ଟ ସଂଖ୍ୟା ସମାନ ହୋଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ଚୀନ୍ ବହୁ ଆଗରେ ରହିଥିଲା। ଚୀନ୍ ୧୮ଟି ଗୋଲ ଦେଇ ୭ଟି ଗୋଲ ବରଣ କରିଥିଲାବେଳେ ଜାପାନ ୧୧ଟି ଗୋଲ ଦେଇ ୫ଟି ଗୋଲ ବରଣ କରିଥିଲା। ଏଣୁ ଚୀନ୍‌ର ଗୋଲ ବ୍ୟବଧାନ +୧୧ ଓ ଜାପାନର +୬ ହୋଇଥିଲା।

### ● ମାଲେସିଆ-୧, କୋରିଆ-୨

ଗ୍ରୁପ୍-ବି'ରେ ମାଲେସିଆ ତାହାର ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛି। ଏହି ଦଳ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବାଂଲାଦେଶ ଓ ଦକ୍ଷିଣ କୋରିଆକୁ ୪-୧ ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ଆଜି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ମାଲେସିଆ ୧୫-୦ ଗୋଲରେ ଚାଇନିଜ୍ ତାଇପେକୁ ପରାସ୍ତ କରି ହ୍ୟାଟ୍ରିକ୍ ବିଜୟ ସହ ଗ୍ରୁପ୍-ବି'ରେ ପ୍ରଥମସ୍ଥାନ ଅଧିକାର କରିଥିଲା। ସେହିପରି ଦକ୍ଷିଣ କୋରିଆ ଆଜି ୫-୧ରେ ବାଂଲାଦେଶକୁ ଓ ୭-୦ରେ ଚାଇନିଜ୍ ତାଇପେକୁ ପରାସ୍ତ କରି ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ବୁଧବାରଠାରୁ ସୁପର-୪ ମୁକାବିଲା ହେବ। ଏଥିରେ ପ୍ରତ୍ୟେକ ଦଳ ଅନ୍ୟ ସହ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ସୁପର-୪'ରେ ପ୍ରଥମ ୨ଟି ସ୍ଥାନ ଅଧିକାର କରିଥିବା ଦଳ ମଧ୍ୟରେ ଫାଇନାଲ ମୁକାବିଲା ସେପ୍ଟେମ୍ବର ୭ରେ ଖେଳାଯିବ।

### ● ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ଚାମ୍ପିଅନ ଦଳ ପାଇବ ୩୯.୪ କୋଟି



ଦୁବାଇ, ୧।୯ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ତେବେ ଏହି ମେଗା ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସି ଏକ ବଡ଼ ନିଷ୍ପତ୍ତି ନେଇଛି। ଆଇସିସି ଏଥର ମହିଳା ବିଶ୍ୱକପ୍‌ର ପୁରସ୍କାର ରାଶିରେ ଆଶାତୀତ ବୃଦ୍ଧି କରିଛି। ଏଥର ରେକର୍ଡ ମୋଟ୍ ୧୨୨ କୋଟି ୪୧ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ମହିଳା ବିଶ୍ୱକପ୍ ଇତିହାସରେ ଏହା ସର୍ବକାଳୀନ ପୁରସ୍କାର ରାଶି ଭାବେ ଲିପିବଦ୍ଧ ହୋଇଛି। ସେହିଭଳି ଗତ ସଂସ୍କରଣ ତୁଳନାରେ ଏଥର ପୁରସ୍କାର ରାଶି ପାଖାପାଖି ୪ ଗୁଣା ବୃଦ୍ଧି ହୋଇଛି। ୨୦୨୨ରେ ନ୍ୟୁଜିଲାଣ୍ଡରେ ଆୟୋଜିତ ପୂର୍ବ ସଂସ୍କରଣରେ ମୋଟ୍ ୩୦ କୋଟି ୮୬ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଏଥର ଯେଉଁ ଦଳ ବିଶ୍ୱକପ୍ ବିଜୟୀ ହେବ ଟ୍ରଫି ସହ ୩୯.୫୦ କୋଟି ଟଙ୍କା ପାଇବ। ରନର୍ସଅପ୍ ହୋଇଥିବା ଦଳ ୧୯.୭୫ କୋଟି ଟଙ୍କା ସାଙ୍ଗରେ ନେବ। ସେହିଭଳି ସେମିଫାଇନାଲରେ ଦୁଇ ପରାଜିତ ଦଳକୁ ୯.୮୭ କୋଟି ଟଙ୍କା ମିଳିବ। ୨୦୨୨ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିବା ଅଷ୍ଟ୍ରେଲିଆ ମହିଳା ଦଳ ୧୧.୬୯ କୋଟି ଟଙ୍କା ପାଇଥିଲା। ମହିଳା କ୍ରିକେଟକୁ ପୁରୁଷଙ୍କ ସହ ସମାନ ମାନ୍ୟତା ଦେବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଛି। ଏହା ମହିଳା କ୍ରିକେଟ୍‌କୁ ଏକ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ଆଇସିସି ଅଧ୍ୟକ୍ଷ ଜୟ ଶାହା କହିଛନ୍ତି।

# ମନ୍ତ୍ରୀ ହେବେ ଆଝାରୁଦ୍ଦିନ !

ହାଇଦରାବାଦ, ୧।୯ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନା ସରକାରଙ୍କ କ୍ୟାବିନେଟରେ ସାମିଲ ହୋଇପାରନ୍ତି। ରାଜ୍ୟପାଳ କୋଟା ଅନୁଯାୟୀ ୬୨ ବର୍ଷୀୟ ଆଝାରୁଦ୍ଦିନଙ୍କୁ ବିଧାନ ପରିଷଦକୁ ମନୋନୀତ କରାଯାଇଛି। ଯାହାକୁ ନେଇ ଏହି ମହାନ କ୍ରିକେଟର୍ ତେଲଙ୍ଗାନା ସରକାରରେ ମନ୍ତ୍ରୀ ପଦ ପାଇବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ନିକଟରେ ଜୁବଲି ହିଲ୍ସ ବିଧାନସଭା କ୍ଷେତ୍ର ଲାଗି ହେବାକୁ ଥିବା ଉପନିର୍ବାଚନ ପାଇଁ ଆଝାରୁଦ୍ଦିନ ନିଜକୁ କଂଗ୍ରେସ ଆଶାୟୀ ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ। ପ୍ରକାଶଯୋଗ୍ୟ, ବର୍ତ୍ତମାନ ତେଲଙ୍ଗାନା ସରକାରରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କୁ ମିଶାଇ ୧୪ଜଣ ମନ୍ତ୍ରୀ ରହିଛନ୍ତି। ୩ଟି ମନ୍ତ୍ରୀ ପଦ ଖାଲି ପଡ଼ିଛି। ତେଣୁ ୬୨ ବର୍ଷୀୟ ଆଝାରୁଦ୍ଦିନଙ୍କୁ ମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଭାରତ ପାଇଁ ୯୯ ଟେଷ୍ଟ ଓ ୩୩୪ ଦିନିକିଆ ମ୍ୟାଚ୍ ଖେଳିଥିବା ଆଝାରୁଦ୍ଦିନ ୨୦୦୯ରେ କଂଗ୍ରେସ ଟିକଟ୍‌ରେ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।

# ବ୍ରୋଙ୍କୋ ଟେଷ୍ଟରେ ରୋହିତ ପାସ୍

ନୂଆଦିଲ୍ଲୀ,୧।୯ (ଏଜେନ୍ସି): ଖେଳାଳିଙ୍କ ଫିଟ୍‌ନେସ ଲାଗି ଗ୍ରହଣ କରାଯାଇଥିବା ଅତ୍ୟାଧୁନିକ ବ୍ରୋଙ୍କୋ ଟେଷ୍ଟରେ ଷ୍ଟାର କ୍ରିକେଟର ରୋହିତ ଶର୍ମା ପାସ୍ କରିଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହି କଠିନ୍ ଟେଷ୍ଟରେ ତାଙ୍କୁ ଫସାଇ ଦିଆଯିବ ବୋଲି ସମର୍ଥକମାନେ ଆଶଙ୍କା ପ୍ରକାଶ କରିଥିଲେ। ଏବେ କିନ୍ତୁ ସମସ୍ତ କଳ୍ପନା ଜଳ୍ପନାକୁ ପ୍ରତିହତ କରି ରୋହିତ ଏହି ଟେଷ୍ଟରେ ପାସ୍ ହେବା ପରେ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଖେଳିବା ନେଇ ସ୍ପଷ୍ଟ ହୋଇଛି। ରୋହିତ କେବଳ ଭାରତ ପକ୍ଷରୁ ଦିନିକିଆ କ୍ରିକେଟ ଖେଳୁଛନ୍ତି।

# ନୂଆଦିଲ୍ଲୀରେ ୨୦୨୬ ୱାର୍ଲ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍


ନୂଆଦିଲ୍ଲୀ,୧।୯ (ଏଜେନ୍ସି): ନୂଆଦିଲ୍ଲୀରେ ୨୦୨୬ ୱାର୍ଲ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଆସନ୍ତା ଅଗଷ୍ଟ ମାସରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଭାରତରେ ଦ୍ୱିତୀୟଥର ଖେଳାଯିବ। ପୂର୍ବରୁ ହାଇଦ୍ରାବାଦ୍‌ରେ ୨୦୦୯ରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା।

# କାଇଟ୍ ସର୍ଫିଙ୍ଗରେ ଓଡ଼ିଶାକୁ ୩ ପଦକ

ଭୁବନେଶ୍ୱର, ୧।୯ (ସମିସ): ତାମିଲନାଡୁରେ ଅନୁଷ୍ଠିତ କାଇଟ୍ ସର୍ଫ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ୩ ପଦକ ମିଳିଛି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ରହିଛି। ଓଡ଼ିଶା ୟାଟିଂ ଆସୋସିଏସନରୁ ପ୍ରତିନିଧିତ୍ୱ କରି ସୌମ୍ୟଜିତ୍ ରୟ ଓ ଲୀନାରାଣୀ ଗଙ୍ଗଦେବ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଉଭୟ ୧୬ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ଭାଗନେଇଥିଲେ। ସେହିଭଳି ସିନିଅର ବର୍ଗରେ ନରେଶ ମଙ୍ଗରାଜ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ।

## ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ୍

# ଜୋକୋଭିଚ୍-ଫ୍ରିଜ୍, ଆଲ୍‌କାରାଜ୍-ଲେହେକା କ୍ୱାର୍ଟର ମୁକାବିଲା






ନ୍ୟୁୟର୍କ,୧।୯ (ଏଜେନ୍ସି): ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ପ୍ରତିଯୋଗିତାର ପ୍ରଥମ ଦୁଇଟି କ୍ୱାର୍ଟର ଫାଇନାଲରେ କିଏ କାହା ସହ ମୁକାବିଲା କରିବେ ତାହା ସ୍ଥିର ହୋଇଯାଇଛି। ମଙ୍ଗଳବାର ରାତିରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ସ୍ପେନ୍‌ର କାର୍ଲୋସ୍ ଆଲକାରାଜ ଓ ଚେକ ରିପବ୍ଲିକ୍‌ର ଜିରି ଲେହେକାଙ୍କ ମଧ୍ୟରେ ଖେଳାଯିବ। ସେହିପରି ଦ୍ୱିତୀୟ କ୍ୱାର୍ଟରଫାଇନାଲରେ ଚତୁର୍ଥ ସିଡ ଆମେରିକାର ଟେଲର ଫ୍ରିଜ୍‌ଙ୍କ ସହ ୨୫ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଦୌଡ଼ରେ ଥିବା ୭ମ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ମୁକାବିଲା ହେବ। ଆଜି ରାତିରେ ଅବଶିଷ୍ଟ ୪ଟି ଚତୁର୍ଥ ରାଉଣ୍ଡ ମୁକାବିଲା ପରେ କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହେବ। ଏହା ମଧ୍ୟରୁ ପ୍ରଥମ ମୁକାବିଲାରେ ୮ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କ ସହ ଅଣସିଡେଡ ଖେଳାଳି ସ୍ୱିଜରଲାଣ୍ଡର ଲିଆଣ୍ଡ୍ରୋ ରିଏଡିଙ୍କର ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ୧୦ମ ସିଡ ଇଟାଲୀର ଲୋରେଞ୍ଜୋ ମୁସେଟୀଙ୍କ ସହ ସ୍ପେନ୍‌ର ଅଣସିଡେଡ ଖେଳାଳି ସ୍ପେନ୍‌ର ଜୁଆମ ମୁନାରଙ୍କ ମଧ୍ୟରେ ଖେଳାଯିବ। ଟପ୍ ସିଡ୍ ଜାନିକ ସିନ୍ନର ଓ ଆନ୍ଦ୍ରେ ରୁବ୍‌ଲେଭ ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରେ ବିଳମ୍ବିତ ରାତ୍ରିରେ ଲଢ଼େଇ କରିବେ।

### କ୍ୱାର୍ଟରରେ ସାବାଲେଙ୍କା, ପେଗୁଲା

ମହିଳା ବିଭାଗରେ ଟପ୍ ସିଡ ଆରିନା ସାବାଲେଙ୍କା ଓ ଚତୁର୍ଥ ସିଡ ଜେସିକା ପେଗୁଲା ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ବେଲାରୁଷର ସାବାଲେଙ୍କା ସହ ୨୬ ବର୍ଷିୟା ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋଣ୍ଡ୍ରୋଉସୋଭାଙ୍କର ଓ ଆମେରିକାର ପେଗୁଲାଙ୍କ ସହ ଚେକ୍ ରିପବ୍ଲିକ୍‌ର ବାର୍ବୋରୋ କ୍ରେଜିକୋଭାଙ୍କର ମୁକାବିଲା ହେବ। ଅନ୍ୟ ଦୁଇଟି ଚତୁର୍ଥ ରାଉଣ୍ଡ ମୁକାବିଲା ଆଜି ରାତିରେ ଖେଳାଯାଉଛି। ଏଥିରେ ୧୧ତମ ସିଡ୍ କାରୋଲିନା ମୁଚୋଭାଙ୍କ ସହ ୨୭ ନମ୍ବର ସିଡ ମାର୍ତ୍ତା କୋଷ୍ଟ୍ୟୁକଙ୍କର ଏବଂ ଶେଷ ମ୍ୟାଚ୍‌ରେ ୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ସହ ୧୮ତମ ସିଡ୍ ବ୍ରାଜିଲ୍‌ର ବିଏଟ୍ରିଜ୍ ହାଦାଦ ମାଇଆଙ୍କର ମୁକାବିଲା ହେବ।

# ରାଜ୍ୟ ବନ୍ଧୁକଚାଳନା ଉଦ୍‌ଘାଟିତ




ଭୁବନେଶ୍ୱର, ୧।୯ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ସୁଟିଂ ରେଞ୍ଜରେ ୧୪ତମ ରାଜ୍ୟ ବନ୍ଧୁକଚାଳନା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୨୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ସୁଟର୍ ଅଂଶଗ୍ରହଣ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ୫୦ ମିଟର ରାଇଫଲ୍ ପ୍ରୋନ, ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ, ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ, ୨୫ ମିଟର ସ୍ପୋର୍ଟ ପିସ୍ତଲ ଓ ୨୫ ମିଟର ସେନଟର୍ ପିସ୍ତଲ ପ୍ରତିଯୋଗିତା ୨ ଦିନ ଧରି ଚାଲିବ। ସେହିଭଳି ଉତ୍କଳ କରାଟେ ସ୍କୁଲଠାରେ ୧୦ ମିଟର ଏୟାର ରାଇଫଲ୍ ଓ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟ ସେପ୍ଟେମ୍ବର ୩ ଓ ୪ ଦୁଇଦିନ ଧରି ଆୟୋଜିତ ହେବ ବୋଲି ଜଣାପଡ଼ିଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଇଫଲ୍ ସଂଘର ସଭାପତି ସୁଶ୍ରୀ ଗୌରୀ ମହାନ୍ତି, ଉପସଭାପତି ଇଂ ଚିତ୍ତରଞ୍ଜନ ଓ ରୋମିକାନ୍ତ ନନ୍ଦ, ଯୁଗ୍ମ ସମ୍ପାଦକ ଆଶିଷ ନାୟକ, କୋଷାଧକ୍ଷ ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସୁଟର୍ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ।

## ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଖେଳାଳି ସଂଘ

# ନବରଞ୍ଜନ ସଭାପତି; ପ୍ରଫୁଲ୍ଲ ସମ୍ପାଦକ




ଭୁବନେଶ୍ୱର, ୧।୯ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏସନର ୩ୟ ସାଧାରଣ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଚଳିତ ବର୍ଷ ନିମନ୍ତେ ନବରଞ୍ଜନ ପଟ୍ଟନାୟକ ସଭାପତି, ପ୍ରଫୁଲ୍ଲ କୁମାର ମିଶ୍ର ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିଭଳି ଉପସଭାପତି ଭାବେ ବିରଞ୍ଚି ନାରାୟଣ ମହାନ୍ତି, ବିବେକାନନ୍ଦ ଦାସ, ସୁକାନ୍ତ ଆଚାର୍ଯ୍ୟ, ପ୍ରଦୀପ କୁମାର ବଳିୟାରସିଂ ଓ ପ୍ରଦୀପ କୁମାର ଦଣ୍ଡପାଟଙ୍କୁ ମନୋନୀତ କରାଯାଇଛି। ଚିନ୍ମୟ କୁମାର ଦାଶ ଓ ପ୍ରଶାନ୍ତ କୁମାର ପ୍ରଧାନ ସହ-ସମ୍ପାଦକ, ଶ୍ରୀମନ୍ତ କୁମାର ମହାନ୍ତି କୋଷାଧ୍ୟକ୍ଷ ଏବଂ ଶ୍ରୀକାନ୍ତ ସାହୁ, ବିଳାସ ଚନ୍ଦ୍ର ବେହେରା, ଅଶୋକ କୁମାର ରାଉତରାୟ, ମଧୁସୂଦନ ଦାସ, ପ୍ରଦୀପ କୁମାର ଦାସ, ଦେବାଶିଷ ନାୟକ, ପ୍ରସନ୍ନ ଦାସ, ମହେଶ୍ୱର ସିଂ ଓ ବିଜୟ ବେହେରା କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି ଅଧିବେଶରେ ୫୦ରୁ ଉର୍ଦ୍ଧ୍ୱ ସଂଖ୍ୟାରେ ପୁରାତନ ଖେଳାଳି ଉପସ୍ଥିତ ରହିଥିଲେ।

## ବିଶ୍ୱ ଚ୍ୟାଲେଞ୍ଜ କପ୍

# ଓଡ଼ିଶା ଏଚ୍‌ପିସିରୁ ଭାଗନେବେ ୪ ଜିମ୍ନାଷ୍ଟ




ଭୁବନେଶ୍ୱର, ୧।୯ (ସମିସ)

ଫ୍ରାନ୍ସ ଓ ହଙ୍ଗେରୀରେ ଏଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ଜିମ୍ନାଷ୍ଟିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ୧୧ ଜଣିଆ ଭାରତୀୟ ଦଳ ଫ୍ରାନ୍ସ ଯାତ୍ରା କରିଛି। ଏହି ଦଳରେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚ୍‌ପିସିର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ତପନ ମହାନ୍ତି, ପ୍ରଣତୀ ନାୟକ, ତପେଶ୍ୱରନାଥ ଦାସ ଓ ତନୁ। ଜୁଲାଇ ୨୨ରୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଓଡ଼ିଶା ଏଏମ୍/ଏନ୍ଏସ୍ ଜିମ୍ନାଷ୍ଟିକ୍ସ ଏଚ୍‌ପିସିରେ ଜାତୀୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଏହି ୪ଜଣ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ତପନ ଓ ତପେଶ୍ୱର ସେପ୍ଟେମ୍ବର ୧୩ରୁ ପ୍ୟାରିସରେ ହେବାକୁ ଥିବା ବିଶ୍ୱ ଚ୍ୟାଲେଞ୍ଜ କପ୍‌ର ପୁରୁଷ ଜିମ୍ନାଷ୍ଟିକ୍ସରେ ଭାଗନେବେ। ଏହାପରେ ଉଭୟ ସେପ୍ଟେମ୍ବର ୨୬ରୁ ହଙ୍ଗେରୀରେ ହେବାକୁ ଥିବା ଇଭେଣ୍ଟରେ ମଧ୍ୟ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ସେହିଭଳି ପ୍ରଣତୀ ଓ ତନୁ ହଙ୍ଗେରୀର ଚ୍ୟାଲେଞ୍ଜ କପ୍‌ର ମହିଳା ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ଅଶୋକ କୁମାର ମିଶ୍ର ପ୍ୟାରିସରେ ହେବାକୁ ଥିବା ଫରେନ ଏକ୍ସପୋଜର କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି।

# ଜାତୀୟ ବାହୁକୁସ୍ତିରେ ଚନ୍ଦନ 'ଚାମ୍ପିଅନ ଅଫ୍ ଚାମ୍ପିଅନ'



ଭୁବନେଶ୍ୱର, ୧।୯ (ସମିସ): ପଞ୍ଜାବର ଲୁଧିଆନାରେ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାର ୪୭ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକର ଚନ୍ଦନ ମହାପାତ୍ର ଉଭୟ ୟୁଥ୍ ଓ ସିନିଅରବର୍ଗରେ 'ଚାମ୍ପିଅନ ଅଫ୍ ଚାମ୍ପିଅନ' ହୋଇଛନ୍ତି। ଚନ୍ଦନ ୧୦୦ କିଗ୍ରା ଡାହାଣ ହସ୍ତ ୟୁଥ୍ ଓ ସିନିଅରରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ଅଫଜଲ ଅଲି, ଫୈଜାନ ଅହମ୍ମଦ, ଆଲୋକ ମହାପାତ୍ର, ପ୍ରବୀର ଷଡ଼ଙ୍ଗୀ କାଂସ୍ୟ ପଦକ ହାସଲ କରିଥିଲେ। ମାଷ୍ଟର୍ସ ବର୍ଗରେ ନିର୍ମଳ ସାହୁ ସ୍ୱର୍ଣ୍ଣ, ସାଗର ନାୟକ ରୌପ୍ୟ, ସନତ ମାହାର କାଂସ୍ୟ ଓ ଭିନ୍ନକ୍ଷମ ବର୍ଗରେ ଶୁଭଜିତ୍ ପାଢ଼ୀ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
| --- | --- |
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS